R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୫୩
ତିଥି: ନବମୀ
୨୦ ଜୁନ୍ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 253
20 June 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

- ₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**
- ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**
- ବରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**
- ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**
- ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

**୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର**

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାତି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/13/0713/2526 DADLS-34




ଜନ୍ମଦିନ ଶୁଭେଚ୍ଛା

# ଜନଜାତି ମାଟିର ଜ୍ୟୋତି ମହାମହିମ ଦ୍ରୌପଦୀ ମୁର୍ମୁ



ମୋହନ ଚରଣ ମାଝୀ

ଆଜି ତାଙ୍କ ଜନ୍ମଦିନରେ ମନେପଡେ, ସେଇ ସବୁ ପୁରୁଣା ଦିନର କଥା, ଯେତେବେଳେ ଶ୍ରୀମତୀ ମୁର୍ମୁ ମୋତେ କେବଳ ରାଜନୀତି ବିଷୟରେ ନୁହେଁ, ପାରିବାରିକ ଓ ସାମାଜିକ ସଦ୍ଭାବ ବିଷୟରେ ବୁଝାଉଥିଲେ । ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ମତ ବିନିମୟ କରୁଥିଲେ । ଜଣେ ସଚ୍ଚୋଟ, ସରଳ ଓ ସ୍ନେହୀ ମଣିଷ ଭାବେ ପରକୁ ଆପଣାର କରିବା ଥିଲା ଶ୍ରୀମତୀ ମୁର୍ମୁଙ୍କର ସବୁଠୁ ବଡ ଉପଲବ୍ଧି ।

ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ହୋଇଥିଲା ୨୦ ଜୁନ ୧୯୫୮ରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକ୍ ଅନ୍ତର୍ଗତ ଉପରବେଡ଼ା ଗ୍ରାମରେ, ଏକ ସାଧାରଣ ଆଦିବାସୀ ସାନ୍ତାଳ ପରିବାରରେ । ଗରିବ ଆଦିବାସୀ ସାନ୍ତାଳୀ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ବାପା ବିରଞ୍ଚି ନାରାୟଣ ଟୁଡୁ ଝିଅର ପାଠପଢ଼ା କ୍ଷେତ୍ରରେ ଆଦୌ ଅବହେଳା କରିନଥିଲେ । ଆଦିବାସୀ ଝିଅ ହୋଇଥିଲେ ମଧ୍ୟ ଠିକ୍ କଥାରେ କେବେ ବି ସେ ପଛଘୁଞ୍ଚା ଦେଉ ନ ଥିଲେ ।

ସେତେବେଳର ଆଦିବାସୀ ହଷ୍ଟେଲ ମାଟ୍ରନ୍ ବ୍ରଜେଶ୍ୱରୀ ମିଶ୍ରଙ୍କ ସ୍ନେହ, ଅର୍ଥନୀତି ଅଧ୍ୟାପିକା କାନନ ମଞ୍ଜରୀ ମିଶ୍ରଙ୍କ ପାଠପଢ଼ା ଶୈଳୀକୁ ସେ ସର୍ବଦା ପ୍ରଶଂସା କରିଛନ୍ତି । ହଷ୍ଟେଲ ମେସ୍‌ର ପରିଚାଳନା ଦାୟିତ୍ୱରେ ବି ସେ ରହିଥିଲେ । ଛାତ୍ରୀ ଜୀବନରୁ ସେ ବେଶ୍ ନିର୍ଭିକ ଥିଲେ, କିନ୍ତୁ ପାଠ ପଢ଼ିବା ଲାଗି ତାଙ୍କ ଜୀବନ ଥିଲା ସଂଘର୍ଷମୟ । ଭଲ ପଢୁଥିବା ସତ୍ତ୍ୱେ, ଆର୍ଥିକ ଅନଟନ ଯୋଗୁଁ ଅଧିକ ପଢିବାର ତାଙ୍କର ଯେଉଁ ଇଚ୍ଛା ଥିଲା, ତାଙ୍କର ସେ ସ୍ୱପ୍ନ ପୂରଣ ହୋଇ ପାରି ନଥିଲା ।

୧୯୭୯ରେ ସଚିବାଳୟରେ ଚାକିରି ପାଇବାର କିଛି ମାସ ମଧ୍ୟରେ ବିବାହ ହୋଇଥିଲା ବ୍ୟାଙ୍କ ଅଫିସର ଶ୍ୟାମଚରଣ ମୁର୍ମୁଙ୍କ ସହ । ମାତ୍ର ସଚିବାଳୟରେ ବେଶି ଦିନ ସେ ଚାକିରି କରିପାରି ନ ଥିଲେ । ପରିବାରର ବିଭିନ୍ନ ସମସ୍ୟା ତାଙ୍କ ଚଲାପଥରେ ପ୍ରତିବନ୍ଧକ ସାଜିଲା । କିନ୍ତୁ, ବିଧିର ବିଧାନ ଥିଲା କିଛି ଅଲଗା । ଚାକିରି ଛାଡ଼ି ପରିଣତ ବୟସରେ ଉପନୀତ ଶାଶୁ, ଶ୍ୱଶୁରଙ୍କ ଯତ୍ନ ନେବା ଲାଗି ଭୁବନେଶ୍ୱରରୁ ଗାଁକୁ ଫେରିଥିଲେ । ପରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରିବାର ସୁଯୋଗ ମିଳିଲା ଏବଂ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ସେଠାରେ ସେ ଶିକ୍ଷାଦାନ କରିଥିଲେ ।

ପରବର୍ତ୍ତୀ ସମୟରେ ରାଜନୀତିରେ ପାଦ ଥାପିଥିଲେ । ରାଜନୈତିକ ଜୀବନ ଆରମ୍ଭ କରିବା ପରେ, ଦ୍ରୌପଦୀ ମୁର୍ମୁ ୧୯୯୭ ମସିହାରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ ।

ଗ୍ରାମ ପଞ୍ଚାୟତରୁ ଆରମ୍ଭ କରି ବିଧାୟକ ଏବଂ ପରେ ମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କ ଉତ୍କର୍ଷ ଅଗ୍ରଗତି ଜଣେ ସଫଳ ନେତ୍ରୀ ଭାବରେ ତାଙ୍କୁ ଉଦ୍ଭାସିତ କଲା । ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶା ସରକାରରେ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇ ଥିଲେ । ତେବେ ରାଜନୀତିରେ ସଫଳତାର ଶିଖର ଛୁଇଁଥିଲେ ବି ତାଙ୍କ ପାରିବାରିକ ଜୀବନ ବେଶ୍ ଦୁଃଖମୟ ଥିଲା । ସ୍ୱାମୀ ଓ ଦୁଇ ପୁଅଙ୍କୁ ଅସମୟରେ ହରାଇଥିଲେ ଶ୍ରୀମତୀ ମୁର୍ମୁ । ବ୍ୟକ୍ତିଗତ ଜୀବନରେ ଏହି ଅପୂରଣୀୟ କ୍ଷତି ସତ୍ତ୍ୱେ ସେ ଜନସେବା ଛାଡ଼ିନଥିଲେ ।

କ୍ଷମତା ଓ ପ୍ରତ୍ୟକ୍ଷ ରାଜନୀତିରୁ ବେଶ୍ କିଛି ବର୍ଷ ଦୂରେଇ ରହିବା ପରେ ୨୦୧୫ ମସିହା ମେ ୧୮ ତାରିଖରେ ତାଙ୍କୁ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ପଦରେ ଅଭିଷିକ୍ତ କରିଥିଲେ କେନ୍ଦ୍ର ସରକାର । ଜଣେ ଆଦିବାସୀ ଚେହେରାଙ୍କୁ ଏତେ ବଡ଼ ସାମ୍ବିଧାନିକ ପଦରେ କେବଳ ତାଙ୍କ ଜନସେବା ପ୍ରତି ସମର୍ପଣ ଭାବ ହିଁ ପହଞ୍ଚାଇଥିଲା । ଏପରିକି ୨୦୨୦ରେ ତାଙ୍କ କାର୍ଯ୍ୟକାଳ ସରୁଥିଲେ ବି ୨୦୨୧ ଜୁଲାଇ ୬ ତାରିଖ ଯାଏ ସେ ରାଜ୍ୟପାଳ ପଦରେ ରହିଥିଲେ ।

୨୫ ଜୁଲାଇ ୨୦୨୨, ସେଦିନଟିକୁ ଆମେ କିପରି ଭୁଲି ପାରିବୁ ! ସାରା ଓଡ଼ିଶା ପାଇଁ ସେହି ଦିନଟି ଥିଲା ଗର୍ବ ଓ ଗୌରବର ଦିନ । ଏହି ଦିନ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ଅଭିଷିକ୍ତ ହେଲେ । ଏହା ସହିତ ସେ ଏକ ନୂଆ ଐତିହାସିକ ଅଧ୍ୟାୟ ଲେଖିଦେଲେ - ଭାରତର ପ୍ରଥମ ଜନଜାତି ମହିଳା ରାଷ୍ଟ୍ରପତି ଓ ଦ୍ୱିତୀୟ ମହିଳା ଯିଏ ଏହି ସର୍ବୋଚ୍ଚ ପଦବୀ ଅଳଙ୍କୃତ କଲେ । ଏଥି ସହିତ ସେ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ସବୁଠାରୁ କମ ବୟସରେ ରାଷ୍ଟ୍ରପତି ଭାବେ ମନୋନୀତ ହୋଇଥିଲେ ଏବଂ ଦେଶର ପ୍ରଥମ ରାଷ୍ଟ୍ରପତି ଯିଏ ସ୍ୱାଧୀନତା ପରେ ଜନ୍ମ ଗ୍ରହଣ କରିଥିଲେ । ଏହା ଏକ ଅଦ୍ଭୁତ ସଂଯୋଗ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ ଭାରତର ସର୍ବୋଚ୍ଚ ଦୁଇ ସାମ୍ବିଧାନିକ ପଦରେ ଅଧିଷ୍ଠିତ ରାଜନେତାଙ୍କ ଜନ୍ମ ହୋଇଥିଲା ସ୍ୱାଧୀନ ଭାରତରେ ।

ମହାମହିମଙ୍କର ଚୟନ କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ, ବରଂ ଏହା ଏକ ଆନ୍ଦୋଳନ । ଏହା ସାଧାରଣ ଜନତାଙ୍କର ବିଜୟ । ସାଧାରଣ ଲୋକଙ୍କ ପାଇଁ, ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳାଙ୍କର ଅଧିକାର ପାଇଁ ତାଙ୍କର ଲଢ଼େଇ ତାଙ୍କୁ ଏକ ଲୋକପ୍ରିୟ ଏବଂ ଆଦର୍ଶ ନେତୃତ୍ୱ ଭାବେ ପରିଚିତ କଲା ।

ରାଷ୍ଟ୍ରପତି ଭାବରେ ତାଙ୍କ ଉଦବୋଧନ ଓ ବକ୍ତବ୍ୟ ଗୁଡିକ ତାଙ୍କ ସରଳତା, ମାନବବାଦ ଓ ଆଧୁନିକ ଅଧିକାରଧର୍ମୀ ଚିନ୍ତାଧାରାର ସମନ୍ୱୟ । ସେ ନିଜ ଅନୁଭୂତି ଓ ଅନୁଭବ ଦ୍ୱାରା ଗରିବ, ଆଦିବାସୀ, ଓ ମହିଳାଙ୍କ ଭାବନାକୁ ବ୍ୟକ୍ତ କରି ରାଷ୍ଟ୍ର ପାଇଁ ଏକ ନୂଆ ଦୃଷ୍ଟିକୋଣ ଦେଉଛନ୍ତି ।

ଦ୍ରୌପଦୀ ମୁର୍ମୁଙ୍କ ଜୀବନ ହେଉଛି ସଂଘର୍ଷ ଓ ସଫଳତାର ଅନୁପମ ଉଦାହରଣ ।

**ଏଥି ସହିତ ସେ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ସବୁଠାରୁ କମ ବୟସରେ ରାଷ୍ଟ୍ରପତି ଭାବେ ମନୋନୀତ ହୋଇଥିଲେ ଏବଂ ଦେଶର ପ୍ରଥମ ରାଷ୍ଟ୍ରପତି ଯିଏ ସ୍ୱାଧୀନତା ପରେ ଜନ୍ମ ଗ୍ରହଣ କରିଥିଲେ । ଏହା ଏକ ଅଦ୍ଭୁତ ସଂଯୋଗ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିଲେ । ଅର୍ଥାତ ଭାରତର ସର୍ବୋଚ୍ଚ ଦୁଇ ସାମ୍ବିଧାନିକ ପଦରେ ଅଧିଷ୍ଠିତ ରାଜନେତାଙ୍କ ଜନ୍ମ ହୋଇଥିଲା ସ୍ୱାଧୀନ ଭାରତରେ ।**






ତାଙ୍କ ଜୀବନ ସର୍ବଦା ଶିକ୍ଷା ଦିଏ ଯେ ଦୃଢ଼ ଇଚ୍ଛାଶକ୍ତି ଓ କଠୋର ପରିଶ୍ରମ ଦ୍ୱାରା କିଭଳି ଅସମ୍ଭବକୁ ମଧ୍ୟ ସମ୍ଭବ କରିହେବ । ତାଙ୍କ ଜୀବନର ନିଷ୍ଠା ଆମକୁ ଶିଖାଏ ଯେ, ଯେତେ ବଡ଼ ବିପଦ ଆସୁନା କାହିଁକି, ମନୋବଳ ଓ ସାହସ ଥିଲେ ଆମେ ପ୍ରଗତି ପଥରେ ନିଶ୍ଚୟ ଅଗ୍ରସର ହୋଇପାରିବା । ଜଣେ ଶିକ୍ଷୟିତ୍ରୀ ଭାବେ ସେ ଶିକ୍ଷାର ଗୁରୁତ୍ୱ ବୁଝିଥିଲେ । ସେ ଏହି ଜ୍ଞାନକୁ ରାଜନୀତି ଓ ସେବାରେ ବ୍ୟବହାର କରି ଲୋକଙ୍କ ମଧ୍ୟରେ ଏକ ଆଦର୍ଶ ସ୍ଥାପନ କରିଛନ୍ତି । ସେ ଆମକୁ ଶିଖାନ୍ତି ଯେ ଦୁଃସମୟ ଓ ପ୍ରତିକୂଳ ପରିସ୍ଥିତି ସହିତ ଯୁଦ୍ଧ କରି ଆମେ ନିଜର ଲକ୍ଷ୍ୟ ପ୍ରାପ୍ତି କରିପାରିବା । ତାଙ୍କ ଜୀବନ ଗାଥା, ଓଡ଼ିଶା ଓ ଦେଶର ମାତୃଶକ୍ତି ଏବଂ ଯୁବପିଢି ପାଇଁ ପ୍ରେରଣା ହୋଇ ରହିବ ।

**ଶୁଭ ଜନ୍ମଦିନ, ମହାମହିମ ଦ୍ରୌପଦୀ ମୁର୍ମୁ ଜୀ ! ଆପଣଙ୍କ ଜୀବନ ଆମ ସମସ୍ତଙ୍କ ପାଇଁ ଜ୍ୟୋତିର୍ମୟ ପଥଦର୍ଶନ ହେଉ ।**

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## ମେଡମ ପ୍ରେସିଡେଣ୍ଟଙ୍କ ଉପରେ ଲିଖିତ ପୁସ୍ତକ

ଭାରତର ୧୫ତମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଅତି ସଂଘର୍ଷପୂର୍ଣ୍ଣ । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ନିକଟ ଉପରବେଡ଼ା ଗ୍ରାମରେ । ଗୋଟିଏ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରୁ ପ୍ରଥମେ ଜଣେ କାଉନସିଲର ଭାବେ ଜନସେବା ଆରମ୍ଭ କରି ବିଧାୟିକା, ମନ୍ତ୍ରୀ, ରାଜ୍ୟପାଳ ହେବା ପରେ ଦେଶର ଶୀର୍ଷ ସାମ୍ବିଧାନିକ ଆସନ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଥିଲେ । ଏହି ସଫଳ ଆଦିବାସୀ ସାନ୍ତାଳି ମହିଳାଙ୍କ ସଂଘର୍ଷ ବ୍ୟକ୍ତିଗତ ଓ କର୍ମମୟ ଜୀବନ ଉପରେ ଅନେକ ପୁସ୍ତକ ଲେଖାଯାଇଛି । ସାମ୍ବାଦିକ ସନ୍ଦୀପ ସାହୁ ମେଡ଼ମ ପ୍ରେସିଡ଼େଣ୍ଟ ଶୀର୍ଷକ ଏକ ପୁସ୍ତକ ରଚନା କରିଥିବା ବେଳେ ୨୦୨୨ରେ ଉନ୍ମୋଚିତ ହୋଇଥିଲା । ପରବର୍ତ୍ତୀ ସମୟରେ 'ଦ୍ରୌପଦୀ ମୁର୍ମୁ : ଫ୍ରମ ଟ୍ରାଇବାଲ ହିଣ୍ଟରଲ୍ୟାଣ୍ଡ ଟୁ ରାଇସିନା ହିଲସ୍' ଲେଖିଛନ୍ତି ସାମ୍ବାଦିକା କସ୍ତୁରୀ ରାୟ । ଏହି ପୁସ୍ତକରେ ଲେଖିକା ଉଲ୍ଲେଖ କରିଛନ୍ତି ଯେ ସେ ଜଣେ ଆଦିବାସୀ ଝିଅ କିପରି ଅନେକ ଘାତ ପ୍ରତିଘାତକୁ ଅତିକ୍ରମ କରି ଦେଶର ଶୀର୍ଷ ସାମ୍ବିଧାନିକ ପଦ ତଥା ପ୍ରଥମ ନାଗରିକର ମର୍ଯ୍ୟାଦାରେ ଆସୀନ ହୋଇଛନ୍ତି । ଦ୍ରୌପଦୀ ମୁର୍ମୁଙ୍କ ସ୍କୁଲ, କଲେଜ , ଚାକିରୀ ଜୀବନ, ଶିକ୍ଷକତା, କାଉନନସିଲର ଭାବେ ନିର୍ବାଚିତ ହୋଇ ଜନସେବା, ବିଧାୟିକା ହୋଇ ଜନସେବା ଓ ଶ୍ରେଷ୍ଠ ବିଧାୟିକା ଭାବେ ପୁରସ୍କୃତ ହୋଇଥିବା ବିଷୟରେ ଉଲ୍ଲେଖ ରହିଛି । ସେହିପରି ୨୦୦୦ ମସିହାରେ ଓଡ଼ିଶାରେ ଶାସନଭାର ସମ୍ଭାଳିଥିବା ବିଜେଡ଼ି-ବିଜେପି ସରକାରରେ ମନ୍ତ୍ରୀ ହୋଇ କିପରି ତାଙ୍କ ଦକ୍ଷତା ପ୍ରତିପାଦନ କରିଥିଲେ ତାହା ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ସମୟରେ ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ଆଦିବାସୀ ରାଜ୍ୟପାଳ ଭାବେ ୬ ବର୍ଷ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ ସେ ବିଷୟରେ ଉଲ୍ଲେଖ ରହିଛି । ଦେଶର ପ୍ରଥମ ମହିଳା ଆଦିବାସୀ ରାଷ୍ଟ୍ରପତି ଭାବେ ସଫଳତାର ସହ ସାମ୍ବିଧାନିକ ପଦବୀକୁ ପରିଚାଳନା କରି ଦେଶ ବିଦେଶରେ ସେ ସୁନାମ ଅର୍ଜନ କରିଛନ୍ତି । ଏହା ସହିତ ଦେଶର ଆଦିମ ଜନଜାତି ମାନଙ୍କର ଦୀର୍ଘ ଦଶନ୍ଧିର ଅନେକ ସମସ୍ୟା ଉପରେ ସେ ସମାଧାନ ଦିଗରେ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି ବୋଲି ଲେଖିକା ଉଲ୍ଲେଖ କରିଛନ୍ତି ।




## ଆମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଓଡ଼ିଶାର ନାଁକୁ ବିଶ୍ୱସ୍ତରରେ ପରିଚିତ କରାଇଛନ୍ତି ଦେଶର ବର୍ତ୍ତମାନର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଯିଏ ହେଉଛନ୍ତି ପ୍ରଥମ ଓଡିଆ ଆଦିବାସୀ ମହିଳା ରାଷ୍ଟ୍ରପତି । ୧୯୫୮ ମସିହା ଜୁନ ୨୦ ତାରିଖରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାସ୍ଥିତ ବାଇଦାପୋଷିଠାରେ ଏକ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମୂଳ ନାମ ପୁତି ଟୁଡୁ ଥିଲା, ହେଲେ ତାଙ୍କୁ ସ୍କୁଲରେ ଶିକ୍ଷକ ଦ୍ରୌପଦୀ ନାମ ଦେଇଥିଲେ । ତାଙ୍କ ପିତାଙ୍କ ନାମ ଥିଲା ବିରଞ୍ଚି ନାରାୟଣ ଟୁଡୁ । ତାଙ୍କ ବାପା ଓ ଜେଜେବାପା ଉଭୟ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ଗାଁ ମୁଖିଆ ଥିଲେ । ନିଜ ପରିବାରରୁ ସେ ତେଣୁ ନେତୃତ୍ୱ ନେବାକୁ ପ୍ରେରଣା ଲାଭ କରିଛନ୍ତି । ସେ ଉପର ବେଡା ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ଏହାପରେ ଭୁବନେଶ୍ୱର ଆସି ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିଥିଲେ ଓ ରମାଦେବୀ ମହିଳା ମହାବିଦ୍ୟାଳୟରେ କଳାରେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଗ୍ରହଣ କରିଥିଲେ । ବୃତ୍ତିଗତ ଜୀବନରେ ସେ ଓଡ଼ିଶା ସରକାରଙ୍କ ଜଳସେଚନ ଓ ବିଦ୍ୟୁତ ବିଭାଗରେ କନିଷ୍ଠ ସହାୟିକା ଭାବେ କାର୍ଯ୍ୟ କରିଥିଲେ । ୧୯୯୭ ମସିହାରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ୱାର୍ଡ ସଦସ୍ୟା ଭାବେ ନିର୍ବାଚିତ ହେବା ପରେ ରାଇରଙ୍ଗପୁର ପୌରାଧକ୍ଷା ପଦ ସମ୍ଭାଳିଥିଲେ । ଭାରତୀୟ ଜନତା ପାର୍ଟିର ଦଳୀୟ ପ୍ରାର୍ଥୀ ଭାବେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରୁ ୨୦୦୦ ଏବଂ ୨୦୦୪ରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟିର ମିଳିତ ସରକାରରେ ସେ ବାଣିଜ୍ୟ ଏବଂ ପରିବହନ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ମାର୍ଚ୍ଚ ୬, ୨୦୦୦ରୁ ଅଗଷ୍ଟ ୬, ୨୦୦୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ଏବଂ ମତ୍ସ୍ୟ ଏବଂ ପଶୁସମ୍ପଦ ବିଭାଗରେ ରାଷ୍ଟ୍ରମନ୍ତ୍ରୀ ଭାବେ ୨୦୦୨ ଅଗଷ୍ଟ ୬ରୁ ୨୦୦୪ ମଇ ୧୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ୧୯୯୭ରୁ ସେ ବିଜେପିର ଆଦିବାସୀ ମୋର୍ଚ୍ଚା ସହ ଜଡ଼ିତ । ୨୦୧୫ ମସିହାରେ ସେ ଝାଡ଼ଖଣ୍ଡର ରାଜ୍ୟପାଳଭାବେ ଦାୟିତ୍ୱ ନେଇଥିଲେ । ସେ ୨୦୨୧ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇଥିଲେ । ଏହାପରେ ୨୦୨୨ ଜୁଲାଇ ୨୬ରେ ସେ ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ।



Ministry of Ayush
Government of India

Yoga for One Earth, One Health

# ସମଗ୍ର ସ୍ୱାସ୍ଥ୍ୟ ପାଇଁ ଅଭୂତପୂର୍ବ ଅଭିଯାନରେ ସାମିଲ ହୁଅନ୍ତୁ

## ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ୨୦୨୫

ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ

### ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି

**ବିଶାଖାପାଟଣା**ରେ ହେବାକୁ ଥିବା ଯୋଗ ପ୍ରଦର୍ଶନର ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ହଜାର ହଜାର ଉତ୍ସାହୀଙ୍କ ସହିତ ଯୋଗଦେବେ ।

LIVE TELECAST on DD NEWS

୨୧ ଜୁନ | ସକାଳ ୬ଟା

ସାରା ଭାରତରେ **୮ ଲକ୍ଷ**ରୁ ଅଧିକ ଆୟୋଜନ ଏବଂ **୧୭୫ ଯୁକ୍ତ ଦେଶ**ରେ ହେଉଥିବା ଯୋଗ ଉତ୍ସବ ମାଧ୍ୟମରେ ଆଇଡିଓ୍ୱାଇ ୨୦୨୫ରେ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ପ୍ରତିଧ୍ୱନିତ ହେଉଛି ।

ଆପଣଙ୍କ ନିକଟରେ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଏବଂ # ଆଇଡିଓ୍ୱାଇ ୨୦୨୫ର ଉପଯୋଗ କରି ଯୋଗ ସହିତ ସଂପୃକ୍ତ ଆପଣଙ୍କର ଅଭିଜ୍ଞତା ବାଣ୍ଟନ୍ତୁ ।

cbc 17201/13/0005/2526



moayush | ministryofayush | MinistryofAyushofficial




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ କଡା ସୁରକ୍ଷା

### ଟିଜିଟି କଳା, ଟିଜିଟି ଓଡ଼ିଆ ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ରୋକ୍

## ଷ୍ଟାଫ୍ ସିଲେକ୍ସନ କମିସନଙ୍କୁ ଜବାବ ତଲବ

କଟକ,(ସବ୍ୟୁ): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ(ଓଏସ୍ଏସ୍ସି) ପକ୍ଷରୁ ଚାଲିଥିବା ଟିଜିଟି କଳା ଏବଂ ଟିଜିଟି ଓଡ଼ିଆ ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ପଦରେ କୌଣସି ପ୍ରକାର ନିଯୁକ୍ତି ପ୍ରକ୍ରିୟା ଚାଲିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ମାମଲାର ଶୁଣାଣି ଜୁଲାଇ ୨୮ ପରକୁ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି । ପ୍ରିୟଙ୍କା ସ୍ୱାଇଁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ବର୍ତ୍ତମାନ ମାଧ୍ୟମିକ ବିଦ୍ୟାଳୟରେ ଟିଜିଟି କଳା ଏବଂ ଟିଜିଟି ଓଡ଼ିଆର ଲିଭ୍ ଟ୍ରେନିଂ ରିଜର୍ଭ( ଏଲ୍‌ଟିଆର) ଶିକ୍ଷକ ପଦରେ ନିଯୁକ୍ତି ପ୍ରକ୍ରିୟା ଚାଲିଛି । ଷ୍ଟାଫ୍ ସିଲେକ୍ସନ କମିସନଙ୍କ ପକ୍ଷରୁ ପ୍ରଥମେ ଟିଜିଟି ଜ୍ୱାଲା ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପରେ ଏଥିରେ ପରିବର୍ତ୍ତନ କରାଯାଇ ସେହି ଟିଜିଟି କଳାର ୨୫% ସିଟ୍‌ରେ ଅର୍ଥାତ ୪୯୬ଟି ଟିଜିଟି ଓଡ଼ିଆ ପଦରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ଉଭୟ ପଦ ଲାଗି ପ୍ରାଥମିକ ପରୀକ୍ଷା ମଧ୍ୟ ହୋଇଥିଲା। କିନ୍ତୁ ପ୍ରାଥମିକ ପରୀକ୍ଷା ପାଇଁ ଯେତେବେଳେ ଫଳ ପ୍ରକାଶ ପାଇଲା ସେତେବେଳେ ଯେଉଁମାନେ ଟିଜିଟି କଳାରେ ପାସ୍ କରିଥିଲେ ସେହିମାନେ ହିଁ ଟିଜିଟି ଓଡ଼ିଆରେ ପାସ୍ କରିଥିବା ଦେଖାଯାଇଥିଲା । ଅର୍ଥାତ ଦୁଇଟି ପଦ ପାଇଁ ପରୀକ୍ଷା ହୋଇଥିଲେ ମଧ୍ୟ ଜଣେ ପ୍ରାର୍ଥୀଙ୍କୁ ଗୋଟିଏ ପଦରେ ନିଯୁକ୍ତି ମିଳିପାରିବ। ଏହାଦ୍ୱାରା ଗୋଟିଏ ପଦ ଫାଙ୍କା ମଧ୍ୟ ପଡ଼ିବ। ଏହିଭଳି ନିଯୁକ୍ତି ପ୍ରକ୍ରିୟାକୁ ଚାଲେଞ୍ଜ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଆସନ୍ତା ୨୨ ତାରିଖରେ ଟିଜିଟି କଳାରେ ମୁଖ୍ୟ ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ ହୋଇଥିଲାବେଳେ ତାହାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଷ୍ଟାଫ୍ ସିଲେକ୍ସନ କମିସନଙ୍କ ପକ୍ଷରୁ ବନ୍ଦ କରାଯିବା ସଂକ୍ରାନ୍ତରେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ସୌଭଗ୍ୟ ପାଇଁ ମାମଲା ପରିଚାଳନା କରୁଛନ୍ତି ।

## ନିବେଶ ବାହାନାରେ ୧୨ଲକ୍ଷ ଠକେଇ, ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନିବେଶ କରାଇବାକୁ ପ୍ରଭାବିତ କରାଇ ୧୨ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ସାଇବର ଠକକୁ ଭୁବନେଶ୍ୱର ସାଇବର ଥାନା ପୋଲିସ ଗିରଫ କରିଛି । ଗିରଫ ଠକ ଆଶିଷ କୁମାର ସାହୁ ନିକଟରୁ ଗୋଟିଏ ଫୋନ୍, ୧୨ ଏଟିଏମ୍, ଡେଭିଡ୍ କାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରାଯାଇଥିବା ପୋଲିସ କହିଛି ।

ଏତଲାକାରୀ ମିଲନ କୁମାର ବେଉରାଙ୍କୁ ବ୍ଲିଙ୍କ୍ଏକ୍ସ ସିକ୍ୟୁରିଟିର ପ୍ରତିନିଧି ଭାବେ ଅଭିଯୁକ୍ତ ନିଜକୁ ପରିଚୟ କରାଇବା ସହ ସେୟାର ଟ୍ରେଡିଂ ଗ୍ରୁପ୍ ସହିତ ପରିଚିତ କରାଇବା ପାଇଁ ହ୍ୱାଟ୍ସପ୍ ମେସେଜ ପଠାଇଥିଲା । ବ୍ଲିଙ୍କ୍ଏକ୍ସ ପ୍ରୋ ଆପ୍‌ରେ ପ୍ରଦର୍ଶିତ ବାଣିଜ୍ୟ ପରାମର୍ଶରେ ନକଲି ରିଟର୍ଣ୍ଣ ଦ୍ୱାରା ଅଭିଯୋଗକାରୀଙ୍କୁ ଭ୍ରମିତ କରାଇଥିଲା । ଅଭିଯୁକ୍ତ ସିଣ୍ଡିକେଟ୍ ଦ୍ୱାରା କରାଯାଇଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ ମିଳନ ୧୨ଲକ୍ଷ ଟଙ୍କାରୁ ଅଧିକ ନିବେଶ କରିଥିଲେ । ଆପ୍‌ରେ ଲାଭ ଦେଖାଯାଇଥିବା ସତ୍ତ୍ୱେ ପରେ ତାଙ୍କୁ ଉଠାଣ କରିବାକୁ ମନା କରାଯାଇଥିଲା । ସମ୍ପୂର୍ଣ୍ଣ ପରିମାଣ ଫ୍ରିଜ୍ କରାଯାଇଥିଲା । ଏହା ଫଳରେ ଠକାମୀର ଶିକାର ହୋଇଥିବା ମିଲର ଅନୁଭବ କରି ସାଇବର ଥାନାରେ ଏତଲା ଦେଇଥିଲେ ।

ତଦନ୍ତ ବେଳେ ଜଣାପଡିଥିଲା ଯେ, ଗିରଫ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ହ୍ୱାଟ୍ସପ୍ ଏବଂ ନକଲି ବାଣିଜ୍ୟ ଆବେଦନ ମାଧ୍ୟମରେ ଏକ ସଙ୍ଗଠିତ ନିବେଶ ଠକେଇ ପରିଚାଳନା କରୁଥିଲେ । ସେମାନେ ଆର୍ଥିକ ବିଶେଷଜ୍ଞ ପରିଚୟ ନେଇଥିଲେ ଏବଂ ଆଧାର, ପ୍ୟାନ୍ ଭଳି ବ୍ୟକ୍ତିଗତ ଡକ୍ୟୁମେଣ୍ଟ ସଂଗ୍ରହ କରୁଥିଲେ । ଏସ୍ଏମ୍ଏସ୍ ଫରୱାଡ ଆପ୍ ବ୍ୟବହାର କରି ଦୂରରୁ ମୂଳ ବ୍ୟାଙ୍କ ଆକାଉଣ୍ଟ ଗୁଡିକୁ ପ୍ରବେଶ କରୁଥିଲେ । ପୀଡିତମାନଙ୍କୁ ଠକିବା ପାଇଁ ନକଲି ହ୍ୱାଟ୍ସପ୍ ଗ୍ରୁପ୍ ବ୍ୟବହାର କରୁଥିଲେ । ଅଭିଯୁକ୍ତ ଆଶିଷ କୁମାର ସାହୁ ଜଣେ ବିଟେକ୍ ସ୍ନାତକ । ସେ ଅନ୍ୟ କେତେକଙ୍କୁ ନିଯୁକ୍ତି ଦେଇଥିଲେ । ସମ୍ପୂର୍ଣ୍ଣ ଠକେଇ କାର୍ଯ୍ୟର ସମନ୍ୱୟ କରିଥିଲେ । ତାଙ୍କୁ କିଙ୍ଗପିନ୍ ଭାବରେ କରାଯାଇଥିଲା । ସେ ଅପରାଧର ପରବର୍ତ୍ତୀ ପ୍ରମାଣ ମଧ୍ୟ ନଷ୍ଟ କରିଥିଲେ । ଠକେଇରୁ କମିଶନ ଭାବରେ ୧୭ଲକ୍ଷ ଟଙ୍କା ରୋଜଗାର କରିଥିବା ତଦନ୍ତରୁ ଜଣାପଡିଛି । ଠକେଇ ନେଟ୍‌ୱାର୍କ କାର୍ଯ୍ୟକୁ ସକ୍ରିୟ ଭାବରେ ପରିଚାଳନା ଏବଂ ନିର୍ଦ୍ଦେଶ ଦେଉଥିଲା । ଏହା ଜଣାପଡିବା ପରେ ଆଶିଷକୁ ପାହାଳ ଥାନା ଅନ୍ତର୍ଗତ ପ୍ରଣତି ନିଓ୍ୱାସରୁ ଗିରଫ କରାଯିବା ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ସମ୍ବଲପୁରରେ କୃଷିଭିତ୍ତିକ ବିକାଶ

## ଗବେଷଣାକୁ ବଢାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ସମ୍ବଲପୁର ଚିପିଲିମାରେ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି କଲେଜ ଗୁଡ଼ିକ ହେଉଛି ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ମହାବିଦ୍ୟାଳୟ ଏବଂ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅପାର ସମ୍ଭାବନା ରହିଛି । ସମ୍ବଲପୁର ଅଞ୍ଚଳର ଅନ୍ତର୍ନିହିତ କୃଷି ବିବିଧତା ଏବଂ କୃଷି-ସମ୍ପର୍କିତ ସମ୍ଭାବନା ସତ୍ତ୍ୱେ ଆମେ ଏଠାରେ ଇଚ୍ଛାନୁସାରେ କ୍ଷେତ୍ରଗତ ଅଭିବୃଦ୍ଧି ହାସଲ କରିପାରିନାହୁଁ । ଏହି କ୍ଷେତ୍ର ପାଇଁ ଏକ ଦୀର୍ଘକାଳୀନ, ସମାବେଶୀ ଏବଂ ଜ୍ଞାନ-ଚାଳିତ ବିକାଶ ପଥକୁ ଆଗେଇ ନେବା ପାଇଁ କୃଷି-ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ସଂରଚିତ ପ୍ରତିଷ୍ଠାନ ଆମର ପ୍ରାଥମିକତା ହେବା ଆବଶ୍ୟକ । ଏଥିପାଇଁ ସମ୍ବଲପୁରର ଚିପିଲିମାରେ ମୁଖ୍ୟମନ୍ତ୍ରୀଙ୍କୁ ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଶ୍ରୀ ପ୍ରଧାନ ।

ଏହା ଉପରେ ବିସ୍ତୃତ ଭାବରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଥମତଃ ଏଠାରେ ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଜରୁରୀ । ଏହି ପ୍ରତିଷ୍ଠାନ ତାଲିମପ୍ରାପ୍ତ ପଶୁଚିକିତ୍ସା ବିଶେଷଜ୍ଞ, ଗବେଷକ ଏବଂ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବ । ଏହା ପଶୁସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ପଶୁପାଳନ ଉତ୍ପାଦନ ବୃଦ୍ଧି କରିବା ଏବଂ ଜୁନୋଟିକ୍ ରୋଗରୁ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ସିଧାସଳଖ ଯୋଗଦାନ ଦେବ । ଦ୍ୱିତୀୟତଃ ଏଠାରେ ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ସ୍ଥାପିତ ହେବା ଦରକାର । ଏହା ଦୁଗ୍ଧ ଚାଷର ଗୁରୁତ୍ୱ ପ୍ରଦାନ କରିବା ସହ ଦକ୍ଷ ମାନବ ସମ୍ବଳ ପ୍ରଦାନ କରିବ । ଦୁଗ୍ଧ ପ୍ରଯୁକ୍ତିବିଦ୍ୟାରେ ଗବେଷଣାକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ କାର୍ଯ୍ୟର ଗୁଣବତ୍ତା ଏବଂ ଦକ୍ଷତାକୁ ଉନ୍ନତ କରିବ । ଏହାଦ୍ୱାରା ଏହି ଅଞ୍ଚଳରେ ଦୁଗ୍ଧ ଆଧାରିତ ଆର୍ଥିକ ବିକାଶକୁ ସମର୍ଥନ କରିବ । ସେହିପରି ତୃତୀୟତଃ ମତ୍ସ୍ୟ ମହାବିଦ୍ୟାଳୟ ମଧ୍ୟ ଏଠାରେ ପ୍ରତିଷ୍ଠା ହେବା ଦରକାର । ବର୍ତ୍ତମାନ ସମୟରେ ଦ୍ରୁତତମ ବୃଦ୍ଧି ପାଉଥିବା କୃଷି-ସମ୍ପର୍କିତ ଉପ-କ୍ଷେତ୍ର ମଧ୍ୟରୁ



ଏହା ଅନ୍ୟତମ । ମତ୍ସ୍ୟଚାଷ ପାଇଁ କେନ୍ଦ୍ରିତ ଶୈକ୍ଷିକ ଏବଂ ବ୍ୟବହାରିକ ତାଲିମ ଆବଶ୍ୟକ । ଏକ ମତ୍ସ୍ୟଚାଷ ମହାବିଦ୍ୟାଳୟ ଜଳକୃଷି, ମତ୍ସ୍ୟଚାଷ ପରିଚାଳନା ଏବଂ ଅମଳ ପରବର୍ତ୍ତୀ ପ୍ରଯୁକ୍ତିବିଦ୍ୟାରେ କ୍ଷମତା ନିର୍ମାଣ କରିବାରେ ସାହାଯ୍ୟ କରିବ, ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବ । ଏହାବ୍ୟତିତ ଚତୁର୍ଥ ହେଉଛି କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ । ଏହାଦ୍ୱାରା କୃଷି କ୍ରମଶଃ ବଜାର-ମୁଖୀ ହେବା ସହିତ, କୃଷି-ବ୍ୟବସାୟ, ଯୋଗାଣ ଶୃଙ୍ଖଳା ପରିଚାଳନା, ମାର୍କେଟିଂ ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ ବିଶେଷଜ୍ଞତା ଥିବା ବୃତ୍ତିଗତଙ୍କ ଜରୁରୀ ଆବଶ୍ୟକତା ରହିଛି ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଚିପିଲିମା ଠାରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ପାଖରେ ପୂର୍ବରୁ ଜମି, କିଛି ଶିକ୍ଷାଗତ ଓ ଗବେଷଣା ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ରହିଛି । ଏହା ସହିତ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପାଖରେ ଅବ୍ୟବହୃତ ଜମି ଅଛି, ଯାହାକୁ ଏହି ଉଦ୍ଦେଶ୍ୟରେ

### ଚାରୋଟି କୃଷି-ସମ୍ପର୍କିତ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଇପାରିବ । ତେଣୁ ଏହି ପ୍ରସ୍ତାବିତ ପ୍ରତିଷ୍ଠାନଗୁଡ଼ିକ ଏଠାରେ ଅବସ୍ଥାପିତ ହୋଇପାରିବ । ପ୍ରସ୍ତାବିତ ଏହି କଲେଜଗୁଡ଼ିକ ପ୍ରତିଷ୍ଠା କରିବା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କେବଳ ବୈଷୟିକ ଏବଂ ଉଦ୍ୟୋଗୀ କ୍ଷମତା ସୃଷ୍ଟି ହେବ ନାହିଁ ବରଂ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଚାଷୀମାନଙ୍କ ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଗବେଷଣା ଏବଂ ସମ୍ପ୍ରସାରଣ ସେବା ମଧ୍ୟ ସୁନିଶ୍ଚିତ ହେବ। କୃଷି ସାମଗ୍ରୀ ବୃଦ୍ଧି ସହ ବଜାର ସଂଯୋଗକୁ ଉନ୍ନତ କରିବ ତଥା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବ । କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ଗ୍ରାମୀଣ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଏହି ବିଷୟକୁ ଦୃଷ୍ଟିରେ ରଖି ପ୍ରସ୍ତାବଗୁଡ଼ିକର ଅନୁମୋଦନ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଏହି ପ୍ରତିଷ୍ଠାନଗୁଡ଼ିକର ପ୍ରତିଷ୍ଠା ଗ୍ରାମୀଣ ଯୁବକମାନଙ୍କୁ ନୂତନ କୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବାରେ ବହୁତ ସାହାଯ୍ୟ କରିବ । ଫଳସ୍ୱରୂପ ସମ୍ବଲପୁର ଅଞ୍ଚଳ ଏବଂ ସମଗ୍ର ରାଜ୍ୟର ସୁସ୍ଥ ଆର୍ଥିକ ବିକାଶ ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

### ରାଜ୍ୟ ପୋଲିସ୍ ଅଫିସର ସଂଘ ନିର୍ବାଚନ

## ଅସିତ ଜେନା ସଭାପତି

କଟକ, (ସବ୍ୟୁ): ରାଜ୍ୟ ପୋଲିସ୍ ଅଫିସର ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି ।ଅସିତ ଜେନା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।ବକ୍ସିବଜାର ସ୍ଥିତ ସଙ୍ଘର କାର୍ଯ୍ୟାଳୟ ଠାରେ ସଭାପତି ପାଇଁ ଅନୁଷ୍ଠିତ ନିର୍ବାଚନରେ ଅସିତ ଜେନା ତାଙ୍କର ନିକଟତମ ଦୁଇ ପ୍ରତିଦ୍ୱନ୍ଦୀଙ୍କୁ ବହୁ ପଛରେ ପକାଇ ସହଜ ଜିତାପଟ ହାସଲ କରିଛନ୍ତି। ସେ ୪୧୧୮ ଖଣ୍ଡ ଭୋଟ ପାଇ ବିଜୟ ମୁକୁଟ ପିନ୍ଧିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ପ୍ରେମ ଜେନା ଓ ଏସ୍ ସିଂହ ଙ୍କୁ ଯଥାକ୍ରମେ ୮୬୮,୬୭୧ ଖଣ୍ଡ ଭୋଟ ମିଳିଛି । ନିର୍ବାଚନ ଅଧିକାରୀ ଥିବା ପୁଲିସ ନିରୀକ୍ଷକ ଅଶୋକ ପରିଡ଼ାଙ୍କ ସୁଚନା ଅନୁଯାୟୀ ଆଜି ନିର୍ଦ୍ଧାରିତ ସମୟରେ ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହେଇଥିଲା । ଅସିତ୍ ଙ୍କ ସପକ୍ଷରେ ୪ ହଜାର ୧୧୮ ଖଣ୍ଡ, ପ୍ରେମ ଙ୍କ ସପକ୍ଷରେ ୮୬୮ ଖଣ୍ଡ ଓ ଏସ ସିଂହ ଙ୍କ ସପକ୍ଷରେ ୬୭୧ ଖଣ୍ଡ ଭୋଟ ପଡ଼ିଥିଲା ବେଳେ ୮ ଖଣ୍ଡ ଭୋଟ ନାକଚ ହୋଇଥିଲା ।

## ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

ଭୁବନେଶ୍ୱର,(ସବ୍ୟୁ): ଶୁକ୍ରବାର ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଶାସନର ସଫଳତା ପ୍ରଚାର ପାଇଁ ଆସୁଛନ୍ତି । ଓଡ଼ିଶାରେ ମହିଳାଙ୍କ ପ୍ରତି ଗଣଦୁଷ୍କର୍ମ ବଢ଼ି ଚାଲିଛି । ସେହିଭଳି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ୧୧ ଟି ଜିଲ୍ଲାରେ ହଇଜା ବ୍ୟାପି ହାହାକାର ପରିସ୍ଥିତି ଦେଖାଦେଇଛି । ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବାକୁ ଆମେ ସ୍ୱାଗତ କରିବୁ ଯଦି ଗୋପାଳପୁର ଓ କେନ୍ଦୁଝରର ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ଶିକାର ହୋଇଥିବା ପରିବାରକୁ ଭେଟି ଓଡ଼ିଶାର ଆଇନ ଶୃଙ୍ଖଳାକୁ ସୁଧାରିବେ । ଓଡ଼ିଶାର ଅବହେଳିତ ଲୋକଙ୍କ ସମସ୍ୟାକୁ ଅନୁଧ୍ୟାନ କରି ସମାଧାନ କରିବେ । ହଇଜାରେ ୧୭ରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ପ୍ରଦୁଷିତ ଜଳ ଓ ଅଖାଦ୍ୟ ଝାଡ଼ାବାନ୍ତି ରୋଗକୁ ବଢ଼େଇବାରେ ଇନ୍ଧନ ଯୋଗାଇଛି । ମୟୁରଭଞ୍ଜର ଉଦଳାରେ ୩୦ରୁ ଊର୍ଦ୍ଧ୍ୱ ଲୋକ ହଇଜାରେ ଆକ୍ରାନ୍ତ ହୋଇଛନ୍ତି । ହଇଜାକୁ ଯେଉଁଭଳି ଗୁରୁତ୍ୱ ଦେବାକଥା ସରକାର ଦେଉନାହାନ୍ତି । ପିସିସି ପକ୍ଷରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଏକ ୧୨ ଜଣିଆ କମିଟି ବିଧାୟକ ଡ଼ା. ସିଏସ ରାଜନ ଏକ୍କାଙ୍କ ନେତୃତ୍ୱରେ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିଛି । ଉକ୍ତ ଗସ୍ତରେ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ ମଧ୍ୟ ରହିଛନ୍ତି । ଉକ୍ତ ଟିମ ହଇଜା ପ୍ରଭାବିତ ଅଞ୍ଚଳର ସାଧାରଣ ଜନତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବେ । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପିସିସି ପକ୍ଷରୁ ଏକ ଅନୁଧ୍ୟାନକାରି ଦଳ କେନ୍ଦୁଝରେ ଗସ୍ତ କରିବ ଏବଂ ଗୋପାଳପୁର ଘଟଣାରେ ଅନୁଧ୍ୟାନ କରିବାକୁ କଂଗ୍ରେସର ଏକ ଟିମ ଗସ୍ତ କରିଛି ବୋଲି ଶ୍ରୀ ଦାସ କହିଛନ୍ତି ।

କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଶାସନର ବିଫଳତା ବିରୁଦ୍ଧରେ କଂଗ୍ରେସ ଶୁକ୍ରବାରି



ସକାଳ ୯ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଅନଶନ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନ ଅବସରରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ରକ୍ତଦାନ ଶିବିର ଏବଂ ନାରୀ ସାମାଜିକ ନ୍ୟାୟ ଉପରେ ଚଳଚ୍ଚିତ୍ର ଫୁଲେକୁ ଛାତ୍ର କଂଗ୍ରେସ ପକ୍ଷରୁ କଂଗ୍ରେସ ନେତୃବୃନ୍ଦଙ୍କୁ ଦେଖାଇଛନ୍ତି । ସେ କହିଛନ୍ତି ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧୀ, ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ଭେଣୁ ଗୋପାଳ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ଠାରେ ବିଶାଳ ଜନସମାବେଶ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ରାଜ୍ୟର ବିଭିନ୍ନ ଅଘଟଣକୁ ଏଆଇସିସି ଗୁରୁତ୍ୱର ସହ ନେଇଛି । ଏହାକୁ ଅନୁଧ୍ୟାନ ନିମନ୍ତେ ଏକ ୫ଜଣିଆ କମିଟି ଗଠନ କରିଛି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ଓଡ଼ିଶାରେ ନାରୀ ଅସୁରକ୍ଷିତ ଥିଲା ବେଳେ ମହିଳା କମିଶନ ଅଦ୍ୟାବଧି ନିଯୁକ୍ତି ହୋଇନାହିଁ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, କଂଗ୍ରେସ ନେତା ଅରବିନ୍ଦ ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ ଶୋ'ରୁମ୍ ଉପରକୁ ବୋମାମାଡ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଶାମପୁର ନିକଟରେ ଥିବା ଏକ କାର୍ ଶୋ'ରୁମ୍ ଉପରକୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଘନ ଘନ ବୋମାମାଡ କରିଥିଲେ । ବୋମାମାଡରେ ୪/୬ଟି କାର୍ ନଷ୍ଟ ହୋଇଯାଇଥିବା ଶୋ'ରୁମ୍ ମାଲିକ ଦୀପକ ମହାରଣା କହିଛନ୍ତି । ପୂର୍ବ ଶତ୍ରୁତାରୁ ଏହି ବୋମାମାଡ ହୋଇଥିବା ମାଲିକ କହିଛନ୍ତି । ବୋମାମାଡର ନେତୃତ୍ୱ ନେଉଥିବା ଅଭିଯୁକ୍ତ କାର୍ ଶୋ'ରୁମ୍‌ରେ କାମ କରୁଥିଲା । ତା'ର ଦୁଷ୍ଟାମୀ ପାଇଁ ତାକୁ ମାଲିକ ଦୀପକ କାମରୁ ବାହାର କରିଦେଇଥିଲେ । ସେହି ରାଗରେ ସେ ମାଲିକଙ୍କୁ ଫୋନ୍‌ରେ ନାନାଦି ଧମକ ଦେବା ସହ ହଇରାଣ ହରକତ କରିଆସୁଥିଲା । ବୁଧବାର ଦିନ ମୋବାଇଲରେ ତାଙ୍କୁ ନାନାଦି ଧମକ ଦେଇଥିବା ବେଳେ ରାତି ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଶୋ'ରୁମ୍ ସାମ୍ନାରେ ଥିବା ଏକ ପାଚେରି ପାଖରେ ଠିଆ ହୋଇ ବୋମାମାଡ କରିଥିଲେ । ୫ଜଣ ଏକ ସ୍କର୍ପିଓ ଗାଡ଼ିରେ ଆସିଥିବା ଶୋ'ରୁମ୍‌ର କର୍ମଚାରୀ ସୂର୍ଯ୍ୟକାନ୍ତ ଦାସ କହିଛନ୍ତି ।

ଗୋଟିଏ ପରେ ଗୋଟିଏ ୫ଟି ବୋମା ମାଡ କରିବା ଫଳରେ ୪/୬ଟି କାର୍ ନଷ୍ଟ ହୋଇଛି । ୫ଟି ବୋମା ମଧ୍ୟରୁ ୨ଟି ଫୁଟି ନଥିଲା ବୋଲି ସୂର୍ଯ୍ୟକାନ୍ତ କହିଛନ୍ତି । ଘନ ଘନ ବୋମାମାଡ ହେବା ଦେଖି ସୂର୍ଯ୍ୟକାନ୍ତ ଶୋ'ରୁମ୍ ପାଖରୁ ଦୌଡି ପଳାଇଥିବା ଗଣମାଧ୍ୟମକୁ କହିଛନ୍ତି । କେବଳ ଶୋ'ରୁମ୍ ଉପରକୁ ନୁହେଁ, ଦୀପକ ମହାରଣାଙ୍କ ଘର ପାଖରେ ମଧ୍ୟ ବୋମାମାଡ ହୋଇଥିବା ସେ କହିଛନ୍ତି । ବୋମାମାଡରେ କେହି ମୃତାହତ ହୋଇନଥିବା ବେଳେ ପୋଲିସକୁ ଭୟ ନକରି ଏପରି ବୋମାମାଡ କରିବା ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।


## ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ ପାଇଁ ନିବେଦନ

ମୁଁ ମୋର ମସ୍ତ ଦେଶବାସୀମାନଙ୍କୁ ବିନମ୍ର ପ୍ରଣାମ ଜଣାଉଛି । ଆନନ୍ଦର କଥା- ଗତ ତା ୩୦.୧.୨୦୨୫ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରୁ 'ଭାରତର ସମସ୍ତ ସ୍କୁଲ ଓ କଲେଜମାନଙ୍କରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ' ଶୀର୍ଷକ ଏକ ସ୍ମାରକପତ୍ର ପଠାଇଥିଲି । ସେ ସହୃଦୟତାର ସହିତ ତାହାକୁ ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ ସ୍ଥିତ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (National Council of Educational Research & Traning)କୁ ପଠାଇଥିଲେ । ପ୍ରଶିକ୍ଷଣ ପରିଷଦ ମୋ ସ୍ମାରକପତ୍ରର ଯଥାର୍ଥ ଥିଲେ ମଧ୍ୟ ସି.ପି.ଜି.ଏ.ଏସ୍. (CPGAAS)ଙ୍କ ନିୟମ ଅନୁସାରେ ସ୍କୁଲ ଓ କଲେଜମାନଙ୍କରେ ବର୍ତ୍ତମାନ ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଚିଠି ନଂ. ୧.୬/୨୦୨୪ ଜି.ଆର୍.ସି. ନଂ-୩୦୯/୩୧୨ ତା. ୦୯.୦୫.୨୦୨୫ ରିଖରେ ମୋତେ ଜଣାଇଛନ୍ତି । କିନ୍ତୁ ଉକ୍ତ ଚିଠିରେ ମଧ୍ୟ ଉଲ୍ଲେଖ ଅଛି, ଯଦି କୌଣସି ବ୍ୟକ୍ତି ବା ଅଭିଯୋଗକାରୀ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିବାକୁ ଚାହାନ୍ତି, ତାହାଲେ ସେ ନୂଆଦିଲ୍ଲୀସ୍ଥିତ 'ନିର୍ଦ୍ଦେଶାଳୟ ଜନ ଅଭିଯୋଗ ସଂସ୍ଥାନ (Directorate of Public grievance)ଙ୍କ ସହିତ ଯୋଗାଯୋଗ କରିପାରିବେ' । ଏହି ପରିପ୍ରେକ୍ଷୀରେ ବିକଳ୍ପପନ୍ଥା ସ୍ୱରୂପ ମୋର ସୁଚିନ୍ତିତ ମତାମତ ଦେଇ ନିର୍ଦ୍ଦେଶାଳୟଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଛି ।

ସେହି ସୁଚିନ୍ତିତ ମତାମତଟି ହେଲା, ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଯେଉଁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାସ କରୁଛନ୍ତି ଏବଂ ସେମାନଙ୍କର ପିଲାମାନେ ବିଭିନ୍ନ ସ୍କୁଲ, କଲେଜମାନଙ୍କରେ ଅଧ୍ୟୟନ କରୁଛନ୍ତି । ହୁଏତ ଏହି କାରଣ ଯୋଗୁଁ ଭାରତ ସରକାର ଆଧ୍ୟାତ୍ମିକ ଶିକ୍ଷା ପ୍ରଚଳନ କରିପାରୁନାହାନ୍ତି । ଏଣୁ ଏହା ଏକ ବିବାଦୀୟ ପ୍ରଶ୍ନ ହୋଇ ରହିଛି । ବିଭିନ୍ନ ସମ୍ପ୍ରଦାୟ ମାଧ୍ୟମରେ ନିଜ ନିଜର ଧର୍ମ ଓ ସଂସ୍କୃତିକୁ କେନ୍ଦ୍ରକରି ପ୍ରଚଳିତ ହୋଇଆସୁଥିବ । ଆଧ୍ୟାତ୍ମିକ ଶିକ୍ଷା ହିଁ ଏକମାତ୍ର ପନ୍ଥା । ସରକାର ସେହି ବିଭିନ୍ନ ସମ୍ପ୍ରଦାୟମାନଙ୍କ ମାଧ୍ୟମରେ ପ୍ରଚଳିତ ହୋଇଆସୁଥିବ । ଆଧ୍ୟାତ୍ମିକ ଶିକ୍ଷାକୁ ସୁଦୂର ପ୍ରସାରୀ କରିବା ନିମନ୍ତେ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ୱୀକୃତି ପ୍ରଦାନ କରନ୍ତୁ । ତାହାହେଲେ ଜାତୀୟ ସଂହତି ବଜାୟ ରହିବ । ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ ।

ଉଲ୍ଲେଖନୀୟ ଯେ ସ୍କୁଲ, କଲେଜମାନଙ୍କରେ ହେଉ କିମ୍ବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ ହେଉ ଆଧ୍ୟାତ୍ମିକ ଶିକ୍ଷା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟ ହେବ । ତାହା ନହେଲେ ସେମାନେ ବିଭିନ୍ନ ଅପରାଧ, ଅନ୍ୟାୟ, ଅନୀତି, ଦୁର୍ନୀତି, ଚୋରି ଏପରିକି ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ହୋଇ ଦଣ୍ଡିତ ହେବେ ।

ମୋର ଉପରୋକ୍ତ ଅହିଂସାମୂଳକ ଅଭିଯାନ ଚାଲୁ ରହିବ । ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋର ଅଭିଯାନର ମହତ୍ତ୍ୱକୁ ଉପଲବ୍ଧି କରି ସମ୍ବାଦପତ୍ରମାନଙ୍କରେ ମତାମତ ଦେଲେ ମୋର ଅଭିଯାନ ସଫଳ ହେବ ।


ଦୟାନିଧି ବେହୁରା

ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ
ନିଉ କଲୋନୀ (ଅପର୍ତ୍ତିବିନ୍ଧା),
ପୋ./ଜି.- ଭଦ୍ରକ
ମୋ.- ୯୭୭୬୫୨୨୩୦୬

Advertorial

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୩
ତିଥି : ନବମୀ
୨୦ ଜୁନ୍ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 253
20 June 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ଆସୁଛନ୍ତି ମୋଦି

ଭୁବନେଶ୍ୱର,୧୯ ।୬(ସବ୍ୟୁ): ଆସନ୍ତାକାଲି ରାଜ୍ୟ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ହେବାକୁଥିବା ସମାବେଶରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଆସୁଛନ୍ତି। ଏଥିଲାଗି ଜନତା ମୈଦାନରେ ବିଶାଳ ସମାବେଶର ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ଏହି ଗସ୍ତ ଅବସରରେ ୧୮ ୭୦୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଉଦଘାଟନ କରିବେ। ୬୦ ପ୍ରକଳ୍ପର ଶିଳାନ୍ୟାସ ଓ ୪୫ ପ୍ରକଳ୍ପର ଲୋକାର୍ପଣ କରିବେ।



ପୂର୍ବତଟ ରେଳବାଇର ୨୭୨୫ କୋଟିରୁ ଅଧିକ ରେଳପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି।

**୧୮ ୭୦୦ କୋଟି ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ**

ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବ। ବିମାନବନ୍ଦରରୁ ତ୍ରିରଙ୍ଗା ଯାତ୍ରାରେ ପ୍ରଧାନମନ୍ତ୍ରୀ ଯିବେ। କଳିଙ୍ଗ ଷ୍ଟାଡିୟମରୁ (୯ ପୃଷ୍ଠାରେ)

# ତ୍ରୁଟିଶୂନ୍ୟ ପ୍ରସ୍ତୁତି ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯ ।୬(ସବ୍ୟୁ): ବର୍ଷ ପୂର୍ତ୍ତି ସମାରୋହ ଉପଲକ୍ଷେ ଭୁବନେଶ୍ୱର ଜନତା ମୈଦାନରେ ଆୟୋଜିତ ସଭା ସ୍ଥଳ ପ୍ରସ୍ତୁତି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନୁଧ୍ୟାନ କରିଛନ୍ତି। ତ୍ରୁଟିଶୂନ୍ୟ ପ୍ରସ୍ତୁତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ଆଜି ମୁଖ୍ୟମନ୍ତ୍ରୀ ସଭାସ୍ଥଳ ବୁଲି ଦେଖିବା ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକଳାପରେ ଯେପରି କୌଣସି ତ୍ରୁଟି ନରହିବ ସେଥି ପ୍ରତି ସଜାଗ



ଜନତା ମୈଦାନରେ ପ୍ରସ୍ତୁତି କାର୍ଯ୍ୟର ଅନୁଧ୍ୟାନ

ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସନ୍ଧ୍ୟା ସୁଧା ସମସ୍ତ କାର୍ଯ୍ୟ ସମ୍ପନ୍ନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପିର ରାଜ୍ୟ ପ୍ରଭାରୀ ବିଜୟ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ପ୍ରସ୍ତୁତି କାର୍ଯ୍ୟ ଦେଖିଥିଲେ। ମୁଖ୍ୟ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗ ଏସସିଏସ୍ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିସେସ ସୂଚନା ଦେଇଥିଲେ। (୯ ପୃଷ୍ଠାରେ)

### ୬ ଜିଲ୍ଲାର ଡାଇରିଆ ମୁକାବିଲା ସମୀକ୍ଷା

## ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯ ।୬ (ସବ୍ୟୁ) : ରାଜ୍ୟରେ ୬ଟି ଜିଲ୍ଲାରେ ଡାଇରିଆ ସ୍ଥିତି ବିଗିଡ଼ିବାରେ ଲାଗିଛି । ଯାଜପୁର, କଟକ,

**କଟକ, ଯାଜପୁର, ଭଦ୍ରକ ଜିଲ୍ଲାରେ ସ୍ଥିତି ପରଖିଲେ ବିଶେଷଜ୍ଞ ଟିମ**

**ଭଦ୍ରକରେ ଦୁଇଦିନ, ଯାଜପୁରରେ ତିନିଦିନ ଅଙ୍ଗନବାଡ଼ି, ଶିକ୍ଷାନୁଷ୍ଠାନ ଛୁଟି**

ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଓ କେନ୍ଦ୍ରାପଡା ଆଦି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଆଭାସି ମାଧ୍ୟମରେ ଡାଇରିଆ ସ୍ଥିତି ଏବଂ ମୁକାବିଲାର ବିଭିନ୍ନ ଦିଗ ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିସ୍ତୃତ ଆଲୋଚନା କରିଥିଲେ । ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ରୂପେ ସତର୍କ ରହି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜ ଗୁଡ଼ିକର ସୁରକ୍ଷାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ଖରାଛୁଟିକୁ ଦୁଇଦିନ ଓ ଯାଜପୁର ଜିଲ୍ଲାରେ ତିନିଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । (୯ ପୃଷ୍ଠାରେ)

## ସୁରକ୍ଷିତ ଦର୍ଶନକୁ ଗୁରୁତ୍ୱ

ପୁରୀ, ୧୯ ।୬ (ସବ୍ୟୁ) : ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ ଆସନ୍ତା ୨୭ ତାରିଖରେ। ହାତ ଗଣତି ପରି ରହିଲା ଆଉ ମାତ୍ର ୭ ଦିନ। ଚଳ ଚଞ୍ଚଳ ହୋଇ ଉଠୁଛି ବଡ ଦାଣ୍ଡ।

ରଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଛି ଜୋର୍ଦାର ପ୍ରସ୍ତୁତି। ସମସ୍ତ କାର୍ଯ୍ୟକୁ ଚୂଡାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ରହିଛନ୍ତି। ଚଳିତ ବର୍ଷ ସମସ୍ତ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁନ୍ଦର, ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥି ପାଇଁ

**ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା**

ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ରାଜ୍ୟ ଉଚ୍ଚ ସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର (୯ ପୃଷ୍ଠାରେ)

## ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ଘରେ ଆଇଟି ଚଢ଼ାଉ

ସମ୍ବଲପୁର, ୧୯ ।୬ (ସବ୍ୟୁ) : ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଘର, ହୋଟେଲ ଓ ଅଫିସରେ ଆୟକର ବିଭାଗ ପକ୍ଷରୁ ଚଢଉ କରାଯାଇଛି। ଆୟକର ଫାଙ୍କିବା ଅଭିଯୋଗରେ ସମ୍ବଲପୁର ସମେତ ଝାରସୁଗୁଡା, ସୁନ୍ଦରଗଡ, ଭୁବନେଶ୍ୱର ଓ ଦିଲ୍ଲୀ ସମେତ ୧୯ଟି ସ୍ଥାନରେ ଏକକାଳୀନ ଚଢଉ ହୋଇଛି। ସମ୍ବଲପୁର ମୁଦିପଡା ସ୍ଥିତ ବାସଭବନ, ଭିଏସ୍ଏସ୍ ମାର୍ଗସ୍ଥିତ ଦି ମାଣ୍ଡାରିନ୍ ହୋଟେଲ ଓ ଭାଲୁପାଲିସ୍ଥିତ ଡି ଲାଉଞ୍ଜ୍ ହୋଟେଲରେ ଆୟକର ବିଭାଗ ଅଧିକାରୀମାନେ ଚଢଉ କରିଛନ୍ତି। ଗୁରୁବାର ଭୋର ୫ଟା ଚଢଉ ଆରମ୍ଭ ହୋଇଥିଲା। ଚଢଉ ବେଳେ ମାଣ୍ଡାରିନ୍ ହୋଟେଲରୁ ହାର୍ଡଡିକ୍ସ ଜବତ କରାଯାଇଛି। ଏଥିସହ ବହୁ କାଗଜପତ୍ର ଓ ଲାପ୍‌ଟପ୍ ଆଦି ଯାଞ୍ଚ କରାଯାଇଥିଲା। ଏପରିକି ହୋଟେଲ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ହୋଟେଲ ଓ ଘର ବାହାରେ ସିଆରପିଏଫ୍ ଯବାନ ଜଗିଥିବା ବେଳେ ଭିତରକୁ କାହାକୁ ଯିବାକୁ (୯ ପୃଷ୍ଠାରେ)

## ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍‌ବକ୍ସ ନଷ୍ଟ

ନୂଆଦିଲ୍ଲୀ, ୧୯ ।୬: ଜୁନ୍ ୧୨ରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ବୋଇଂ ବିମାନ ୭୮୭-୮ ଡ୍ରିମ୍ ଲାଇନରର ମିଳିଥିବା ବ୍ଲାକ୍ ବକ୍ସ ନଷ୍ଟ ହୋଇଯାଇଛି। ଏହି ବ୍ଲାକ

**ଯାଞ୍ଚ ଲାଗି ଯିବ ଆମେରିକା**

ବକ୍ସରୁ ତଥ୍ୟ ବାହାର କରିବା ପାଇଁ ଆମେରିକାକୁ ପଠାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡିଛି। ତେବେ ସରକାର ଏସମ୍ପର୍କରେ ସବିସେସ ନିଷ୍ପତ୍ତି ନେବେ।

ବ୍ଲାକ୍ ବକ୍ସରେ ଥିବା ଦୁଇ ଡିଭାଇସ୍ ମଧ୍ୟରେ କକପିଟ୍ ଭଏସ ରେକର୍ଡର ଓ ଡାଟା ରେକର୍ଡର ରହିଥାଏ। ଅହମ୍ମଦାବାଦର ଦୁର୍ଘଟଣାଗ୍ରସ୍ତ ସ୍ଥଳରୁ ବ୍ଲାକ୍ ବକ୍ସକୁ ଉଦ୍ଧାର କରାଯାଇଥିଲା। ତେବେ ଏହା ନଷ୍ଟ ହୋଇଯାଇଥିବାରୁ ଆମେରିକା ପଠାଯିବ ବୋଲି ସୂଚନା ମିଳିଛି। ଭାରତୀୟ ଅଧିକାରୀମାନେ ମଧ୍ୟ ପ୍ରୋଟୋକଲ ଅନୁଯାୟୀ ବ୍ଲାକ୍ ବକ୍ସ ସହ ଆମେରିକା ଯିବେ। ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆନ୍ତର୍ଜାତୀୟ ବିମାନବନ୍ଦରରେ (୯ ପୃଷ୍ଠାରେ)



# ନିଜସ୍ୱ ଉଦ୍ୟମରେ ମହେନ୍ଦ୍ରତନୟାରେ ଅସ୍ଥାୟୀ ପୋଲ ନିର୍ମାଣ କଲେ ଗ୍ରାମବାସୀ

## ଶୁଣିଲେନି ସରକାର



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ମହେନ୍ଦ୍ରତନୟା ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ସ୍ଥାନୀୟ ଲୋକଙ୍କ ଦାବି ନିବେଦନ ପରେ ସୁଦ୍ଧା ସରକାର ନା ପ୍ରଶାସନ କେହି ନଶୁଣିବାରୁ ନିଜସ୍ୱ ଅର୍ଥ ଓ ଶ୍ରମରେ ନଦୀ ଉପରେ ଅସ୍ଥାୟୀ ପୋଲ ନିର୍ମାଣ କଲେ ଯୁବରାଜପୁର ଗ୍ରାମବାସୀ । ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଯୁବରାଜପୁର-ବାଘଶାଳା ଦେଇ ପ୍ରବାହିତ ହେଉଥିବା ମହେନ୍ଦ୍ରତନୟା ନଦୀ ଯାତାୟତରେ ସମସ୍ୟା ବହୁ ବର୍ଷ ଧରି ଲାଗି ରହିଛି। ପୋଲ ନଥିବାରୁ ବହୁବାର ପ୍ରଶାସନକୁ ଏନେଇ ଜଣାଇଛନ୍ତି ଲୋକେ । ହେଲେ ଦୀର୍ଘଦିନ ଧରି କେହି ନଶୁଣିବାରୁ ଯୁବରାଜପୁର ଗ୍ରାମବାସୀ ଏକତ୍ର ହୋଇ ସାମର୍ଥ୍ୟ ଅନୁସାରେ ଅର୍ଥ ଆଦାୟ କରିବା ସହ ଶ୍ରମଦାନ କରି ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ସ୍ଥାୟୀ ବ୍ରିଜ୍ ନିର୍ମାଣ ପାଇଁ ଏହି ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି । ହେଲେ ସରକାର ପ୍ରଶାସନ ଓ ବିଭାଗୀୟ ଅଧିକାରୀ କେହି ମଧ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି ଯୁବରାଜପୁର ଗ୍ରାମବାସୀ । ଯୁବରାଜପୁର, କାମଧେନୁ, ବାଘଶାଳା ଆଦି ଗ୍ରାମକୁ ଯିବା ଆସିବା ପାଇଁ ଦୂରତା ପଡୁଥିବାରୁ ମହେନ୍ଦ୍ରତନୟା ନଦୀ ଉପରେ ବ୍ରିଜ୍ ନିର୍ମାଣ ପାଇଁ ବହୁ ବର୍ଷ ଧରି ଦାବି କରାଯାଉଛି। ପୂର୍ବ ସରକାରଙ୍କ ଅମଳରେ ଏହି ସମସ୍ୟାର ସମାଧାନ ନିମନ୍ତେ ବିଜୁ ସେତୁ ଯୋଜନାରେ ୮କୋଟି ୯୬ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରି ବାଘଶାଳା-କାମଧେନୁ ବ୍ରିଜ୍ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ମଧ ସରିଥିଲା। ହେଲେ ଯେଉଁ ସ୍ଥାନରେ ପୋଲ ନିର୍ମାଣ କରିବାକୁ ଯୋଜନା ହୋଇଥିଲା ତାହା ଅନୁପଯୁକ୍ତ ବୋଲି ଅଞ୍ଚଳର କେତେକ ଗ୍ରାମବାସୀ ଅନ୍ୟତ୍ର ପୋଲ୍ ନିର୍ମାଣ ପାଇଁ ଦାବି କରିଥିଲେ। ଏଥିପାଇଁ ପୁନର୍ବାର ଯୋଜନା ସମ୍ପର୍କରେ ଆଲୋଚନା ଚାଲିଥିବା ବେଳେ ସରକାର ବଦଳିଯାଇଥିଲା। ଏହାପରେ ଏହି ବ୍ରିଜ୍ ନିର୍ମାଣ ହେବାର ନାଁ ଗନ୍ଧ ନଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ଅଞ୍ଚଳବାସୀ କହିଛନ୍ତି ଯେ ବାଘଶାଳା-କାମଧେନୁ ମହେନ୍ଦ୍ରତନୟା ପୋଲ ନିର୍ମାଣ ହେଲେ ଗୋଷାଣି ବ୍ଲକ ସଦରମହକୁମା ଠାରୁ ଆରମ୍ଭ କରି ଜିଲ୍ଲା ସଦରମହକୁମା, ଶିକ୍ଷା, ସ୍ୱାସ୍ଥ୍ୟ ଆଦିର ଗମନାଗମ ପାଇଁ ବହୁ ସୁବିଧା ହୋଇପାରିବ ।

## ଟ୍ରକ୍‌କୁ ପିଟିଲା ବାଇକ୍, ଯୁବକ ମୃତ

ବ୍ରହ୍ମପୁର, (ସବ୍ୟୁ): ଜାତୀୟ ରାଜପଥ ଖଜୁରିଆ ବାଇପାସ ନିକଟରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ରାସ୍ତା କଡ ପାର୍କିଂରେ ଥିବା ଏକ ଟ୍ରକ୍ ପଛପଟୁ ବାଇକ ଧକ୍କା ଦେବାରୁ ବାଇକ ଚାଳକ ଗୁରତର ହୋଇଥିଲେ । ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ରାତ୍ର ୮ଟା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ଟ୍ରାଫିକ ଥାନା ପକ୍ଷରୁ ସୂଚନା ମିଳିଛି। ମୃତକ ଜଣଙ୍କ କାହ୍ନା ବାରିକ(୩୦)। ଖବର ଲେଖା ହେବା ଯାଏଁ ଥାନାରେ ଅଭିଯୋଗ ହୋଇନଥିବା ପୋଲିସ କହିଛି। ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନରେ ଉକ୍ତ ଯୁବକ ଜଣଙ୍କ ଏକ ବାଇକ ନଂଓଡ଼ି ୦୨ ସିଓ୍ୱାଇ ୯୮୧୪ରେ ଯାଉଥିଲେ। ଖଜୁରିଆ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛପଟୁ ବାଇକଟି ଧକ୍କା ଦେଇଥିଲା। ଫଳରେ ଚାଳକ ଜଣଙ୍କ ଛିଟିକି ରାସ୍ତା ଉପରେ କଚାଡି ହୋଇ ପଡିଥିଲେ। ଖବର ପାଇ ଟ୍ରଫିକ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡି ଜବତ କରିଥିଲା।

## ବିବାହିତା ମହିଳାଙ୍କୁ ଗଣଦୁଷ୍କର୍ମ ମାମଲା

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଭେଟି ଦାବି ଜଣାଇଲା କଂଗ୍ରେସ



ବାରିପଦା, (ସବ୍ୟୁ) : ବାରିପଦା ସଦର ଥାନା ଅନ୍ତର୍ଗତ ରଜାବସା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ଗତ ୧୬ତାରିଖ ରାତିରେ ୪ଜଣ ଯୁବକ ବଳପୂର୍ବକ ଉଠାଇ ନେଇ ଗୋଟିଏ ବନ୍ଦ ଘରେ ରାତି ତମାମ ଗଣ ଦୁଷ୍କର୍ମ କରିଥିଲେ। ଏନେଇ ପୀଡିତାଙ୍କ ସ୍ୱାମୀ ୪ଜଣ ଯୁବକଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଅଭିଯୁକ୍ତ ମାନେ ଏବେ ଫେରାର ହୋଇଯାଇଛନ୍ତି। ପୀଡିତାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ବାରିପଦା ସଦର ଥାନା ପୋଲିସ ୧୨୬/୨୫ ନମ୍ବରରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ମଧ ପ୍ରୟାସ ଜାରି ରଖିଛି। ତେବେ ସାରା ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବିଶେଷ କରି ଦୁଷ୍କର୍ମ ମାମଲା ଦିନକୁ ଦିନ ବଢି ଚାଲିଥିଲା ବେଳେ କଂଗ୍ରେସ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଧାନସଭା ଭିତର ଠାରୁ ଆରମ୍ଭ କରି ରାଜରାସ୍ତାରେ ଲଢେଇ ଜାରି ରଖିଥିବାବେଳେ, ଆଜି ବାରିପଦାର ଏହି ଗଣ ଦୁଷ୍କର୍ମ ମାମଲାକୁ ନେଇ କଂଗ୍ରେସ କମିଟିର ଏକ ଟିମ୍ ପୂର୍ବତନ ଉପସଭାପତି ଅରବିନ୍ଦ ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜ ଏସ୍‌ପିଙ୍କୁ ଭେଟି ଘଟଣାର ବିଧିବଦ୍ଧ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ କଂଗ୍ରେସ ଚ୍ୟାମ୍ବର୍ସ ଅଫ କମର୍ସର ରାଜ୍ୟ ସଭାପତି ଯୋଗେଶ ଅଗ୍ରୱାଲା, ମହିଳା କଂଗ୍ରେସର ଜିଲ୍ଲା ସଭାନେତ୍ରୀ ସୁସ୍ମିତା ଘୋଷାଲ, ପଞ୍ଚାୟତ ପରିଷଦର ଚେୟାରମ୍ୟାନ୍ ଶିବାନନ୍ଦ ଦାସ, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାସ, କୃଷକ ସେଲ ଚେୟାରମ୍ୟାନ ଦୀପକ ଦାଶ, କୁନା ରାଉତ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର ଓ ରଶ୍ମିତା ମିଶ୍ର ପ୍ରମୁଖ ସାମିଲ ଥିଲେ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ୱାର୍ଡ ନଂ ୯, ମଧୁବନ, ବାରିପଦା ଆନୁକୁଲ୍ୟରେ ଆଶ୍ରୟସ୍ଥଳୀ ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୌରପରିଷଦ, ବାରିପଦା, ଆଶ୍ରୟସ୍ଥଳୀ ରକ୍ଷଣ ବେକ୍ଷଣ ଓ ପରିଚାଳନା ସମିତି ମଧୁବନ ୱାର୍ଡ ନଂ ୯ ଓ ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଶ୍ରୟସ୍ଥଳୀର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ମୁଖ୍ୟବକ୍ତା ଭାବେ ବାରିପଦା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜରୁରୀକାଳୀନ ଅଧିକାରି ଶ୍ରଦ୍ଧା ସୁମନ, ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଓଡ୍ରାଫ୍‌ର ଅରୁଣ କୁମାର ମହାନ୍ତ, ଅବସରପ୍ରାପ୍ତ ଅଧକ୍ଷ ଡଃ କୁଞ୍ଜବନ ପୃଷ୍ଟି, ୱାର୍ଡ ନଂ ୮ର କାଉନ୍‌ସିଲର ମୁର୍ଚ୍ଛନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସକାଳେ ଏକାଡେମୀ ମ୍ୟାସେଜ୍ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ନିକଟରେ ଲଘୁଚାପ ସୃଷ୍ଟି ହୋଇ ଅତି ପ୍ରବଳ ବର୍ଷା ସମ୍ଭାବନା ଅଛି ତାହାରି ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଲୋକମାନେ ସାପ କାମୁଡ଼ା ଓ ବଜ୍ରପାତ ସମୟରେ କିଭଳି ଭାବେ ସଚେତନ ରହିବେ ସେ ସମ୍ପର୍କରେ ଓଡ୍ରାଫ୍ ତରଫରୁ ତାଲିମ ଦିଆଯାଇଥିଲା। ବୈଠକରେ ଆଶ୍ରୟସ୍ଥଳୀର ସଭ୍ୟ ଡଃ ଯୋଗେନ୍ଦ୍ର ନାଥ ପଣ୍ଡା, ରଘୁନାଥ ପଣ୍ଡା, ବସନ୍ତ କୁମାର ଦାସ, ଈଶ୍ୱର ଚନ୍ଦ୍ର ଦାସ, ସୁବୋଧ କୁମାର ପଲେଇ, ପାର୍ବତୀ ମୁଣ୍ଡା, ଜ୍ୟୋତ୍ସ୍ନାରାଣୀ ଜେନା, ସତ୍ୟଭାମା ସାହୁ, ପବିତ୍ର ସାମଲ ଏବଂ ଭିନ୍ନକ୍ଷମ ପତିନିଧି, ଅଜୟ କୁମାର ବାରିକ, ସ୍ୱାର୍ଡାର ମୋହନ ମୁର୍ମୁ ତଥା ବିଭିନ୍ନ ଶ୍ରେଣୀର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଡଃ କୁଞ୍ଜବନ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।

## ୧୫ ନମ୍ବର ୱାର୍ଡ ସମସ୍ୟା ନେଇ ବିଧାୟକଙ୍କ ସହ ଅଞ୍ଚଳବାସୀଙ୍କ ଆଲୋଚନା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ବହୁ ସଦସ୍ୟ ରହିଥିବା ବେଳେ ୧୫ ନମ୍ବର ୱାର୍ଡର ସୋମନାଥ ନଗର ଓ ମୟୁରି ବିହାର ଅଞ୍ଚଳରେ ରାସ୍ତା ଘାଟ ଓ ଡ୍ରେନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଧାୟକ କେ. ଅନିଲ କୁମାର ସୋମନାଥ ନଗର, ମୟୂର ବିହାର ଚତୁର୍ଥ ଲାଇନ ପରିଦର୍ଶନ କରିଥିଲେ । ଅଞ୍ଚଳବାସୀ ବିଧାୟକଙ୍କୁ ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଅବଗତ କରାଇଥିଲେ। ରାସ୍ତାପାଖ ସଫା-ସୁତୁରା, ପାଣି ଜମିବା ଫଳରେ ମଶା ବଂଶ ବୃଦ୍ଧି, ଖୋଲା ନାଳ ଉପରେ ପ୍ଲେଟ ପକାଇବା, ନାଳ ସଫେଇ କାର୍ଯ୍ୟ, ରାସ୍ତା ମରାମତି ଓ ଅଞ୍ଚଳରେ ନୂତନ ପାର୍କ ନିର୍ମାଣ ଆଦି ଉପରେ ଆଲୋଚନା କରିଥିଲେ। ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହିତ ବ୍ୟକ୍ତିଗତ ଭାବେ ସଂଯୋଗ ସ୍ଥାପନ କରିଥିଲେ। ସମସ୍ୟା ଗୁଡିକୁ ଶୀଘ୍ର ସମାଧାନ କରାଯିବ ବୋଲି ସେ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

## ବେଳାଭୂମି ଗଣ ବଳାତ୍କାର ମାମଲା, ଟିଆଇ ପ୍ୟାରେଡ଼ ପାଇଁ ଆବେଦନ

ବ୍ରହ୍ମପୁର, (ସବ୍ୟୁ): ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣାରେ ଗଞ୍ଜାମ ଜଲ୍ଲା ଦୌରା ଜଜ କୋର୍ଟ ପରିସରରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲଆର ଆଣ୍ଡ ଏଲଟିଭି) ଅନ୍ୱେଶା ଦାଶ କୋର୍ଟରେ ହାଜର ହୋଇ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ତାଙ୍କର ଟିଆଇ ପ୍ୟାରେଡ଼ ପାଇଁ ଆବେଦନ କରିଥିଲେ। ସେହିପରି ଟିମ ଗୋପାଳପୁର ଥାନାରେ ରୁଜୁ ହୋଇଥିବା ମାମଲାର ତଦନ୍ତକାରୀ ଅଧିକାରୀଙ୍କ ଠାରୁ ପିଡ଼ିତାଙ୍କ ଅଭିଯୋଗପତ୍ର ସହ ସମସ୍ତ କାଗଜପତ୍ର ଜିମାରେ ନେଇଛି। କ୍ରାଇମବ୍ରାଞ୍ଚ ଏବେ ଏକ ନୂଆ ମାମଲା ରୁଜି କରି ତଦନ୍ତ କରୁଛି। ଗତ ୧୫ ତାରିଖ ରାତ୍ର ଉକ୍ତ ବଳାତ୍କାର ହୋଇଥିବା ବେଳେ ୧୬ ତାରିଖରେ ପିଡ଼ିତାଙ୍କ ଡାକ୍ତରୀମାଇନା ପରେ ଡିଏନଏ ପରୀକ୍ଷା ପାଇଁ ତାଙ୍କର ରକ୍ତ ନମୁନା ସଂଗ୍ରହ କରିଥିଲେ । ପରେ ୧୭ ତାରିଖ ୧୦ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସେମାନଙ୍କ ଡାକ୍ତରୀ ମାଇନା ପାଇଁ ଏମକେସିଜି ମେଡିକାଲ ପଠାଇଥିଲା। ଡିଏନଏ ପରୀକ୍ଷା ପାଇଁ ସମସ୍ତ ଅଭିଯୁକ୍ତଙ୍କ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ପୋଲିସ ଉଭୟ ପିଡ଼ିତା ଓ ଅଭିଯୁକ୍ତ ମାନେ ପିନ୍ଧିଥିବା ଲୁଗାପଟା ଜବତ କରିଥିଲା। ତାହା ପୋଲିସ କ୍ରାଇମବ୍ରାଞ୍ଚ ଟିମକୁ ହସ୍ତାନ୍ତର କରିଛି। ସେଗୁଡିକୁ କ୍ରାଇମବ୍ରାଞ୍ଚ ଭୁବନେଶ୍ୱର ଆରଏଫଏସଏଲକୁ ପଠାଇବ ବୋଲି ଜଣାପଡିଛି। ସେହିପରି ଘଟଣା ସ୍ଥଳରୁ ମିଳିଥିବା ସୁରାଗ ଆଧାରରେ ଟିମ ଏବେ ତାର ତଦନ୍ତ ଚଳାଇଛି। ଉକ୍ତ ବଳାତ୍କାର ଘଟଣାର ଚାଞ୍ଚଲ୍ୟକର ତଥ୍ୟ ଏବେ ସାମନାକୁ ଆସିଛି। ପ୍ରମାଣ ନଷ୍ଟ କରିବା ପାଇଁ ବଳତ୍କାରି ମାନେ କିଭଳି ଉଦ୍ୟମ କରିଥିଲେ ତାହାର ଏବେ ଖୁଲାସା ହୋଇଛି। ବଳାତ୍କାର ସମୟରେ ଅଭିଯୁକ୍ତ ମାନେ ଗର୍ଭନିରୋଧକ ପାଇଁ କଣ୍ଡୋମ ବ୍ୟବହାର କରିଥିଲେ। ଏନେଇ ଏମକେସିଜି ଏଫେମିଟି ବିଭାଗ ମୁଖ୍ୟ ପ୍ରଫେସର ଡା. ସୁଦୀପା ଦାଶ ସୂଚନା ଦେଇଛନ୍ତି। ସେମାନେ ପୂର୍ବରୁ ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବା ସନ୍ଦେହ କରାଯାଉଛି ।

## ଆଠମଲ୍ଲିକ ପାଇଁ ଗୌରବ ଆଣିଲେ ପ୍ରଜ୍ଞାପରମିତା



ଆଠମଲ୍ଲିକ,(ସବ୍ୟୁ) :ରାଜ୍ୟ ବନ୍ୟ ପ୍ରାଣୀ ମୁଖ୍ୟାଳୟ ଓ ଜଙ୍ଗଲ ପରିବେଶ, ଜଳ ବାୟୁ ପରିବର୍ତ୍ତନ ବିଭାଗ ତରଫରୁ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସହର ବାସିନ୍ଦା ତଥା ସାମ୍ବାଦିକ ଉଦିପ୍ତ ପୁରୋହିତ ଓ ସାଧନାଦେବୀ ପୁରୋହିତ ଙ୍କ ସାନ ଝିଅ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞା ପରମିତା ପୁରୋହିତ ସଫଳତା ଲାଭ କରି ସ୍କୁଲ ପାଇଁ ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସୂଚନା ଥାଉ କି ଓଡିଶାରେ କୁମ୍ଭୀର ସରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ କୁମ୍ଭୀର ସରଂକ୍ଷଣ ବିଷୟ ବସ୍ତୁ ଉପରେ ବନ ବିଭାଗ ତରଫରୁ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ରାଜ୍ୟସ୍ତରୀୟ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ପାଇଁ ଭୁବନେଶ୍ୱରସ୍ଥିତ ଓ ୟୁ ଏ ଟି ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓ ୟୁ ଏ ଟି ଭାଇସଚାନ ସେଲର ପ୍ରଭାତ କୁମାର ରାଉଳ,ଓ୍ୱାଇଲଡ ଲାଇଫ ପି ସି ସି ଏଫ ପ୍ରେମ କୁମାର ଝା, ପି ସି ସି ଏଫ ସୁରେଶ ପନ୍ଥ, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀ ଙ୍କୁ ମେଡାଲ ,ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । କୃତି ଛାତ୍ରୀ ପ୍ରଜ୍ଞା ପରମିତା ପୁରୋହିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ,ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କାମନା କରିଛନ୍ତି ।

## ରାସ୍ତାପାର୍ଶ୍ୱ ଖାଦ୍ୟ,ହଷ୍ଟେଲ ଓ ମେସ ଉପରେ ନିୟନ୍ତ୍ରଣ ନାହିଁ: ୨୨ ଆକ୍ରାନ୍ତ ଚିହ୍ନଟ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ଝାଡାବାନ୍ତି ହ୍ରାସ ପାଇବାର ନାଁ ଧରୁନି। ବାସ ଖାଦ୍ୟ,ଦୂଷିତ ପାଣି,ହଷ୍ଟେଲ ଏବଂ ମେସ ଉପରେନିୟନ୍ତ୍ରଣ ନାଥିବାରୁ ଦିନକୁ ଦିନ ଆକାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ବିଭାଗୀୟ ଅଧିକାରୀକେବଳ ପାଣି ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଦେଇ ଚୁପଚାପ ବସିଥିବାର ଜଣାପଡିଛି। ଢେଙ୍କାନାଳ ଜିଲାରେ ଗତ ୩ଦିନ ମଧ୍ୟରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧିପାଇବାରେ ଲାଗିଛି।ଜିଲାର ଭୁବନ ବ୍ଲକ ଅଞ୍ଚଳରେ ମଙ୍ଗଳବାର ୭ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ମୋଟ ୮୯ଜଣ ଆକ୍ରାନ୍ତ ହେଲେଣି । ସେହିପରି ଗଁଦିଆ ବ୍ଲକ ଅଂଚଳରେ ମଙ୍ଗଳବାର ୧୦ଜଣ ଆକ୍ରାନ୍ତ ହୋଇ ବ୍ଲକ ଅଂଚଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ୩ଦିନ ମଧ୍ୟରେ ମୋଟ ୪୩ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଭୁବନ ଓ ଗଁଦିଆ ଅଂଚଳର କିଛି ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଧ ସ୍ଥାନାନ୍ତରିତ କରାଯାଇଛି । ଦୂଷିତ ପାଣି ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ସନ୍ଦେହରେ ଭୁବନ ଏନ୍‌ଏସି, ଗଁଦିଆ ବ୍ଲକ ଅଂଚଳରୁ ପାଣିର ନମୁନାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି । ଇତି ମଧ୍ୟରେ ଭୁବନରେ ୬ଜଣ,ଗଁଦିଆରେ ୨ଜଣ, କାମାକ୍ଷାନଗରରେ ୫ଜଣ,ଓଡାପଡାରେ ୫ଜଣ ସହରର ପୌରାଞ୍ଚଳରେ ୪ଜଣ ଚିକିତ୍ସିତ ହେଉଥିବା ବେଳେ ଅନେକ ନିଜ ଘରେ ରହି ଚିକିତ୍ସିତ ହେଉଥିବାର ଜଣାପଡିଛି। ସେହିପରି ଢେଙ୍କାନାଳ ପୌରାଂଚଳର କେତେକ ୱାର୍ଡରେ ଏକ ଘର ନିକଟରେ ଥିବା ନଳକୂଅରେ ବର୍ଷାଜଳ ସହିତ ଦୂଷିତ ପାଣି ଜମି ରହିବା ସହିତ ଏହି ପାଣି ପୋଖରୀରେ ଯାଇ ମିଶୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସାଧାରଣରେ ଦାବୀ ହୋଇଛି । ମଙ୍ଗଳବାର ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଳମଣୀ ଦିଲୀପଚାନ୍ଦ ବେହେରା କୁହନ୍ତି ଯେ, ପାଣି ଯୋଗୁ ଜିଲାରେ କିଛି ଜାଗାରେ ଝାଡାବାନ୍ତି ହୋଇଥିବା ଆମେ ସନ୍ଦେହ କରୁଛୁ । ଏଥିପାଇଁ ପାଣିର ନମୁନା ପରୀକ୍ଷା ପାଇଁ ଯାଇଛି । ଏହା ହଇଜା ନୁହେଁ, କାରଣ ହଇଜା ହେଲେ ଝାଡା ଚାଉଳଧୁଆ ପାଣି ଭଳିଆ ହେବ । ଝାଡାର ନମୁନା ମଧ ପରୀକ୍ଷା ପାଇଁ ପଠାଯାଇଛି । ମୋଟାମୋଟି ଭାବେ ଝାଡାବାନ୍ତି ନିୟନ୍ତ୍ରଣକୁ ଆସିଲାଣି ବୋଲି କେବଳ ସଫେଇ ଦେଉଥିବାରଜଣାପଡିଛି। ସହରର ଗଳି କନ୍ଦିରେ ଅଳିଆ ଆବର୍ଜନା ସହିତ ମାଳ ମାଳ ଜଳଖିଆ ଦୋକାନ ସହିତ ମେସ,ହଷ୍ଟେଲରହିଛି। ଦୂଷିତ ପାଣି ସହିତ ନିମ୍ନ ମାନର ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ହଇଜା ପାଇଁ ସହାୟକ ହେଉଛି। ପ୍ରଶାସନ କେବଳ ନାମକୁ ମାତ୍ର ସଚେତନତା କରୁଛି ବୋଲିକହୁଥିବା ବେଳେ ଡାଇରିଆ ନିୟନ୍ତ୍ରଣ କରିବାରେବିଫଳ ହୋଇଛି।

## ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରୀ ହେଉଛି ଖାଦ୍ୟ

ବଅଁରପାଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ,ନାଲକୋ ନଗର ସହ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ବିକ୍ରୀ ହେଉଛି । ସୂଚନା ଅନୁଯାୟୀ ବଅଁରପାଳ,ନାଲକୋ ନଗର ଅଞ୍ଚଳରେ ଥିବା ଢାବା,ହୋଟେଲ ,ରେଷ୍ଟୁରାଣ୍ଟ,,ଫାଷ୍ଟଫୁଡ, ଗୁପ୍ ଚୁପ୍ ଓ ଦହିବରା ଦୋକାନ ଗୁଡିକର ମାଲିକ ମାନେ କମ୍ ଅର୍ଥରେ ଅଧିକ ଲାଭ ଆଶା ରଖି ନିମ୍ନମାନର ତେଲ ମସଲା ସାଙ୍ଗକୁ ପଚା ପନିପରିବା ଓ ମଲା କୁକୁଡ଼ା ଅପମିଶ୍ରଣ କରି ଖାଦ୍ୟ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି । ସେହିପରି କଲିକତାରୁ ଅପମିଶ୍ରଣ ଛେନା, ପନିର ଆଣି ମିଠା ପ୍ରସ୍ତୁତ କରି ବିକ୍ରୀ କରୁଛନ୍ତି ଅସାଧୁ ବ୍ୟବସାୟୀମାନେ । ରାସ୍ତାକଡ଼ର ଦୋକାନ ଗୁଡିକ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ପ୍ରଦ୍ୟୁଷିତ ଜଳ ଓ ନିଷିଦ୍ଧ ରଙ୍ଗ ମିଶାଇ ବିଭିନ୍ନ ପ୍ରକାରର ରନ୍ଧାଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏବେ ବର୍ଷା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ପାଇଁ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଉଥିବା ବେଳେ ମୁନଫାଖୋର ବ୍ୟବସାୟୀ ତାକୁ ନଷ୍ଟ ନକରି ଗ୍ରାହକଙ୍କୁ ବାସି ଖାଦ୍ୟ ବାଢ଼ି ଦେଉଥିବାରୁ ବିଭିନ୍ନ ସଂକ୍ରମଣର ଶିକାର ହେଉଛନ୍ତି ଲୋକମାନେ । ଏପରିକି ଅସାଧୁ ବ୍ୟବସାୟୀ ମାନେ ବ୍ଲିଚିଂ ପାଉଡର ଟିକିଏ ଦୋକାନ ସମୁଖରେ ପକାଉ ନାହାନ୍ତି । ଏହାସହ ଅନେକ ଖାଦ୍ୟ ବ୍ୟବସାୟୀଙ୍କର ଫୁଡ ଲାଇସେନ୍ସ ନାହିଁ । ଏବେ ଡାଇରିଆ ମହାମାରୀ ଭଳି ରାଜ୍ୟର ବିଭିନ୍ନ ଜିଲ୍ଲାକୁ ମାଡିବାରେ ଲାଗିଛି । ଏଣୁ ଜନସାଧାରଣ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରୀ ହେଉଥିବା ଖାଦ୍ୟ କିଣନ୍ତୁ ନାହିଁ। ବିଭାଗୀୟ ଅଧିକାରୀ ଏଭଳି ଅସାଧୁ ବ୍ୟବସାୟୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଓଲଟିଲା ପିକ୍‌ଅପ୍,ଡ୍ରାଇଭର ସମେତ ୨ ଗୁରୁତର

କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର କନ୍ତାରିପାଟ ଠାରେ ଭାରସାମ୍ୟ ହରାଇ ଏକ ପିକଅପ ଭ୍ୟାନ ଡିଭାଡରରେ ଚଢିଯିବା ଯୋଗୁ ଡ୍ରାଇଭର ସହିତ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି।

କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର କନ୍ତାରିପାଟ ଗ୍ରାମ ନିକଟରେ ଥିବା ବାଲାଜୀ କନଷ୍ଟ୍ରକ୍ସନ ସାମ୍ନାରେ ଭାରସାମ୍ୟ ହରାଇ ଲୁହା ଡିଭାଇଡର ଉପରେ ପିକଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିବାରୁ ଡ୍ରାଇଭର ସମେତ ଗାଡିରେ ଥିବା ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିବାର ଜଣାପଡିଛି। ସୂଚନା ଅନୁସାରେ ପିକଅପ ଭ୍ୟାନଟି ବଡ଼ସୁଆଁଳ ଗ୍ରାମରୁ ଧାନ ଅନଲୋଡ଼ କରି କାମାକ୍ଷାନଗର ଅଭିମୁଖେ ଆସୁଥିବା ବେଳେ କନ୍ତାରିପାଟ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଥିଲା ।ପରେ ଗାଡିଟି ଜାତୀୟରାଜପଥ ମଝିରେ ଯାଇଥିବା ଲୁହା ଡିଭାଇଡର ଉପରେ ଚଢ଼ି ଯାଇ ଓଲଟି ପଡିଥିଲା ।ଦୁର୍ଘଟଣାରେ ପିକଅପ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କିଛି ସ୍ଥାନୀୟ ଲୋକ ଗାଡି ଭିତରୁ ଡ୍ରାଇଭର ଓ ଗାଡିରେ ଥିବା ଅନ୍ୟ ଦୁଇଜଣଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି ।ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାବେଳେ ମେଡିକାଲରେ ସେମାନଙ୍କର ଚିକିତ୍ସା ଜାରି ରହିଛି।କେଉଁ କାରଣକୁ ନେଇ ପିକଅପଟି ଓଲଟିଲା ତାହା ସ୍ପଷ୍ଟ ହୋଇ ନାହିଁ । ଗାଡ଼ିରେ ଥିବା ଚିନ୍ମୟ ବେହେରା ଓ ଶୁଭମ ବେହେରା(୧୪)ଙ୍କ ଘର କଣ୍ଟାପାଳ ହୋଇଥିବା ବେଳେ ଗଣେଶ୍ୱର ବେହେରାଙ୍କ ଘର ବାଙ୍କୁଆଳ ଗ୍ରାମରେ ହୋଇଥିବା ଜଣା ପଡିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପିକଅପ ଭ୍ୟାନକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

## ବିକାଶମେଳା

ବଇଣ୍ଡା ,(ସବ୍ୟୁ) : କେନ୍ଦ୍ରରେ ବିଜେପିର ଏଗାର ବର୍ଷ ଓ ରାଜ୍ୟରେ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେଓଡ଼ିଶାରେ ପ୍ରତି ପଂଚାୟତ ରେ ଆରମ୍ଭ ହୋଇଛି ବିଜେପିର ବିକାଶ ମେଳା । ସେହିପରି ଅନୁଗୋଳ ଜିଲ୍ଲା କିସରନଗର ବ୍ଲକ ନାକଚି ପଥପ୍ରାନ୍ତ ଠାରେ ବିଜେପି ପକ୍ଷରୁ ବିକାଶ ମେଳା ସଭା ଅନୁଷ୍ଠିତ ହୋଇଯାଇଛି । ବିଜେପି ସରକାରଙ୍କ ଉପଲବ୍ଧି ଓ ସଫଳତା ଲୋକଙ୍କ ପାଖରେ ପହଂଚାଇବା ପାଇଁ ବିକାଶ ରଥ ବୁଲୁଛି । ଆଜିର ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ମାନିତ ଅତିଥିଭାବେ ଆଠମଲ୍ଲିକ ସଂଯଜୋକ ଡାକ୍ତର ଅଲେଖ ପ୍ରଧାନ,ସମ୍ମାନିତ ଅତିଥିଭାବେ ସାଂସଦଙ୍କ ନମିନି ସରଜ ସାହୁ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ସାହୁ, ସମିତି ସଭ୍ୟ ଆନୁକୂଲ୍ୟ ବେହେରା,ଦ୍ରୌପଦୀ ନାୟକ ଏବଂ ବହୁ ଜନସାଧାରଣ ଯୋଗ ଦେଇଥିଲେ ।

## ୧୦,୦୦୦ରେ ସଦସ୍ୟତା ଲକ୍ଷ୍ୟ ସହ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି

ଅନୁଗୋଳ,(ସବ୍ୟୁ) :ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଅନୁଗୋଳ ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାନ୍ଧୀମାର୍ଗ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ପ୍ରକାଶ ଥାଉ କି ଜୁନ ୫,୬,୭,୮ ଚାରି ଦିନ ଧରି ବାରିପଦା ସ୍ଥିତ ସାଇ ବିଦ୍ୟା ମନ୍ଦିର ଠାରେ ପ୍ରାନ୍ତ ଅଭ୍ୟାସ ବର୍ଗ ସମ୍ପୂର୍ଣ ହୋଇଯାଇଅଛି । ଏହି ପ୍ରାନ୍ତ ଅଭ୍ୟାସ ବର୍ଗ ରେ ବିଦ୍ୟାର୍ଥୀ ପରିଷଦର ଆଗାମୀ ଏକ ବର୍ଷର ଯୋଜନା ସ୍ଥିର ହେବା ସହିତ ସାରା ଓଡ଼ିଶାରେ ଏକ ଲକ୍ଷ ଚାଳିଶ ହଜାର ସଦସ୍ୟତା ଲକ୍ଷ୍ୟ ସ୍ଥିର କରାଯାଇଅଛି । ଏହି ଅଭ୍ୟାସ ବର୍ଗ ରେ ଓଡ଼ିଶା ପୂର୍ବ ପ୍ରାନ୍ତର ପାଖାପାଖି ୨୩ ଟି ସାଂଗଠନିକ ଜିଲ୍ଲାରୁ ୨୫୦ରୁ ଅଧିକ ବିଦ୍ୟାର୍ଥୀ ମାନେ ଯୋଗ ଦେଇଥିଲେ । ରାୟଗଡ଼ାରୁ ରାଇରଙ୍ଗପୁର ପର୍ଯ୍ୟନ୍ତ ବିଭିନ୍ନ ସାଂଗଠନିକ ଜିଲ୍ଲା ଏବଂ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍‌ବିଦ୍ୟାଳୟରୁ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଭାଗ ଏବଂ ଜିଲ୍ଲାର ଦାୟିତ୍ୱ ମଧ୍ୟ ଘୋଷଣା କରାଯାଇଅଛି । ପ୍ରାନ୍ତ ଅଭ୍ୟାସ ବର୍ଗ ଅବସରରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଚଳିତ ବର୍ଷ ଅନୁଗୋଳ ଜିଲ୍ଲାରେ ୧୦,୦୦୦ ସଦସ୍ୟତାର ଲକ୍ଷ୍ୟ ସ୍ଥିର କରାଯାଇଛି । ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ କୁ ନେଇ ସରକାରଙ୍କ ଘୋଷଣା କୁ ବିଦ୍ୟାର୍ଥୀ ପରିଷଦ ସ୍ୱାଗତ କରିଛି । ଏହି ଅବସରରେ ଅନୁଗୋଳ ଜିଲ୍ଲା ରୁ ଦାଇତ୍ୱ ପାଇଥିବା ସମସ୍ତ କାର୍ଯ୍ୟକର୍ତ୍ତା ଢେଙ୍କାନାଳ ବିଭାଗ ପ୍ରମୁଖ ଭାବେ ଅଧାପକ ମୁରଲୀ କିଶରୀ ଜେନା ମଣି ସାର,ବିଭାଗ ସହ ପ୍ରମୁଖ ଭାବେ ଅଧାପକ ଶଶାଙ୍କ ଶେଖର ପ୍ରଧାନ, ବିଭାଗ ସଂଯୋଜକ ଭାବେ ଅରୂପ ପଟ୍ଟନାୟକ, ବିଭାଗ ସହ ସଯୋଜକ ଭାବେ ଆଶିଷ କୁମାର ବେହେରା, ଭିଭାଗ ଖେଳ ଭାରତ ପ୍ରମୁଖ ଭାବେ ସୁମନ ସାହୁ,ଅନୁଗୋଳ ଜିଲ୍ଲା ପ୍ରମୁଖ ଭାବେ ଅଧାପକ ଅବିନାଶ ଦୁବେ, ଅନୁଗୋଳ ଜିଲ୍ଲା ସଂଯୋଜକ ଭାବେ ଉମେଶ ବାଘ, ଜିଲ୍ଲା ସହ-ସଂଯୋଜକ ଭାବେ ଯୋଗେଶ କୁମାର ସାହୁ, ସାଇ ବିଗ୍ନେଶ ସାହୁ ଏବଂ ପୂର୍ଣକାଳୀନ ଭାବେ କାର୍ଯ୍ୟ କରିବା ପାଇଁ ବିଷ୍ଣୁ ପ୍ରସାଦ ଷଡ଼ଙ୍ଗୀ ଙ୍କୁ ପ୍ରମୁଖ ଦାଇତ୍ୱ ଗ୍ରହଣ କରିଅଛନ୍ତି । ସାମ୍ବାଦିକ ସମ୍ମିଳନୀ ରେ ଢେଙ୍କାନାଳ ବିଭାଗ ସହ ସଂଯୋଜକ ଆଶିଷ କୁମାର ବେହେରା, ବିଭାଗ ଖେଳ ଭାରତ ପ୍ରମୁଖ ସୁମନ ସାହୁ, ଅନୁଗୋଳ ଜିଲ୍ଲା ସଂଯୋଜକ ଉମେଶ ବାଘ, ଅନଗୁଳ ଜିଲ୍ଲା ଖେଳ ଭାରତ ପ୍ରମୁଖ ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେଛି।

## ରତନଙ୍କୁ ସମ୍ବର୍ଦ୍ଧିତ କଲେ ପୂର୍ବତନ ମନ୍ତ୍ରୀ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ରାଗୁନାଥପୁର ଗ୍ରାମର ଈଶ୍ୱର ସାହୁଙ୍କ ପୁଅ ରତନ ସାହୁ ନିଟ୍‌ରେ ୯୭୮ ର୍ୟାଙ୍କ ରଖି ସଫଳତା ହାସଲ କରିଛନ୍ତି । ଗୁରୁବାର ତାଙ୍କ ବାସଭବନକୁ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି । ତାଙ୍କର ଏହି ସଫଳତା ଯୋଗୁଁ କିଶୋରନଗର ବ୍ଲକ ଗର୍ବିତ ବୋଲି କହିବା ସହ ଜଣେ ଭଲ ଡାକ୍ତର ହୋଇ ସମସ୍ତ ରୋଗୀ ଙ୍କୁ ଚିକିତ୍ସା କର ବୋଲି କହିଥିଲେ । ଏଥିସହ ତାଙ୍କୁ ମିଠା ଖୁଆଇ ଶୁଭେଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବସନ୍ତ କୁମାର ସାହୁ , ଦିଗାମ୍ବର ବେହେରା , ଶୋଭନ କୁମାର ସାହୁ , ମଧୁସ୍ମିତା ପ୍ରଧାନ ,ଭ୍ରମର ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଷାପାଟ ଅଞ୍ଚଳରେ ବାରମ୍ବାର ଚୋରି,ଏସପିଙ୍କୁ ଭେଟିଲେ ବରିଷ୍ଠ ନାଗରିକ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ଅଞ୍ଚଳରେ ବାରମ୍ବାର ଚୋରି ଯୋଗୁ ଲୋକେ ଉୟଭିତ ହୋଇପଡିଛନ୍ତି। ସୁରକ୍ଷା ପାଇଁ ବରିଷ୍ଠ ନାଗରିକ ମାନେ ଏସ୍‌ପି ଓ ଟାଉନ ଥାନା ଅଧିକାରିଙ୍କୁ ଭେଟି ସୁରକ୍ଷା ଓ ଚୋରିକୁ ନିୟନ୍ତ୍ରଣ କରିବା ପାଇଁ କଲେ ଲିଖିତ ଭାବରେ ଅଭିଯୋଗ କରିଥିବାର ଜଣାପଡିଛି। ଢେଙ୍କାନାଳ ସହରର ପୌରାଞ୍ଚଳ ଅନ୍ତର୍ଗତ ୮ନଂ ୱାର୍ଡ ମହିଷାପାଟ ଓ ୯ ନମ୍ବ ୱାର୍ଡ଼ କଣ୍ଟାକାଳୀ ଅଞ୍ଚଳରେ ବାରମ୍ବାର ଝରକା ତାଡ଼ି ଚୋରୀ ହେଉଛି । ସ୍ଥାନିୟ ଅଞ୍ଚଳରେ ବହୁତ ଘରେ ବରିଷ୍ଠ ନାଗରିକ ମାନେ ରହୁଥିବାରୁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି । ଗତ କିଛି ଦିନ ହେବ ସହରର ବିଭିନ୍ନ ଅଞ୍ଚଳରେ ଚୋରୀ ଲୁଟପାଟ ବଢିଚାଲିଛି । ଲୁଟେରାମାନେ ଘରେ କେହି ନଥିବା କିମ୍ବା ଘରେ ବୟସ୍କ ଲୋକ ରହୁଥିବାର ସୁଯୋଗ ନେଇ ଗ୍ରୀଲ ତାଡି ଲୁଟ କରିବା ସହିତ ରହୁଥିବା ବରିଷ୍ଠ ନାଗରୀକ ମାନଙ୍କ ଘର ଉପରେ ଟାର୍ଗେଟ କରି ଲୁଟ କରୁଛନ୍ତି। ଗତ ୧୫ ଦିନ ମଧ୍ୟରେ ମହିଷାପାଟ ଅଞ୍ଚଳରେ ୬ଟି ଘରେ ଚୋରି ହୋଇସାରିଛି । ମହିଷାପାଟ ଅଞ୍ଚଳରେ ରହୁଥିବା ବରିଷ୍ଠ ନାଗରୀକମାନଙ୍କ ଘରୁ ବାରମ୍ବାର ଚୋରି ହୋଇଥିବାରୁ ଅଞ୍ଚଳ ବାସିନ୍ଦା ରହିବାପାଇଁ ସୁରକ୍ଷିତ ମଣୁନାହାଁନ୍ତି। ଏଥିପାଇଁ ମହିଷାପାଟ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ଓ କର୍ମକର୍ତ୍ତା ମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ଏସପିଙ୍କୁ ସାକ୍ଷାତ କରିବାସହିତ ସୁରକ୍ଷା ପାଇଁ ଏକ ଦାବିପତ୍ର ପ୍ରଦାନ କରିବା ସହ ଟାଉନ ଥାନା ଅଧିକାରୀଙ୍କୁ ଭେଟି ସୁରକ୍ଷା ପାଇଁ ଦାବୀ କରିଛନ୍ତି । ମହିଷା ପାଟ ଅଞ୍ଚଳରେ ନୂତନ୍ର ଦୃଷ୍ଟି ଦିଆଯିବ ଏବଂ ପୋଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡ଼ା କଡି କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ପୌରାଞ୍ଚଳ ୯ ନମ୍ବର ୱାର୍ଡ କଣ୍ଟାନାଳି ସାହିର ସୁରେନ୍ଦ୍ର ନାଥ ଧଳଙ୍କ ଘରୁ ଝରକା ତାଡ଼ି ସୁନାହାର,୪ ହଳ କାନଫୁଲ , ସୁନା ଚୁଡ଼ି, ସହ କିଛି ଟଙ୍କା ଚୋରୀ ହୋଇଥିବା ବେଳେ ଘର ସୁସାନ୍ତ ବେହେରାଘରୁ ଚୋରୀ ହୋଇଛି।ସହରରେ ବେଧଡକ ଭାବରେ ଧଳା ପାଉଡର ବ୍ରାଉନ ସୁଗାର ବ୍ୟବସାୟ ବଢିଛି । ଫଳରେ କିଛି ଯୁବକ ଏହି ଯୁବକ ମାନେ ବ୍ରାଉନସୁଗର ପାଇଁ ଘରୁଚୋରୀ କରିବା ସହ ରାସ୍ତାରେ ଯାଉଥିବା ମହିଳା ମାନଙ୍କ ଠାରୁ ସୁନା ଚେନ୍ ଛଡାଇ ଦେବା ମଧ ସାମ୍ନାନକୁ ଆସୁଥିବା ସହରରେ ଚର୍ଚ୍ଚା ହେଉଛି ।

## ମୋଦିଙ୍କ ଓଡ଼ିଶା ଗସ୍ତ ରାଜ୍ୟବାସୀଙ୍କ ପାଇଁ ଏକ ପ୍ରହସନ : ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ନିର୍ବାଚନ ପୂର୍ବରୁ ଓଡ଼ିଶା ଗସ୍ତରେ ଆସି ବହୁ ପ୍ରତିଶ୍ରୁତି ଦେଇଥିଲେ। ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିବା ଦୂରର କଥା ସମସ୍ତ ପ୍ରତିଶ୍ରୁତି ପ୍ରତାରଣାରେ ପ୍ରତିଫଳିତ ହୋଇଛି। ପ୍ରଧାନମନ୍ତ୍ରୀ ଯେଉଁ ଏକ ବର୍ଷ ପୁର୍ତ୍ତି ପାଇଁ ଓଡ଼ିଶାଗସ୍ତ କରୁଛନ୍ତି ଏହା ରାଜ୍ୟ ବାସୀଙ୍କ ପ୍ରତି ଉପହାସ ବୋଲି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସଂପାଦକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଶୁକ୍ରବାର ତାଙ୍କର ଗସ୍ତ ଅବସରରେ ଓଡ଼ିଶାବାସୀଙ୍କୁ ଜଣାଇବେ କି ରାଜ୍ୟରେ ବେକାରୀ ସମସ୍ୟା କେବେ ଦୂର ହେବ? । ପ୍ରତ୍ୟେକ ଦିନ ନାରୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ଉପରେ ତାଙ୍କର ଡବଲ ଇଞ୍ଜିନ ସରକାର କେବେ ପଦକ୍ଷେପ ନେବେ। ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସମସ୍ୟା କେବେ ସୁଧାର ଆସିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତକୁ ରାଜ୍ୟ ଯୁବ କଂଗ୍ରେସ ତିବ୍ର ବିରୋଧ କରିବା ସହ ଏହି ଦିନକୁ ଏକ କଳା ଦିବସ ଭାବେ ପାଳନ କରିବା ପାଇଁ ରାଜ୍ୟବାସୀଙ୍କୁ ଶ୍ରୀ ସାମଲ ନିବେଦନ କରିଛନ୍ତି। ରାଜ୍ୟ ସରକାର ଏକ ବର୍ଷର ପୂର୍ତ୍ତି ପାଳୁଥିବାବେଳେ ରାଜ୍ୟର ଆଇନ ଶୃଙ୍ଖଳା ସ୍ୱାସ୍ଥ୍ୟ ବିଭାଗ କୋମାରେ ପଡ଼ିରହିଛି। ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିଲା ତାହା ପାଳନ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି ବୋଲି ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# ଓରାଘାଟ ଆଇରନ ଖଣିରେ ଆନ୍ତର୍ଜାତିକ ଯୋଗ ଦିବସ



ଯୋଡ଼ା, (ସବ୍ୟୁ) :ଓରାଘାଟ ଆଇରନ ଖଣି ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସିତାରାମ ରୁଙ୍ଗଟା ସ୍କିଲ୍ ଏସନ ବ୍ଲକରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କମ୍ପାନୀର ସହିଁମ ପୁରୁଷୋତ୍ତମ ଚନ୍ଦ୍ର ପ୍ରଧାନ ,ଅତିରିକ୍ତ ଜିଏମ ରଞ୍ଜିତ କୁମାର, ଏଜିଏମ (ମେକାନିକାଲ)ମୁକ୍ତିକାନ୍ତ ପଣ୍ଡା , ଭୂତତ୍ୱ ବିଭାଗ ସିନିୟର ମେନେଜର ବିଦ୍ୟାଧର ,ପର୍ସୋନେଲ ବିଭାଗ ପ୍ରବନ୍ଧକ ସମୀର ରଞ୍ଜନ ଦାସ ଓ ରାମେଶ୍ୱର ପାଇକରାଙ୍କ ନେତୃତ୍ୱରେ ହୋଇଥିଲା।ଏହି କାର୍ଯ୍ୟକ୍ରମରେ କମ୍ପାନୀ ର ସମସ୍ତ କର୍ମଚାରୀ ଏବଂ ଅଧିକାରୀ ମାନେ ବେଶ ଉତ୍ସାହର ସହ ଯୋଗ କରିବାର ଦେଖିବାକୁ ମିଳିଥିଲା। ଏହି ଯୋଗ ଅବସରରେ କମ୍ପାନୀର ପ୍ରବନ୍ଧକ ସମୀର ରଞ୍ଜନ ଦାସ ସମସ୍ତଙ୍କୁ ନିୟମିତ ଭାବେ ଯୋଗ କରିବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ସପଥ କରାଇଥିଲେ।

## ଭୋଗରାଇ ପୋଲିସ ଥାନା ହାଜତରେ ଯୁବକଙ୍କୁ ନିର୍ଯାତନା

# ହାତ ଗୋଡ଼ରେ ବେଡ଼ି ଲାଗିଥିବା ଯୁବକଙ୍କୁ ମୁକୁଳାଇଲେ ସାଂସଦ

ଭୋଗରାଇ, (ସବ୍ୟୁ) : ବାଲେଶ୍ୱରଜିଲ୍ଲା ଭୋଗରାଇ ଥାନାରେ ଗୁରୁବାର ଅପରାହ୍ନ ୩ ଟାରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ମାଇକ ଅପରେଟର ଯୁବକଙ୍କୁ ବୁଧବାର ମଧ୍ୟରାତ୍ରୁ ଥାନା ହାଜତରେ ହାତ ଗୋଡ଼ରେ ଶିକୁଳି ପକାଇ ମାଡ଼ ମାରିଥିବାର ଅଭିଯୋଗ ହୋଇଛି । ଉକ୍ତ ଭୋଗରାଇ ବାରବାଟିଆ ଗ୍ରାମର ମନ୍ମଥ ଦଲାଇ ଏକ ମାଇକ ଭଡ଼ାରେ ଯାଏ ।ଏହି ମାଇକ ଅପରେଟର ଭାବେ ଦକ୍ଷିଣ ଭୋଗରାଇ ଜୟରାମପୁର ଗ୍ରାମର କାର୍ତ୍ତିକ ଭୋଳ କାର୍ଯ୍ୟ କରିଥାନ୍ତି। ଏଭଳି ସ୍ଥିତିରେ ମାଲିକ ଓ ଅପରେଟରଙ୍କ ମଧ୍ୟରେ ବାଇକ ଅଦଳବଦଳ କୁ କେନ୍ଦ୍ରକରି ସ୍ଥିତି ଜଟିଳ ହୋଇପଡିଥିଲା । ମାଇକ ମାଲିକଙ୍କ ସ୍ତ୍ରୀ ଜୟନ୍ତୀ ଦତ୍ତ ତାଙ୍କ ଅପରେଟର ଗାଡି ଚୋରି କରିନେଇଥିବା ଭୋଗରାଇ ଥାନାରେ ଏକ ଅଭିଯୋଗ କରିଥିବା ବେଳେ ଅପରେଟରଙ୍କ ଯୁବକଙ୍କୁ ବୁଧବାର ଦିନ ଥାନାକୁ ଡାକି ଜେଲ ହାଜତରେ ପୁରାଇ ମାଡ଼ମାରିବା ଓ ଗୋଡ଼ ହାତରେ ଶିକୁଳି ପକାଇଥିବାର ଅଭିଯୋଗ ହୋଇଥିଲା । ବାଲେଶ୍ୱର ଏମ ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ଭୋଗରାଇ ଗସ୍ତରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଥାନା ହାଜତରେ ନିର୍ଯାତନ ହେଉଥିବା ଯୁବକଙ୍କ ସ୍ତ୍ରୀ କହିବାପରେ ଏମପି ପ୍ରତାପ ଷଡ଼ଙ୍ଗୀ ଏହି ଘଟଣା ଗମ୍ଭୀରତାର ସହ ନେଇଁ ଅପରାହ୍ନ ରେ ଦଳୀୟ ଶତାଧିକ କର୍ମୀ ଓ ନେତାଙ୍କ ସହ ଭୋଗରାଇ ଥାନାରେ ପହଞ୍ଚି ଥାନା ହାଜତରେ ଥିବା ଯୁବକଙ୍କ ଅବସ୍ଥା ଦେଖି ଖୁବ୍ଧ ହୋଇଥିଲେ । ଭୋଗରାଇ



ଥାନାଧିକାରୀ ଶ୍ରୀବଲ୍ଲଭ ସାହୁଙ୍କୁ ଯୁବକଙ୍କ ବିରୋଧରେ ଅଭିଯୋଗ କରାଯାଇଥିବା ରେଜିଷ୍ଟ୍ରେସନ କାହିଁକି ହୋଇନଥିବା ଏବଂ ଯୁବକଙ୍କୁ ୨ ଦିନ ଧରି ଆଇନକୁ ଉଲଂଘନ କରି ନିର୍ଯାତନ ଦିଆ ଯାଉଥିଲା ତାହାର ଉତ୍ତର ଚାହିଁବାରୁ ଥାନା ଅଧିକାରୀ ହଡ଼ବଡେଇ ଯାଇଥିଲେ । ଏସପି ଙ୍କ ହସ୍ତକ୍ଷେପ ଯୋଗୁଁ ହାଜତରେ ଥିବା ନିର୍ଯାତିତ ଯୁବକଙ୍କୁ ଏମପି ଙ୍କ ଉପସ୍ଥିତିରେ ପୋଲିସ ହାତ ଗୋଡ଼ରୁ ଶିକୁଳି ଖୋଲି ଡାକ୍ତରୀ ପରୀକ୍ଷା ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି ।ଭୋଗରାଇ ଥାନାଧିକାରୀ ଯୁବକଙ୍କୁ ମାଡମାରିବା ଘଟଣା ଅସ୍ୱୀକାର କରିଥିବାବେଳେ ଏସପିଙ୍କୁ ଘଟଣା ସମ୍ପର୍କରେ ସୂଚନାଦେଇଥିଲେ। ଥାନାଧିକାରୀଙ୍କ ବିରୋଧରେ ନିର୍ଯାତିତ ଯୁବକଙ୍କ ସ୍ତ୍ରୀ ମଧ୍ୟ ସଙ୍ଗୀନ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଭୋଗରାଇ ଥାନା ପକ୍ଷରୁ ଯୁବକଙ୍କ ବିରୋଧରେ ଶେଷ ମୁହୂର୍ତ୍ତରେ ଏକ ମାମଲା ରୁଜୁ ହୋଇଥିବାର ପୋଲିସ ସୂତ୍ରରୁ ପ୍ରକାଶପାଇଥିବା ବେଳେ ଖବର ଲେଖାକୁ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିବ୍ୟଜ୍ୟୋତି ଦାଶ ଓ ଏସ ଡ଼ି ପି ଓ ମାନସ କୁମାର ଦେଓ ଭୋଗରାଇ ଥାନାକୁ ପହଞ୍ଚି ତଦନ୍ତ କରୁଥିବାର ସୂଚନା ମିଳିଛି । ଏହି ଘଟଣାରେ ଭୋଗରାଇ ଆଇଆଇସିଙ୍କୁ ନିଲମ୍ବିତ କରିଛନ୍ତି ବାଲେଶ୍ୱର ଏସ୍‌ପି ।

# ମାମୁଁଘର ପୋଖରୀରେ ବୁଡି ଦୁଇ ଭଉଣୀଙ୍କ ମୃତ୍ୟୁ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ଦୁଇ ଶିଶୁ କନ୍ୟା ପୋଖରୀର ମୃତ୍ୟୁବରଣ କରିଛନ୍ତି। ଦୁଇ ଭଉଣୀ ବାପା ଓ ମାଆଙ୍କ ସହିତ ମାମୁଁ ଘରକୁ ଆସିଥିବାବେଳେ ଘଟିଛି ଅଘଟଣା। ଚାନ୍ଦବାଲି ବ୍ଲକର କରଣପଲ୍ଲୀ ପଂଚାୟତର ନାଳୀଛକର ରତନ ମଣ୍ଡଳଙ୍କ ଘର। ରତନ ଓ ତାଙ୍କ ପତ୍ନୀ ସହିତ ଚାରି ବର୍ଷର କନ୍ୟା ନନ୍ଦିନୀ ଓ ତିନି ବର୍ଷର କନ୍ୟା ଚାନ୍ଦିନୀ ମାମୁଁ ଘର କିସ୍ମତ କୃଷ୍ଣପୁରକୁ ବୁଲି ଆସିଥିଲେ। ରତନ ଶଳାକୁ ଧରି କଟକ ମେଡିକାଲ ଯାଇଥିଲେ। ମାମୁଁ ଘର କିସ୍ମତ କୃଷ୍ଣପୁର ଗ୍ରାମର ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ପଡିଥିଲେ ଦୁଇ ଭଉଣୀ। ମାଆ ଖୋଜା ଖୋଜି କରି ନପାଇବାରୁ ପୋଖରୀ ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ମୃତ ଘୋଷଣା କରିଥିଲେ।

## ଉପନିର୍ବାଚନ : ବିଜେପି ହାତରେ ପାଟଣା ବ୍ଲକର ଅଧକ୍ଷା ପଦ

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷା ସୁକାନ୍ତି ନାଏକ ଅନାସ୍ଥାରେ ପଦ ହରାଇବା ପରେ ବୁଧବାର ଦିନ ଦିନ ପାଟଣା ବ୍ଲକ ଅଧକ୍ଷା ପଦପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।ପାଟଣା ବ୍ଲକରେ ଥିବା ୨୦ ଟି ପଞ୍ଚାୟତ ସମିତି ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୧୪ ଜଣ ବୀଣାପାଣିଙ୍କ ସପକ୍ଷରେ ଥିବାବେଳେ ପୂର୍ବତନ ବ୍ଲକ ଅଧକ୍ଷା ସୁକାନ୍ତି ନାଏକଙ୍କ ସହିତ ୬ ଜଣ ଅନୁପସ୍ଥିତ ଥିଲେ।ଫଳରେ ନିର୍ବାଚନ ନହୋଇ ବୀଣାପାଣି ନାୟକ ନିର୍ଦ୍ଵନ୍ଦରେ ଅଧକ୍ଷା ନିର୍ବାଚିତ ହୋଇଥିଲେ।ଏହି ଉପର୍ନିବାଚନ ରେ ଏକମାତ୍ର ପ୍ରାର୍ଥୀ ଭାବେ ବୀଣାପାଣି ନାୟକ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ।ଅନ୍ୟ କୌଣସି ପ୍ରାର୍ଥୀ ପ୍ରାର୍ଥୀ ପତ୍ର ଦାଖଲ କରିନଥିବାରୁ ନିବାଚନ ଅଧିକାରୀ ବୀଣାପାଣିଙ୍କୁ ଅଧକ୍ଷା ଭାବେ ବିଜୟୀ ଘୋଷଣା କରିଥିଲେ।ଏହି ଉପନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ସାହାରପଡା ବିଡିଓ ରଣଜିତ ମହାନ୍ତ ପରିଚାଳନା କରିଥିବାବେଳେ ଜିପିଡ଼ିଓ ରଶ୍ମିରେଖା ମହାନ୍ତି, ସେକ୍ସନ ଅଫିସର ପ୍ରଭାତ କୁମାର ନାଥ,ଚନ୍ଦ୍ର ଶେଖର ମାନସିଂ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଜିଲ୍ଲାରେ ଦୁଇ ଦିନ ସମସ୍ତ ସ୍କୁଲ କଲେଜ, ଅଙ୍ଗନୱାଡ଼ି ବନ୍ଦ ଘୋଷଣା

ଭଦ୍ରକ,(ସବ୍ୟୁ):ଝାଡାବାନ୍ତି ବ୍ୟାପିବା ପରେ ପ୍ରଶାସନିକ ନିଷ୍ପତି। ଦୁଇ ଦିନ ପାଇଁ ଘୁଂଚିଲା ସ୍କୁଲ କଲେଜ ଖୋଲିବା ନିଷ୍ପତ୍ତି। ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ,ସ୍କୁଲ,କଲେଜ ଓ ଅଙ୍ଗନବାଡ଼ିକୁ ବନ୍ଦ୍ ଘୋଷଣା କରିଛି ଜିଲ୍ଲା ପ୍ରଶାସନ। ଆସନ୍ତା ୨୩ତାରିଖ ଖୋଲିବ ସ୍କୁଲ କଲେଜ। ତେବେ ଭଦ୍ରକ ଜିଲ୍ଲାକୁ ଆସିଥିବା କେନ୍ଦ୍ର ଓ ରାଜ୍ୟର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ପ୍ରଭାବିତ ଅଂଚଳ ବୁଲି ଦେଖିବା ପରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଡକ୍ଟର ଗୌତମ ଚୌଧୁରୀ ,ଡକ୍ଟର ପ୍ରମିତ୍ ଘୋଷ,ଡକ୍ଟର ସୁବାସିଶ ମହାନ୍ତିଙ୍କ ସହ ବିସ୍ତୃତ ଆଲୋଚନା କରିବା ପରେ ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସମସ୍ତ ସ୍କୁଲ ଓ କଲେଜ ଗୁଡିକରେ ବିଶୋଧନ ପ୍ରକ୍ରିୟା ଚାଲିଛି। ଲୋକଙ୍କୁ ସଚେତନ ରହିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

# ଧରମ୍ ସିଂଙ୍କ ଶ୍ରଦ୍ଧାଞ୍ଜଳି ବୈଠକ

ଭଦ୍ରକ, (ସବ୍ୟୁ): ସୋମବାର ଅପରାହ୍ଣ ଟାରେ ଚରମ୍ପା ସ୍ଥିତ 'ମହାଓ୍ୱର ଭବନ'ରେ ଧରମ ସିଂଙ୍କ ଶ୍ରଦ୍ଧାଞ୍ଜଳି ବୈଠକ ଆଇନଜୀବୀ ପବନ କୁମାର ଶର୍ମାଙ୍କ ଅଧ୍ୟକତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ମାନଙ୍କୁ ଗୁପ୍ତା ପରିବାର ପକ୍ଷରୁ ସ୍ୱାଗତ କରିଥିଲେ ଅଶୋକ କୁମାର, ବିଜୟ କୁମାର ଗୁପ୍ତା, ମଦନଲାଲ୍ ଗୁପ୍ତା, ରତନଲାଲ୍ ଗୁପ୍ତା, ଇଂ ମନୀଷ ଗୁପ୍ତା, ଡଃ ଆକାଶ କୁମାର ଗୁପ୍ତା ଏବଂ ଇଂ ବିଭୋର ଗୁପ୍ତା। ଆରମ୍ଭରେ ଅତିଥି ମାନେ ସ୍ୱର୍ଗତ ସିଂ ଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ତାଙ୍କ ଆତ୍ମାର ସତ୍ ଗତି ପାଇଁ ପ୍ରାର୍ଥନା କରିଥିଲେ। । ସ୍ମୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ, ବିଶିଷ୍ଟ ସମାଜସେବୀ ଶେଖର ମହାପାତ୍ର, 'ରମା ସେବା ଆଶ୍ରମ'ର ସଭାପତି ରାଜକିଶୋର ଅଗ୍ରଓ୍ୱାଲ୍ ଓ ସମ୍ପାଦକ ରୋଟାରିୟାନ୍ ସୀତାକାନ୍ତ ଦାସ, ରୋଟାରିୟାନ୍ ଶିଶିର କୁମାର ମିଶ୍ର, 'ଶ୍ରୀମା-ଅରବିନ୍ଦ ଆଶ୍ରମ'ର ସଭାପତି ପ୍ରଫେସର୍ ଗୋଲକ ବିହାରୀ ସାହୁ, ସଦସ୍ୟ ଲକ୍ଷ୍ମୀଧର ଦାସ ଓ ପ୍ରଦୀପ ଜେନା, 'ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର'ର ଅଧକ୍ଷ ମହେନ୍ଦ୍ର ପ୍ରସାଦ ଯତି, 'ମହାଓ୍ୱର ସମାଜ'ର ପ୍ରତିନିଧି ହେମନ୍ତ କୁମାର ଗୁପ୍ତା, ଚାନ୍ଦବାଲିର ବିଶିଷ୍ଟ ଶିଳ୍ପପତି ସନ୍ତୋଷ ଅଗ୍ରଓ୍ୱାଲ୍, 'ମାହେଶ୍ୱରୀ ସମାଜ'ର କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ କୁମାର ଲଖାନୀ ଓ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ପ୍ରଫେସର୍ ବିଜୟ କୁମାର ଜେନା। ଶେଷରେ ରୋଟାରିୟାନ୍ ବେଦପ୍ରକାଶ ଗୁପ୍ତା କୃତଜ୍ଞତା ଅର୍ପଣ କରିଥିଲେ। ଦିବଂଗତ ଧରମ୍ ସିଂ ୧୯୩୫ ମସିହା ଡିସେମ୍ବର ୨୨ ତାରିଖ ଦିନ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିଲେ ଓ ଚଳିତ ଜୁନ୍ ମାସ ୧୩ ତାରିଖ ଅପରାହ୍ନରେ ଚରମ୍ପା ସ୍ଥିତ ତାଙ୍କ ବାସଭବନରେ ଇହଲୀଳା ସମ୍ବରଣ କରିଥିଲେ।

# କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ୧ ବର୍ଷର ଶାସନର ଉପଲବ୍ଧି କହିଲେ ସାସଂଦ, ବିଧାୟକ




ବାଲେଶ୍ୱର, (ସବ୍ୟୁ) : କେନ୍ଦ୍ରରେ ବିକଶିତ ଭାରତର ଅମୃତକାଳ, ସେବା ସୁଶାସନ ଓ ଗରିବ କଲ୍ୟାଣର ୧୧ ବର୍ଷ ଓ ରାଜ୍ୟରେ ବର୍ଷ ଏକ ଉପଲବ୍ଧି ଅନେକ ଏହାହିଁ ଥିଲା ଆଜିର କାର୍ଯ୍ୟକ୍ରମର ମୁଖ୍ୟ ବିନ୍ଦୁ ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ୧ ବର୍ଷର ଶାସନର ଉପଲବ୍ଧି ବିଷୟକ ପ୍ରଫେସନାଲ ମିଟ୍ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଯାଇଛି।। ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ମଞ୍ଚ ଆହ୍ୱାନ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସଭାପତି ଶ୍ରୀ ବେହେରା ତାଙ୍କ ପ୍ରାରମ୍ଭିକ ଭାଷଣରେ ପ୍ରଫେସନାଲ ମିଟର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ୧୧ ବର୍ଷର ଐତିହାସିକ ଉପଲବ୍ଧିକୁ ବଖାଣି ଥିଲେ। ସମ୍ମାନିତ ବକ୍ତା ଭାବରେ ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ସରକାରଙ୍କ ବର୍ଷ ଏକ ଉପଲବ୍ଧି ଅନେକ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।ବକ୍ତା ଭାବରେ ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଜୀବନ ପ୍ରଦୀପ ଦାସ ଓ ଶୁଭଙ୍କର ମହାପାତ୍ର ତାଙ୍କର ବ୍ୟକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବହୁବିଧ ଯୋଜନା ଓ ସଫଳତାର କଥା କହିଥିଲେ। ଅନ୍ୟତମ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା ସମାରୋପ ବ୍ୟକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦାଣ୍ଡକୂଳ ଓ ତିଖିଲିଆରେ କେନ୍ଦ୍ରୀୟ ମେଡିକାଲ ଟିମ୍

ଭଦ୍ରକ/ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଝାଡାବାନ୍ତି ଆକ୍ରାନ୍ତ ଅଞ୍ଚଳ ଦାଣ୍ଡକୂଳ ଓ ତିଖିଲିଆରେ କେନ୍ଦ୍ରୀୟ ମେଡିକାଲ ଟିମ ଗୁରୁବାର ଅନୁଧ୍ୟାନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୀକ୍ଷା କରିଥିବା ଜଣାଯାଇଛି। ଟିମର କେନ୍ଦ୍ରୀୟ ଡାକ୍ତର ଗୌତମ ଚୌଧୁରୀ, ଡାକ୍ତର ପ୍ରମିତ ଘୋଷ, ରାଜ୍ୟ ପକ୍ଷରୁ ଡାକ୍ତର ଶୁଭାଶିଷ ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଙ୍ଗୀତା ବଳ, ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ପାର୍ଥସାରଥି ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ ଦାଣ୍ଡକୂଳ ଗ୍ରାମ ହଇଜା(କଲେରା) ଭୂତାଣୁ ଚିହ୍ନଟ ଆକ୍ରାନ୍ତଙ୍କ ଘରକୁ ଯାଇ ସେମାନଙ୍କ ଆକ୍ରାନ୍ତର କାରଣ ପଚାରି ବୁଝିବା ସହ, ମିଳିଥିବା ଚିକିତ୍ସା ସୁବିଧା, ପାନୀୟ ଜଳ ନମୁନା ପରୀକ୍ଷା, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀର କୁମାର ନାୟକଙ୍କ ଉପସ୍ଥିତିରେ କେନ୍ଦ୍ରୀୟ ମେଡିକାଲ ଟିମ ପରିସ୍ଥିତିର ସମୀକ୍ଷା କରିବା ସହ ପାନୀୟ ଜଳ ଉତ୍ସଗୁଡିକୁ ନିରନ୍ତର ବିଶୋଧନ କରିବା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତର ତପନ କୁମାର ବେହୁରିଆଙ୍କ ସହ ସ୍ଥାନୀୟ ଅଞ୍ଚଳର ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା, ଦୈନନ୍ଦିନ ଆକ୍ରାନ୍ତଙ୍କ ପରିସଂଖ୍ୟାନ, ପରିସ୍ଥିତି ଓ ଚିକିତ୍ସା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିଏମ ରଶ୍ମିରେଖା ପୃଷ୍ଟି, ଜନସ୍ୱାସ୍ଥ୍ୟ ଅଧିକାରୀ ପୃଥିରାଜ ପୋଥାଳ, ସ୍ୱାସ୍ଥ୍ୟ ପରିଦର୍ଶନ ନବଘନ ଦାସ ପ୍ରମୁଖ କେନ୍ଦ୍ରୀୟ ମେଡିକାଲ ଟିମଙ୍କୁ ସହାୟତା କରିଥିଲେ।

# ମନ୍ଦିରରୁ ସିରିଜ ଚୋରି

ନୀଳଗିର,(ସବ୍ୟୁ) :ବୁଧବାର ରାତିରେ ନୀଳଗିରି ବ୍ଲକର ନରଣପୁର ପଞ୍ଚାୟତ ଟୋକିପଦା ଗ୍ରାମ ସ୍ଥିତ ମା ବୈଷ୍ଣୁଦେବୀ ମନ୍ଦିର ଏବଂ ନୀଳଗିରି ଥାନା ଅଧିନ ଗୋଡ଼ିଶୁଳ ଛକ ତାରିଣୀମନ୍ଦିରରୁ ବିଳମ୍ବିତ ରାତିରେ ଚୋରିହୋଇଥିବା ଦେଖିବାକୁ ମିଳିଛି। ଟୋକିପଦା ଗ୍ରାମର ଆରାଧ ଦେବୀ ମା ବୈଷ୍ଣୁଦେବୀ ମନ୍ଦିର ବୁଧବାର ସନ୍ଧ୍ୟାରେ ମାଙ୍କ ନୀତି ସମାପନ ପରେ ପହଡ ପକାଇ ପୂଜକ ଟୁକୁ ନାନା ଘରକୁ ଯାଇଥିଲେ। ସକାଳେ ଗ୍ରାମବାସୀ ମା ଙ୍କ ମନ୍ଦିରର ଚାବି ଭଙ୍ଗାହୋଇଥିବା ଦେଖି ମନ୍ଦିର ପୂଜକଙ୍କୁ ଖବର ଦେବାସହ ବରହମପୁର ପୋଲିସକୁ ଖବର ଦେଇଥିଲେ। ମନ୍ଦିର ମଧ୍ୟରେ ମା ଙ୍କ ଚିତା, ଅନ୍ୟାନ୍ୟ ଅଳଙ୍କାର ଚୋରୀ ହୋଇଥିବା ଦେଖିବାକୁ ମିଳିଥିଲା। ନୁରୂପ ଭାବେ ଜାମୁଡ଼ିହା ପଞ୍ଚାୟତ ଗୋଡ଼ିଶୁଳ ଛକଠାରେ ଥିବା ତାରିଣୀ ମନ୍ଦିରରୁ ଲୁଟ୍ ହୋଇଥିବା ଖବର ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଜାଣିବାକୁ ପାଇଥିଲେ। ମା ଙ୍କର ପିନ୍ଧିଥିବା ଅଳଙ୍କାର, ଦାନ ହୁଣ୍ଡି ବାକ୍ସକୁ କିଛି ଦୁର୍ବୃତ୍ତ ଚାବିଭାଙ୍ଗି ଚୋରୀ କରି ନେଇଯାଇଥିଲେ। ଦାନବାକ୍ସକୁ ଭାଲୁକାଶୁଣି ଜଙ୍ଗଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଉଭୟ ମନ୍ଦିରରେ ସନ୍ଧାନୀ କୁକୁର ଓ ସାଇଣ୍ଟଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ।ତେବେ କିଛିଦିନ ହେବ ନୀଳଗିରି ଅଞ୍ଚଳରେ ଥିବା ବିଭିନ୍ନ ଦେବା ଦେବୀ ମନ୍ଦିରରୁ ଲୁଟେରା ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି । ।ସୂଚନାଯୋଗ୍ୟ କିଛି ମାସ ପୂର୍ବରୁ ନୀଳଗିରି ଥାନା ଅଧିନ ପୋଡ଼ାଶୁଳ ଛକଠାରେ ଥିବା ମା ଶ୍ୟାମାକାଳୀ ମନ୍ଦିର, ଚତର ଗ୍ରାମର ଥିବା ଶନି ମନ୍ଦିରରୁ ସମାନ ଢଙ୍ଗରେ ଅଳଙ୍କାର ସମେତ ଦାନ ହୁଣ୍ଡି ଲୁଟି ନେଇଥିଲେ ।

# ବିଦ୍ୟାଳୟରୁ ଚୋରି, ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ନୀଳଗିର,(ସବ୍ୟୁ) :ଏକ ସ୍କୁଲରୁ ଇନଭେର୍ଟର ବ୍ୟାଟେରୀ ଓ ମେସିନ ଚୋରି ଘଟଣାରେ ବ୍ୟାଟେରୀ, ମେସିନ ଜବତ ସହିତ ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ଅନୁଯାୟୀ ଗତ ୧୫ ତାରିଖ ବିଳମ୍ବିତ ରାତିରେ ନୀଳଗିରି ଥାନା ଅନ୍ତର୍ଗତ ତଥା ଈଶ୍ୱରପୁର ଫାଣ୍ଡି ଅଧିନ ତରତୁଆ ୟୁଜିୟୁପି ସ୍କୁଲ ରୁ ଏକ ଇନଭେର୍ଟର ମେସିନ ଓ ବ୍ୟାଟେରୀ ଚୋରି ହୋଇଯାଇଥିବା ବେଳେ ପରଦିନ ଅର୍ଥାତ ୧୬ ତାରିଖ ଦିନ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ହିରଣ୍ୟମୟୀ ପଣ୍ଡା ଦେଖିବାକୁ ପାଇଥିଲେ । ଏନେଇ ସେ ସେଇ ଦିନ ଈଶ୍ୱରପୁର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ । ଚୋରି ଅଭିଯୋଗରେ ବୁଧବାର ଦିନ ନୀଳଗିରି ପୋଲିସ ଭୀମେଇ ଗ୍ରାମର ରଞ୍ଜନ ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ (୨୦) ଏବଂ ଚୋରି ସାମଗ୍ରୀ କୁ କିଣିଥିବା ଯୁବକ ଉକ୍ତ ଗ୍ରାମର କୃଷ୍ଣ ଚନ୍ଦ୍ର ମଲ୍ଲିକ ଙ୍କ ପୁଅ ଭାଗବତ ମଲ୍ଲିକ (୨୫) ଙ୍କୁ ଗିରଫ କରିବା ସହିତ ବ୍ୟାଟେରୀ ଓ ମେସିନ କୁ ଜବତ କରିଛି । ଉଭୟଙ୍କ ନାମରେ ଥାନାରେ କେଶ୍ ନମ୍ବର ୨୧୯ / ୨୫ ଏବଂ ଦଫା ୩୩୧(୪)/୩୦୫ବିଏନଏସ ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଚୋରି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।

# ମାଡ଼ରେ ଶଳା ଗୁରୁତର ଭିଣୋଇ ଗିରଫ

ସୋର, (ସବ୍ୟୁ): ସୋର ଥାନା ନୂଆଗାଁ ଗ୍ରାମରେ ଭିଣୋଇ ମାଡ଼ରେ ଶଳା ଗୁରୁତର ଆହତ ହୋଇଥିବା ବେଳେ ଭିଣୋଇକୁ ସୋର ପୁଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୋଗ ଅନୁସାରେ ସୋର ଥାନା ମାଣତ୍ରୀ ପଞ୍ଚାୟତ ନୁଆପୁର ଗ୍ରାମର ବୈକୁଣ୍ଠ ନାଥ ମହାରଣା ଦିଘଦିନ ଧରି ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ମାଡ଼ ମାରନ୍ତି। ଫଳରେ ତାଙ୍କ ସ୍ତ୍ରୀ ଗତ କିଛିଦିନ ଧରି ବାପା ଘର ସିଙ୍ଗାଖୁଣ୍ଟା ପଞ୍ଚାୟତ ନୁଆଗାଁରେ ରହୁଥିଲେ। ଗତ ମଙ୍ଗଳବାର ସଂଧାରେ ବୈକୁଣ୍ଠ ଶଶୁର ଘରେ ପହଞ୍ଚି ତାଙ୍କ ସ୍ତ୍ରୀକୁ ଗାଳିଗୁଲଜ କରିବାରୁ ତାଙ୍କ ଶଳା ରାଜେନ୍ଦ୍ର ଚଣ୍ଡ ବିରୋଧ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବୈକୁଣ୍ଠ ରାଜେନ୍ଦ୍ରକୁ ଏକ କାଠ କଟା କରତରେ ଆକ୍ରମଣ କରିଥିଲେ।ଏଥିରେ ରାଜେନ୍ଦ୍ରଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା।ଛ ପରିବାର ଲୋକେ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରୁ ସୁସ୍ଥ ହୋଇ ଫେରିବା ପରେ ରାଜେନ୍ଦ୍ର ସୋର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁଳେ ପୁଲିସ ୪୬୧/୨୫ରେ ଏକ ମାମଲା ରୁଜୁ କରିବା ସହିତ ବୈକୁଣ୍ଠକୁ ଗିରଫ କରିଗୁରୁବାର ଅପରାହ୍ଣରେ ସୋର ମେଡ଼ିକାଲରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିଛି।

# ପୋଖରୀରେ ବୁଡ଼ି ମୃତ୍ୟୁ

ଢ଼େଙ୍କିକୋଟ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ଢ଼େଙ୍କିକୋଟ ଫାଣ୍ଡି ତଥା ଢ଼େଙ୍କିକୋଟପଞ୍ଚାୟତ ଅନ୍ତର୍ଗତ ଟିକିରା ଗ୍ରାମର କହ୍ନେଇ ନାଏକର ପୁଅ ଅକ୍ଷୟ ନାଏକ (୪୭) ବୁଧବାର ସନ୍ଧ୍ୟାରେ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି। ସେ କାମରୁ ଫେରି ସନ୍ଧ୍ୟାରେ ଟିକିରା ମାଟିଆ ସାହିରେ ଥିବା ପୋଖରୀ କୁ ଗାଧୋଇବାକୁ ଯାଇଥିଲେ । ତେବେ ଗଭିର ପାଣିରେ ବୁଡି ସେ ମୃତ୍ୟୁ ବରଣ କରିଥିଲେ। ଗୁରୁବାର ସକାଳେ ପରିବାର ଲୋକେ ତାଙ୍କ ଶବ ପାଣିରେ ଭାସୁଥିବାର ଦେଖିବାକୁ ପାଇଥିଲେ । ତାଙ୍କ ସ୍ତ୍ରୀ ଜୟନ୍ତୀ ନାଏକ ଏ ସଂକ୍ରାନ୍ତରେ ଢ଼େଙ୍କିକୋଟ ଫାଣ୍ଡିରେ ଲିଖିତ ଆକାରରେ ଜଣାଇଲା ପରେ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଶବକୁ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ପରିବାର ଲୋକକୁ ହସ୍ତାନ୍ତର କରିଛନ୍ତି ।

# ରାସ୍ତା-ଓଭରବ୍ରିଜ କାମରେ ବିଳମ୍ବକୁ ନେଇ ରାସ୍ତାରୋକ

ଆନନ୍ଦପୁର,(ସବ୍ୟୁ) : ଓଭର ବ୍ରିଜ୍ ଓ ରାସ୍ତା ନିର୍ମାଣରେ ବିଳମ୍ବକୁ କେନ୍ଦ୍ର କରି ଏନ୍.ଏଚ୍ ଅବରୋଧ କରିଛନ୍ତି ଲୋକେ। ରାସ୍ତାରୋକୋ ଯୋଗୁ ଅଟକି ରହିଥିଲା ଅନେକ ଯାନବାହନ। କେନ୍ଦୁଝର ଜିଲାର ଲାଇଫ୍ଲାଇନ୍ କୁହାଯାଉଥିବା ୨୦ ନଂ ଜାତୀୟ ରାଜପଥର ଆନନ୍ଦପୁର ଉପଖଣ୍ଡ ଶାଳପଡ଼ାଠାରେ ନିର୍ମାଣ ଚାଲିଛି ନୂଆ କରି ଆଉ ଏକ ଓଭରବ୍ରିଜ କାମ। ଫଳରେ ମଧ ରାସ୍ତା ପରିବର୍ତ୍ତେ ଗାଡ଼ିଗୁଡ଼ିକୁ ରାସ୍ତାର ଉଭୟପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ଼ାର ମଧ ରାସ୍ତା ଭାବେ ବ୍ୟବହାର କରାଯାଉଛି। ହେଲେ ଏହି ସର୍ଭିସ ରୋଡ଼ରେ ମାତ୍ରାଧିକ ଆଇରନ ଗାଡ଼ି ଚଳାଚଳ ଯୋଗୁ ରାସ୍ତାରେ ବଡ଼ବଡ଼ ଖାଲ ହୋଇଯାଇଥିବାରୁ ଯାତ୍ରୀମାନେ ଯମଯନ୍ତ୍ରଣା ଭୋଗୁଛନ୍ତି। ସର୍ଭିସ ରୋଡ୍ଗୁଡ଼ିକ ମରାମତି ହେଉନାହିଁ। ଯାହା ଫଳରେ ଧୂଳିଧୂଆଁରୁ ଅତିଷ୍ଠ ସ୍ଥାନୀୟ ଲୋକେ ଗୁରୁବାର ସକାଳ ୧୦ ଟାରେ ଆନନ୍ଦପୁରରୁ ଯାଜପୁର ଯିବା ପାଇଁ ବ୍ୟବହାର ହେଉଥିବା ଶାଳପଡ଼ା ବାମପାଖ ସର୍ଭିସ ରୋଡ଼କୁ ବନ୍ଦ କରି ଉଭୟ ରାସ୍ତା କାମ ଓ ଓଭରବ୍ରିଜ୍ କାମ ଏକ ମାସ ମଧ୍ୟରେ ସମ୍ପନ୍ନ କରିବାର ଲିଖିତ ପ୍ରତିଶ୍ରୁତି ପାଇଁ ଜିଦ୍ ଧରି ବସିଥିଲେ ଲୋକେ। ଘଟଣାସ୍ଥଳରେ ଘଷିପୁରା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କଲା ପରେ ରାସ୍ତା ଓ ଓଭରବ୍ରିଜ ନିର୍ମାଣକାରୀ ଠିକାସଂସ୍ଥା ସୁପରଭାଇଜର ପୁନିତ ଡିଙ୍ଗ୍ରା ଘଟଣାସ୍ଥଳରେ ପହଞ୍ଚି ପ୍ରତିଦିନ ସର୍ଭିସ ରୋଡ୍ ମେଣ୍ଟେନାନ୍ସ ପାଇଁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା।

# ଧାମନଗର ପରେ ଆରଡି ପୀଠକୁ ବ୍ୟାପିଲା ଝାଡାବାନ୍ତି : ୮ ଆକ୍ରାନ୍ତ

ଭଦ୍ରକ ,(ସବ୍ୟୁ) : ଭଦ୍ରକ ଧାମନଗର ପରେ ଆରଡି ପୀଠକୁ ବ୍ୟାପିଲା ଝାଡାବାନ୍ତି। ୨ଦିନ ମଧ୍ୟରେ ୮ଜଣ ଆକ୍ରାନ୍ତ ଆରଡି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୩ ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ମେଡିକାଲର ସମସ୍ତ ଟିମ ଆଲର୍ଟ ରହିଛନ୍ତି। ସେପଟେ ପୀଠର ପ୍ରବେଶ ପଥ ଓ ବିଭିନ୍ନ ସ୍ଥାନ ମୁଖ୍ୟ ବଜାରରେ ଅଳିଆ ଆର୍ବଜନା ଗଦା ହୋଇ ପଡିଛି। ଏପରିକି ଦୂଷିତ ପାଣି ମଧ୍ୟ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ପିଉଥିବା ଦେଖିବାକୁ ମିଳିଛି। ଝାଡାବାନ୍ତି ଭୟରେ ଆରଡିପୀଠ ଆଖଣ୍ଡଳମଣିଙ୍କ ମନ୍ଦିର ପରିସରରେ ଥିବା ସମସ୍ତ ଭୋଗ ଦୋକାନ ସହ ବଜାରରେ ଥିବା ଜଳଖିଆ ଦୋକାନ, ହୋଟେଲ ଆଦି ସମସ୍ତ ଦୋକାନ ବନ୍ଦ ରହିଛି।

# ସହିଦ କଳସ ଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା

ଧାମନଗର/ଦୋବଲ,(ସବ୍ୟୁ): ୧୯୬୨ ମସିହା ଚୀନ ଭାରତ ଯୁଦ୍ଧରେ ସହିଦ ହୋଇଥିବା ୧୧୪ ଜଣ ବୀର ଯାଦବମାନଙ୍କୁ ସ୍ମରଣ କରିବା ପାଇଁ ଦେଶବ୍ୟାପି କଳସ ଶୋଭାଯାତ୍ରା ସାରା ଭାରତ ବର୍ଷ ପରିଭ୍ରମଣ କରିବା ଅବସରରେ ଶୋଭାଯାତ୍ରା ଧାମନଗର ଠାରେ ପହଞ୍ଚି ଥିଲା। ଉକ୍ତ ରଥକୁ ଧାମନଗର ଯାଦବ ମହାସଭା ତରଫରୁ ବିଜୁ ପଟ୍ଟନାୟକ ଛକ ଠାରେ ସ୍ୱାଗତ କରାଯିବା ସହିତ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଭଦ୍ରକ ଜିଲ୍ଲାର ଶେଷସୀମା ଦିହୁଡ଼ି ଆନନ୍ଦପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଆନନ୍ଦପୁର ଯାଦବ ମହାସଭାର ଶତାଧିକ ଯାଦବ ବନ୍ଧୁମାନେ ଶଙ୍ଖ,ହୁଳହୁଳି ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି କଳସ ରଥକୁ ପାଛୋଟି ନେବା ସହ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ବୀରତ୍ୱ ଯାତ୍ରା ସହିତ ରାଷ୍ଟ୍ରୀୟ ସଂଯୋଜକ କିରଣ ଯାଦବ,ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ,ଜିଲ୍ଲା ଯାଦବ ସଭାପତି ନାଟ୍ୟକାର ଡ଼.ସୁଧାଂଶୁ ଶେଖର ନାୟକ,ଜିଲ୍ଲା ଯୁବ ଯାଦବ ସଭାପତି ରବି ନାରାୟଣ ଖିଲାର ନେତୃତ୍ୱ ନେଇଥିବାବେଳେ ଧାମନଗର ଯାଦବ ମହାସଭାର ସଭାପତି ସୁବାସ ଚନ୍ଦ୍ର ବାରିକ,କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକ,ସାଧାରଣ ସମ୍ପାଦକ କୁଳମଣି ବେହେରା,ମାଧବ ଚନ୍ଦ୍ର ଖଟୁଆ,ରାଜୀବ ଲୋଚନ ଦାସ,କ୍ଷେତ୍ରବାସୀ ବାରିକ,ଅଧର ପରିଡ଼ା,ନାରାୟଣ ଚନ୍ଦ୍ର ବାରିକ,ବିଶ୍ୱନାଥ ବେହେରା,ତପନ କୁମାର ବେହେରା,ରାଜେନ୍ଦ୍ର ବେହେରା,ମାନଗୋବିନ୍ଦ ଦାସ,ନାରାୟଣ ଚନ୍ଦ୍ର ଦାସ,ବୃନ୍ଦାବନ ମହାନ୍ତି,ତ୍ରିଲୋଚନ ବେହେରା,ଅଧ୍ୟାପକ ହିମାଂଶୁ ଶେଖର ଦାସ,ରମାକାନ୍ତ ଦାସ,ରବୀନ୍ଦ୍ର କୁମାର ଦାସ ଏବଂ କାହ୍ନୁ ଚରଣ ଖିଲାର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ଯାଦବ ନେତୃମଣ୍ଡଳୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗରିବ ଆଦିବାସୀ ଓ ନାରୀଙ୍କ ସୁରକ୍ଷା ଦେବାରେ ସରକାର ବିଫଳ : ଜୟଦେବ



କେନ୍ଦୁଝର(ସ୍ୱପ୍ର/ସବ୍ୟୁ): ସାରା ରାଜ୍ୟରେ ବର୍ତ୍ତମାନ ଆଦିବାସୀ ଓ ନାରୀ ମାନଙ୍କର ନିର୍ଯାତନା ଦିନକୁ ଦିନ ବଢୁଛି । ଗୋଟିଏ ଦିନରେ ଚାରି ଚାରିଟି ଗଣଧର୍ଷଣ ଓ ହତ୍ୟା ଘଟଣା ଘଟିଛି । ସରକାର ଗରିବ ଆଦିବାସ ଓ ନାରୀଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହେଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି । ଗୁରୁବାର କଂଗ୍ରେସ ଦଳ ପକ୍ଷରୁ ଜୟଦେବ ଜେନାଙ୍କ ନେତୃତ୍ୱରେ ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତାମାନେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ବ୍ଲକର ପଣ୍ଡାପଡା ଥାନା ଅନ୍ତର୍ଗତ ତେନ୍ତଳାପଶି ଗ୍ରାମର ଗଣଧର୍ଷିତା ଓ ହତ୍ୟା ହୋଇଥିବା ଆଦିବାସୀ ନାବାଳିକା ଘରକୁ ଯାଇଥିଲେ ।ସେଠାରେ ନାବାଳିକାର ପରିବାର ଓ ଗ୍ରାମର ଅଧିବାସୀ ମାନଙ୍କ ପାଖରୁ ଘଟଣା ସମ୍ପର୍କ ପଚାରି ବୁଝିଥିଲେ । । ଅତି ଗରିବ ପରିବାରର ଝିଅକୁ ଏପରି ନିର୍ମମ ଭାବେ ହତ୍ୟା କରି ଗଣ ଦୁଷ୍କର୍ମ କରା ଯାଇଛି ଯାହା ଘୋର ନିନ୍ଦନୀୟ। ଗୋଟେ ନାବାଳିକା ଝିଅକୁ ଘର ପାଖରୁ ଅଧ କିଲୋମିଟର ଦୂର ନେଇ ରାତିରେ ମିଶି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେଣୁ ଏହି ସମସ୍ତ ଦୋଷୀଙ୍କୁ ଧରିବାକୁ ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ଲୋକ । ଅତି ଶୀଘ୍ର ନିରପେକ୍ଷ କ୍ରାଇମ ବ୍ରାଞ୍ଚ କିମ୍ବା ସିବିଆଇ ତଦନ୍ତ କରାଇ ଦୋଷୀ ମାନଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି। ମୃତ ନାବାଳିକା ପରିବାରକୁ ଅତି କମରେ ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯାଉ ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ନିଜ ଜିଲ୍ଲାର ଏହି ଗୁରୁତର କଥା ନେଇ ମୁହଁ ଖୋଲିବାକୁ ସେ ଦାବି କରାଯାଇଛି ।ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଏ ଘଟଣା ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସହିତ ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଗୃହ ଘେରାଓ କରିବା ସହିତ ଜିଲ୍ଲା ସଦର ମହକୁମା ଠାରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ଏହି କଂଗ୍ରେସ ଟିମରେ ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯୋଶବନ୍ତ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ମହିଳା କଂଗ୍ରେସ ରାଜ୍ୟ ଉପସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଘଟଗାଁ ବ୍ଲକ ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ନାଥ ନାୟକ, ବରିଷ୍ଠ ଆଦିବାସୀ ନେତା ବୃନ୍ଦାବନ ନାୟକ, କଂଗ୍ରେସ ନେତା ସୁରଥ ଚନ୍ଦ୍ର ସାହୁ, ଲଳିତ ମୋହନ ନାୟକ, ରତ୍ନାକର ଜେନା, ହାଡିବନ୍ଧୁ ଖୁଣ୍ଟିଆ, ପ୍ରମୋଦ ବେହେରା, ଦିଲ୍ଲୀପ ସାହୁ, ସୁଢଳ କୁମାର ସେଠି, ରାଜକିଶୋର ବାରିକ, ଆର୍ତ୍ତତ୍ରାଣ ବେହେରା, ଅଜୟ ବାବୁ, ବିରଞ୍ଚି ଭୁଲ ଗାଁଏ ଓ ବୁଲୁ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମ୍ୟ ନିର୍ମାଣ ବିଭାଗ-୨ର ଠିକାଦାର ପ୍ରୀତି

# ଭଦ୍ରକ ମୁସଲିମ ଜମାତ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି

ଭଦ୍ରକ, (ସବ୍ୟୁ) : ଭଦ୍ରକ ପୁରୁଣାବଜାରସ୍ଥିତ ମୁସଲିମ ଜମାତର ମଦିନା ମଇଦାନ କମ୍ୟୁନିଟି ହଲ ନିର୍ମାଣ ପାଇଁ ଅସମ୍ପୂର୍ଣ୍ଣ ରହିବି ଏହାର କାର୍ଯ୍ୟ ଶେଷ ହୋଇଥିବା ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଦର୍ଶାଇବା ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛି ଭଦ୍ରକ ମୁସଲିମ ଜମାତ । ଏହି ମର୍ମରେ ଜମାତର ଏକ ପ୍ରତିନିଧି ଦଳ ଗୁରୁବାର ଦିନ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସୂଚନାଯୋଗ୍ୟ ରାଜ୍ୟ ସରକାର ମଦିନା ମଇଦାନ ର ଉନ୍ନତିକରଣ ଲାଗି ତତ୍କାଳୀନ ସରକାର ପ୍ରଥମ ପର୍ଯ୍ୟାୟରେ ଚିଠି ନମ୍ବର ୩୯୪, ତା୨୩.୦୨.୨୦୧୯ରେ ୮୦ ଲକ୍ଷ ସରକାରି ସ୍ତରରେ ପ୍ରଶାସନିକ ମଞ୍ଜୁରୀ କରିଥିଲେ । ଯାହା ପରବର୍ତୀ ପର୍ଯ୍ୟାୟରେ ସଂଶୋଧିତ ହୋଇ ପ୍ରାୟ ୧ କୋଟି ୯୪ ଲକ୍ଷ ନବେ ହଜାର ଟଙ୍କାକୁ ବର୍ଦ୍ଧିତ ହୋଇଥିଲା। ଏହି କାର୍ଯ୍ୟକୁ ଠିକାଦାର ପରେଶ କୁମାର ଜେନା ଦାୟିତ୍ୱ ନେଇ କାର୍ଯ୍ୟ କୁରଥିଲେ। ଠିକାଦାର ଏହାକୁ ଏଗ୍ରିମେଟଂ ନମ୍ବର ୦.୭ ପିଏଲ ଏଟି ୨୦୧୯-୨୦ ଏଗ୍ରିମେଟଂରେ ଆର୍.ଡବ୍ଲୁ ଡିଭିଜନ ଭଦ୍ରକ-୨ ସହିତ ଚୁକ୍ତି ପତ୍ର ସ୍ୱାକ୍ଷର କରିଥିଲେ। ଅଧାବଧି ଅସମ୍ପୂର୍ଣ ଓ ଅନ୍ଧି ନିର୍ମିତ ଅବସ୍ଥାରେ କମ୍ୟୁନିଟି ଗୃହଟି ପଡ଼ି ରହିଥିବାବେଳେ ଗତ ମାସ ଆରଡବ୍ଲୁ-୨ ଅଧିକ୍ଷଣ ଯନ୍ତ୍ରୀ ଏହାକୁ କାର୍ଯ୍ୟ ସମାପ୍ତି ହୋଇଥିବା ଦର୍ଶାଇ ରିପୋର୍ଟରେ ସରକାରଙ୍କୁ ଜଣାଇଛନ୍ତି । ଠିକାଦାର ତାଙ୍କର ସମସ୍ତ ପ୍ରାପ୍ୟ ଉଠାଇ ନେଇଛନ୍ତି । ଏଣୁ ଉକ୍ତ ଘଟଣାଗୁଡ଼ିକ ମୁସଲିମ ଜମାତ ତଥା ସମସ୍ତ ମୁସଲିମ କମ୍ୟୁନିଟି ଅତ୍ୟନ୍ତ ଦୁଃଖ ଓ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନ ଠାରେ ନିମ୍ନଲିଖିତ ପ୍ରଶ୍ନ ଉଠାଇଛନ୍ତି- ବେନିଫିସିଆରୀ ହିସାବରେ ମୁସଲିମ ଜମାତର କର୍ମକର୍ତାମାନଙ୍କଠାରୁ କୌଣସି ପ୍ରକାର କାର୍ଯ୍ୟ ସମାପ୍ତି ପ୍ରମାଣପତ୍ର ନିଆଯାଇ ନାହିଁ, ବିଭାଗୀୟ ଅଫିସର ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ର ଶିକାର ହୋଇ ଉକ୍ତ କମ୍ୟୁନିଟି ଗୃହଟି ଅଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି । ଠିକାଦାର ଓ ବିଭାଗୀୟ ଅଧିକାରୀ ଉକ୍ତ କମ୍ୟୁନିଟି ଗୃହକୁ ଅସମ୍ପୂର୍ଣ ଅବସ୍ଥାରେ ଛାଡ଼ି ଦେଇଛନ୍ତି । ଉକ୍ତ କାର୍ଯ୍ୟ ସମ୍ବନ୍ଧରେ ବିଭିନ୍ନ ସମୟରେ ଭଦ୍ରକ ମୁସଲିମ ଜମାତର କର୍ମ କର୍ତାମାନେ ଆପରି ଓ ଅଭି ଯୋଗ ବିଭାଗକୁ ଜଣାଇଥିବା ସତ୍ତ୍ୱେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ । ପ୍ରାରମ୍ଭରୁ ମୁସଲିମ ଜମାତ ବିଭାଗୀୟ ଅଧିକାରୀଙ୍କୁ ଓ ଠିକାଦାରଙ୍କୁ କହି ଆସୁଥିବା ସତ୍ତ୍ୱେ କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ଫଳକ କାହିଁକି ଲଗାଗଲା ନାହିଁ ଆଦି ପ୍ରଶ୍ନ ଉଠାଇଛନ୍ତି । ତେଣୁ ମୁସଲିମ ଜମାତର କର୍ମକର୍ତାମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ଭଦ୍ରକ ମୁସଲିମ ଜମାତର ଉପ ସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ବରିଷ୍ଠ ସଭ୍ୟ ଜମିଲ ଅଖତର ଖାନ, ଇଂ. ରେଜାଏ ରସୁଲ, ଅସରଫ ଅଲି ଖାନ, ଅଖତର ଅଲି ମିର୍ଜା ଏକ୍ରାମ ବେଗ,ମୁସ୍ତାକ ଗୌହ. ମିଡ଼ିଆ ସେଲ ସଂଯୋଜକ ଶେଖ ଅନଓ୍ୱର(ବାବୁ), ହାଜି ଅବୁ ହୋସେନ ଖାନ ଓ ହାଜି କୈୟୁମ ସାହା ପ୍ରମୁଖ ସାମିଲ ଥିଲେ ।



(ଶ୍ରୀମଭଗବଦ୍ ଗୀତା ୧୬/୨୦)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ତ୍ରିବିଧଂ ନରକେସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।।୨୧।।**

କାମ, କ୍ରୋଧ ଓ ଲୋଭ-ଏହି ତିନୋଟି ନରକର ଦ୍ୱାର, ଅତଏବ ଆତ୍ମାର ଅବନତିର ମୂଳ କାରଣ, ଏଥିନିମିତ୍ତ ଏହି ତିନୋଟି ତ୍ୟାଗ କରିବା ଉଚିତ ।

# ଏ ମାଟିର ମହକ ଦ୍ରୌପଦୀ ମୁର୍ମୁ

**ସମ୍ପାଦକୀୟ**

ଭାରତର ପ୍ରଥମ ନାଗରିକ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ଜୁନ୍ ୨୦((୨୦୨୫)ରେ ଅଡଷଠୀ ବର୍ଷରେ ପଦାର୍ପଣ କରୁଛନ୍ତି । କେବଳ ଭାରତ ପାଇଁ ନୁହେଁ, ଓଡ଼ିଶା ପାଇଁ ମଧ୍ୟ ଏହା ଗର୍ବର ବିଷୟ । ଆମେ ଓଡ଼ିଆମାନେ ପ୍ରକୃତରେ ଶ୍ରୀମତୀ ମୁର୍ମୁଙ୍କ ପାଇଁ ଗୌରବାନ୍ୱିତ ଓ ଆନନ୍ଦିତ ।

ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ଉପରବେଡ଼ା ଗ୍ରାମରେ ୧୯୫୮ ଜୁନ୍ ୨୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ ଏକ ସାନ୍ତାଳୀ ଆଦିବାସୀ ପରିବାରରେ । ମୟୂରଭଞ୍ଜ ଓଡ଼ିଶା ରାଜ୍ୟରେ ବିଳମ୍ବରେ ମିଶିଥିଲା । ମୟୂରଭଞ୍ଜ ଅବିଭକ୍ତ ବିହାର ରାଜ୍ୟରେ ମିଶିବା ଲାଗି ଉଦ୍ୟମ ଅବଶ୍ୟ ପଣ୍ଡ ହୋଇଥିଲା । ସେତେବେଳେ କଂଗ୍ରେସ ଜରିଆରେ ପ୍ରାୟ ସମସ୍ତ ରାଜନୀତିକ ଦଳ ଭାରତର ସ୍ୱାଧୀନତା ପାଇଁ ମହାତ୍ମା ଗାନ୍ଧିଙ୍କ ଡାକରାରେ ଆନ୍ଦୋଳନ କରୁଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ୍ୟ ଭାରତର ଐତିହାସିକମାନେ ଏହାକୁ ଗୁରୁତ୍ୱ ଦେଇ ନଥିବା ଦୁଃଖର ବିଷୟ । ସେ ଯାହା ହେଉ, ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ୧୯୪୯ ଜାନୁଆରୀ ପହିଲାରେ ମୟୂରଭଞ୍ଜ ଏକ ଜିଲ୍ଲା ଭାବରେ ଓଡ଼ିଶା ରାଜ୍ୟରେ ମିଶିଥିଲା । ସେହି ଜିଲ୍ଲାରୁ ଆସି ଆଜି ସମଗ୍ର ଭାରତର ପ୍ରଥମ ନାଗରିକ ହେବା କେତେ ଗୌରବର କଥା ନୁହେଁ ? ମୟୂରଭଞ୍ଜ ଓଡ଼ିଶାରେ ମିଶିବା ଲାଗି ତତ୍‌କାଳୀନ ଛାତ୍ର କଂଗ୍ରେସ ପକ୍ଷରୁ ଯେପରି ତୀବ୍ର ଆନ୍ଦୋଳନ ଚାଲିଥିଲା, ସ୍ୱାଧୀନତାର ଉତ୍ତର କାଳରେ ଛାତ୍ରମାନେ ସେ ବିଷୟରେ ଜାଣିବା ଉଚିତ । 'ସମୟ'ର ପୂର୍ବତନ ମୁଖ୍ୟ ସମ୍ପାଦକ ଓ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗୀୟ ସାତକଡ଼ି ହୋତାଙ୍କ ଲେଖାର କିୟଦଂଶ ଏଠାରେ ମୁଁ ଉଦ୍ଧାର କରୁଛି । କାରଣ ସ୍ୱର୍ଗୀୟ ହରେକୃଷ୍ଣ ମହତାବ ଓ ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ନେତାମାନଙ୍କର ଅବଦାନ ବିଷୟରେ ଆମ ରାଜ୍ୟରେ ବିଶେଷ ଆଲୋଚନା ହୋଇପାରି ନାହିଁ । ସ୍ୱର୍ଗୀୟ ହୋତା ଲେଖିଥିଲେ-

'ସେ ଛାତ୍ର କଂଗ୍ରେସର ନେତା ଥିବାବେଳେ ମହତାବ ବାବୁ ପୁରୀ ଗସ୍ତରେ ଆସିଥିଲେ ଓ ସେଠାରେ କହିଥିଲେ ତମେ ଛାତ୍ରମାନଙ୍କ ମଧ୍ୟରେ ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ପାଇଁ ଅନୁକୂଳ ମତ ସୃଷ୍ଟି କର । ଜନସାଧାରଣଙ୍କୁ ମଧ୍ୟ ବୁଝାଅ । ..... ଏହା ପରେ ମିଶ୍ରଣ ସପକ୍ଷରେ ଆନ୍ଦୋଳନକୁ କ୍ଷିପ୍ରତର କରିବା ପାଇଁ ମହତାବ ବାବୁ ପରାମର୍ଶ ଦେଲେ ଏବଂ କେତେ ମାସ ପରେ ତତ୍କାଳୀନ ନିଖିଳ ଭାରତ ଛାତ୍ର କଂଗ୍ରେସର ସଭାପତି ରବି ବର୍ମା (ପରେ ଜନତା ସରକାରରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ) ସେ ପଠାଇଥିଲେ । ରବି ବର୍ମା ଓ 'ଡଗର' ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ରଙ୍କୁ (ପରେ ସେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବରିଷ୍ଠ ମନ୍ତ୍ରୀ ହୋଇଥିଲେ) ଆଣି ମୁଁ ବାରିପଦାରେ ସଭା କରାଇଲି ଏବଂ ସେହି ସଭାରେ ଅନେକ ଲୋକ ଯୋଗଦେବା ବ୍ୟତୀତ ପ୍ରଥମ କରି ବିରୋଧୀ ପକ୍ଷରୁ ବିନା ଗଣ୍ଡଗୋଳରେ ସଭାକାର୍ଯ୍ୟ କେବଳ ଶେଷ ହେଲା ନାହିଁ- ସଫଳ ମଧ୍ୟ ହେଲା । ('ମୋ ଦୃଷ୍ଟିରେ ଡକ୍ଟର ମହତାବ, ପୃଷ୍ଠା-୨୦୦, 'ସମାବେଶ' ୧୯୮୭) ।

ପ୍ରକୃତରେ ବିଶିଷ୍ଟ ସାହିତ୍ୟିକ, କାନ୍ତକବିଙ୍କ ଜ୍ୟେଷ୍ଠପୁତ୍ର, ନିତ୍ୟାନନ୍ଦ ମହାପାତ୍ର ମୟୂରଭଞ୍ଜ ମିଶ୍ରଣ ସମୟରେ ଭାଷଣ ଦେଇ ଏକଦା କହିଥିଲେ, 'ଓଡ଼ିଶାର ମୁଣ୍ଡ ହେଉଛି ମୟୂରଭଞ୍ଜ । ଯଦି ଓଡ଼ିଶାର ମୁଣ୍ଡ କଟିଯିବ ତାହାଲେ ଓଡ଼ିଶା ଗଣ୍ଡିର ପରିଚୟ ରହିବ ନାହିଁ ' ଏହା ପରେ ବିପୁଳ କରତାଳି ଦେଇ ମୟୂରଭଞ୍ଜର ଲୋକେ ଏହାକୁ ସମର୍ଥନ କରିଥିଲେ । ସେହି ମୟୂରଭଞ୍ଜ ଅଞ୍ଚଳର ଏକ ସାଧାରଣ ଆଦିବାସୀ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରକୃତରେ ଓଡ଼ିଶାର ମୁଣ୍ଡ ଉପରେ ବସାଇ ସାରା ଭାରତରେ କେବଳ ନୁହେଁ ସାରା ବିଶ୍ୱରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କୁ ଯେପରି ଭାବରେ ଭାରତର ରାଷ୍ଟ୍ରପତି ଭାବରେ ମର୍ଯ୍ୟାଦିତ କରିଛନ୍ତି, ତାହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

ଏକ ସାଧାରଣ ଆଦିବାସୀ ପରିବାରରୁ ଆସି ଜୀବନରେ ବହୁ ଦୁଃଖ କଷ୍ଟକୁ ଅତିକ୍ରମ କରି ସେ ନିଜର ସଦ୍‌ଗୁଣ, ସଚ୍ଚୋଟପଣିଆ ଓ କାର୍ଯ୍ୟଦକ୍ଷତା ଯୋଗୁଁ ବିଧାୟିକା, ମନ୍ତ୍ରୀ ଓ ଝାଡ଼ଖଣ୍ଡର ରାଜ୍ୟପାଳ ହେବା ପରେ, ୨୦୨୨ରୁ ଭାରତର ସର୍ବୋଚ୍ଚ ପଦବୀରେ ସେ ଉପନୀତ ହୋଇ ପାରିଛନ୍ତି । ଆମେ ତାଙ୍କ ପାଇଁ ଗର୍ବ କରୁ ସିନା, ଗର୍ବ ବା ଅହଂକାର ତାଙ୍କୁ ସ୍ପର୍ଶ କରି ପାରିନାହିଁ । ଈର୍ଷାପରାୟଣ ହୋଇ ଅନେକ ରାଜନେତା ତାଙ୍କୁ ପରିହାସ କରିଛନ୍ତି, ମାତ୍ର ସଂସାର ଭିତରେ ଥାଇ ମଧ୍ୟ ସେ ଜଣେ ସନ୍ନ୍ୟାସିନୀ ପରି ସେମାନଙ୍କ ପ୍ରତି ଅସହିଷ୍ଣୁ ହୋଇ ନାହାନ୍ତି କେବେ, ବରଂ ପରୋକ୍ଷରେ କ୍ଷମା କରିଦେଇଛନ୍ତି । ଭାରତ ଯେତେବେଳେ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି ସେତେବେଳେ ଶ୍ରୀମତୀ ମୁର୍ମୁ ସର୍ବୋଚ୍ଚ ପଦବୀରେ ଥାଇ ଭାରତର ତଥା ଭାରତୀୟମାନଙ୍କ ହିତ ସାଧନ ପାଇଁ ତତ୍ପର ହୋଇ ଉଠିଛନ୍ତି, ତାହା ହିଁ ତାଙ୍କ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ । ଆମେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁଁ ।

(ଗୁରୁକଲ୍ୟାଣ ମହାପାତ୍ର)
ମୁଖ୍ୟ ସମ୍ପାଦକ

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମୋଦିଜୀ ସୁ-ସ୍ୱାଗତମ୍



ଶ୍ରୀ ମୋହନ ଚରଣ ମାଝୀ

ଆଜି ଅପରାହ୍ନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓଡ଼ିଶା ଆସୁଛନ୍ତି । ସାଢ଼େ ଚାରି କୋଟି ଓଡ଼ିଆଙ୍କ ସହିତ ମିଶି ମୁଁ ଜଣେ ଓଡ଼ିଆ ଭାବରେ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ମାଟିକୁ ସ୍ୱାଗତ କରୁଛି ।

ଏହା ଭିତରେ ମୋଦୀଜୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ଭାଳିବାର ୧୧ ବର୍ଷ ପୂରଣ ହୋଇସାରିଛି । ମୁଁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିବାର ପ୍ରଥମ ବର୍ଷ ପୂରଣ କରିସାରିଛି । ଗତ ଗୋଟିଏ ବର୍ଷରେ ମୋଦୀଜୀ ୫ ଥର ଓଡ଼ିଶାକୁ ଆସି ସାରିଛନ୍ତି । ଆଜିର ତାଙ୍କର ଗସ୍ତକୁ ମିଶାଇଲେ ରାଜ୍ୟରେ ଡବଲ ଇଂଜିନ୍ ସରକାର ଗଠନ ପରେ ଷଷ୍ଠ ଥର ପାଇଁ ସେ ଓଡ଼ିଶା ଆସିବେ । ମୋଦୀଜୀଙ୍କ ପୂର୍ବରୁ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ମୋଟରେ ଯେତେଥର ଆସିଛନ୍ତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକା ତା'ଠାରୁ ଅଧିକ ଥର ଆସିଛନ୍ତି ।

ବାରମ୍ବାର ଓଡ଼ିଶାକୁ ଆସିବା ପଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନନ୍ୟ ସମର୍ପଣ ଭାବ ଏବଂ ଓଡ଼ିଶା ପ୍ରତି ତାଙ୍କର ଅହେତୁକ ଭଲପାଇବା । ବିଜେପିର ଜଣେ ବିଧାୟକ ଭାବରେ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ମୋଦିଜୀଙ୍କ ସହ ମିଶିବା ଓ ଦେଖା ହେବାର ସୁଯୋଗ ମିଳିଥିଲା । ମାତ୍ର ଗତ ଗୋଟିଏ ବର୍ଷରେ ତାଙ୍କ ସହ କେବଳ ଅନେକ ଥର ଦେଖା ହେବାର ସୁଯୋଗ ମିଳିଛି ତା ନୁହେଁ, ବରଂ ଓଡ଼ିଶାର ଦ୍ରୁତ ଆର୍ଥିକ ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଭାବଧାରାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ଓଡ଼ିଶାର ବିକାଶ ସାମ୍ନାରେ ଥିବା ଆହ୍ୱାନ ସମୂହକୁ ସମ୍ଭାବନା ରୂପରେ ସେ ଦେଖିଛନ୍ତି ଏବଂ ଏହା ଖୁବଶୀଘ୍ର ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ନିଶ୍ଚୟ ଆଗୁଆ ରାଜ୍ୟରେ ପରିଣତ କରିବ । ତାଙ୍କ ମାର୍ଗଦର୍ଶନ ଓଡ଼ିଶା ବିକାଶ ପାଇଁ ଆମର ଶକ୍ତି ହୋଇଛି ।

> **ମାତ୍ର ରାଜ୍ୟ ଧନୀ ଏବଂ ଲୋକେ ଗରିବ । ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ । ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରିବମାନଙ୍କୁ କିପରି ବିକାଶ କାମରେ ସାମିଲ କରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁଁ ।**


ପିଲାଦିନୁ, ମୁଁ ସାମାଜିକ ଓ ରାଜନୈତିକ କାମରେ ସମ୍ପୃକ୍ତ ଥିବା କାରଣରୁ, ଦେଶ ଓ ରାଜ୍ୟର ଲୋକଙ୍କ ଜୀବନର ମାନ କିପରି ରହିଛି ଓ ସେଥିରେ କେମିତି ଦ୍ରୁତ ବିକାଶ କରି ସେମାନଙ୍କୁ କିପରି ସୁଖ ଓ ସମୃଦ୍ଧିର ରାସ୍ତାରେ ନିଆଯାଇପାରିବ, ସେଥିପାଇଁ ଦିନ-ଦିନ ରାତି-ରାତି ବିଚାର ବିମର୍ଷ କରିଛି । ମୂଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ, ପରେ ଶିଶୁ ମନ୍ଦିରରେ ଶିକ୍ଷକ, ସରପଞ୍ଚ, ବିଧାୟକ ଓ ବିଧାନସଭାରେ ଜଣେ ବିରୋଧୀ ଦଳ ନେତା ଭାବେ ରାଜ୍ୟରେ ସାଧାରଣ ଲୋକଙ୍କ ଜନ ଆକାଂକ୍ଷାକୁ ପ୍ରତିଫଳିତ କରିବା ପାଇଁ ଉଦ୍ୟମ କରିଥିଲି । ୨୦୦୦ ମସିହାରେ ବିଧାୟକ ଭାବରେ ବିଧାନସଭାକୁ ଆସିବା ସହ ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏହି ଅଢ଼େଇ ଦଶନ୍ଧି, ମୁଁ ପୂରା ମୋ ବ୍ୟକ୍ତିଗତ ଜୀବନକୁ ଭୁଲି ଲୋକ ସେବାରେ ନିଜକୁ ସମର୍ପିତ କରିଛି ।

ଏବେ ଓଡ଼ିଶାର ବିକାଶର ମଂଗ ଧରିବାର ଦାୟିତ୍ୱ ଜନ ମଙ୍ଗଳ ପାଇଁ ମୋର ବିଗତ ତିନି ଦଶନ୍ଧିର ଅନୁଭବ, ଅନୁଭୂତି, ଅଙ୍ଗେନିଭା କଥା, ସର୍ବୋପରି ବିଜେପି ଓ ନରେନ୍ଦ୍ର ମୋଦିଜୀଙ୍କର ବିକାଶର ଅବଧାରଣା ମୋତେ ଅନେକ ସଂକଳ୍ପ ଆଣିଦେଇଛି । ସଂକଳ୍ପରୁ ସିଦ୍ଧି ରାସ୍ତାରେ ୪.୫ କୋଟି ଓଡ଼ିଆ ମୋର ସହଯାତ୍ରୀ । ଯଦି ଆମେ ପ୍ରତ୍ୟେକ ଓଡ଼ିଆ ଆମର ବିକାଶ ଯାତ୍ରାରେ ସାମିଲ ହୋଇ ସମସ୍ତେ ପାଦେ ପାଦେ ଚାଲିବା ତାହେଲେ ଆମେ ମିଳିତ ଭାବେ ୪.୫ କୋଟି ପାଦ ଆଗକୁ ଯିବା । **ମୋଦି ଶାସନର ପ୍ରଥମ ସର୍ତ୍ତ ହେଉଛି ଜନଭାଗିଦାରୀ । ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଆମ ପାଇଁ ମୋଦି ମନ୍ତ୍ର ।**

ମୋଦିଜୀଙ୍କ ୧୧ ବର୍ଷର ଶାସନ ଆମର ପଥ ପ୍ରଦର୍ଶକ । ସାଧାରଣ ଗରିବ ଘରୁ ଜୀବନରେ ସଂଘର୍ଷ କରିଥିବା ମୋଦିଙ୍କ ଚିନ୍ତାଧାରା ସରକାରଙ୍କ କାର୍ଯ୍ୟକ୍ରମରେ ରୂପାନ୍ତରିତ ହେଲା, ତ ଦେଶରେ ଗରିବଙ୍କ କଲ୍ୟାଣର ନୂଆଯୁଗ ଆରମ୍ଭ ହେଲା । ଗରିବ ପରିବାର ପାଇଁ ବିଶେଷ କରି ମା' ଓ ଭଉଣୀଙ୍କ ପାଇଁ ଶୌଚାଳୟ କ'ଣ କମ୍ ବଡ଼ କଥା ? ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଶୌଚାଳୟ କଥା କହି ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନ କଲେ । ଉଜ୍ଜ୍ୱଳା ଯୋଜନା ଗରିବ ପରିବାରର ରୋଷେଇ ଘରେ ଖାଲି ବିପ୍ଳବ ଆଣିଲାନି, ମହିଳାଙ୍କ ସମୟ, ପିଲାଙ୍କ ପାଠପଢ଼ା ଓ ଆର୍ଥିକ ଗତିବିଧି ଆଡ଼କୁ ଗଲା । ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଯୋଜନା ଓ ହିତାଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା । ଡିବିଟି ବା ସିଧା ସିଧା ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବା, ଆମ ଦେଶରେ ବଡ଼ ପରିବର୍ତ୍ତନ ଆଣିଲା । ଡିଜିଟାଲ ଇଣ୍ଡିଆରେ ନିପଟ ମଫସଲ ମଧ୍ୟ ସାମିଲ । କେନ୍ଦୁଝରର ଅପହଞ୍ଚ ଅଞ୍ଚଳରେ ବି ଆମ ପିଲା ଡ଼ିଜିଟାଲ ପେମେଣ୍ଟ କରୁଛନ୍ତି ।

ଗରିବ କଲ୍ୟାଣର ପଥ ପ୍ରଦର୍ଶକ ମୋଦିଜୀଙ୍କର ଓଡ଼ିଶାକୁ ଭଲପାଇବା ସ୍ୱତନ୍ତ୍ର । ଯୁବାବସ୍ଥାରେ ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ତାଙ୍କର ସମୟ କଟିଛି । ୨୦୧୪ ମସିହାରେ ନିର୍ବାଚନ ପୂର୍ବରୁ ବିଜେପି କ୍ୟାମ୍ପେନ୍ କମିଟିର ଅଧ୍ୟକ୍ଷ ଭାବରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ ଅନେକ କଥା କହିଥିଲେ । ପୂର୍ବଭାରତର ଉଦିତ ସୂର୍ଯ୍ୟଙ୍କ ଆରାଧନା ପାଇଁ ଯେମିତି ସୂର୍ଯ୍ୟ ମନ୍ଦିର ରହିଛି, ଠିକ ସେମିତି ପଶ୍ଚିମ ଭାରତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାପାଇଁ ଗୁଜରାଟରେ ସୂର୍ଯ୍ୟ ମନ୍ଦିର ଅଛି । ସେତେବେଳେ ମୋଦିଜୀ କହିଥିଲେ ଗୁଜରାଟରେ ଏମିତି ଜିଲ୍ଲା ନାହିଁ, ଯେଉଁଠି ଗୁଜରାଟର ବିକାଶ ପାଇଁ ଓଡ଼ିଆ ଲୋକମାନଙ୍କର ଖୁନ୍-ପସିନା ଲାଗିନାହିଁ । ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଦେଶର ପ୍ରଧାନମନ୍ତ୍ରୀ ହେବା ୧୧ ବର୍ଷ ବିତି ସାରିଲାଣି ।

ଗତ ନିର୍ବାଚନ ପ୍ରଚାର ସମୟରେ ମୋଦିଜୀ



ବାରମ୍ବାର କହୁଥିଲେ, ଓଡ଼ିଶା ଧନୀ, ମାତ୍ର ଓଡ଼ିଆମାନେ ଗରିବ । ବିଗତ ୩୦ ବର୍ଷ ଧରି ମୋର ସାମାଜିକ ରାଜନୈତିକ ଜୀବନରେ ଓଡ଼ିଶା ସଂପଦରେ ଭରପୁର ମାତ୍ର ଲୋକଙ୍କ ଗରିବ ଉପାଖ୍ୟାନ ଶୁଣି ଶୁଣି ଆସୁଛି । ଏବେ ସମୟ ଆସିଛି, ଖୋଦ୍ ମୋଦିଜୀଙ୍କ ମାର୍ଗଦର୍ଶନରେ ସମଗ୍ର ଓଡ଼ିଶାରେ ସାଧାରଣ ଗରିବ ଓଡ଼ିଆ ଲୋକଙ୍କୁ ମଧ୍ୟ ସମାନ ଭାବରେ ଆର୍ଥିକ ଦୃଷ୍ଟିରୁ ମଜଭୁତ କରିବାର ।

ମହାପ୍ରଭୁ ଆମକୁ ଅମାପ ପ୍ରାକୃତିକ ଖଣିଜ ସଂପଦ, ସୁଦୀର୍ଘ ବେଳାଭୂମି, ଜଳ ସଂପଦ, ଜଙ୍ଗଲ ସଂପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଦେଇଛନ୍ତି । ସମୟ ଥିଲା ଆମର ସାଧବ ପୁଅମାନେ ୧୨ ନଇ ୧୩ ସମୁଦ୍ର ଡେଇଁ ବେପାର ବଣିଜ କରୁଥିଲେ । ଓଡ଼ିଶାକୁ ଖାଲି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ଅଛି ।

ଆଜି ମୋଦିଜୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ୧ ବର୍ଷର ବିକାଶ ଏବଂ ୨୦୩୬ ଓ ୨୦୪୭ର ରାଜ୍ୟ ଓ ଦେଶ ବିକାଶର ଚର୍ଚ୍ଚା ହେବ । ଏପରି ସୁନ୍ଦର ମୁହୂର୍ତ୍ତରେ ବିକଶିତ ଓଡ଼ିଶା ପାଇଁ ଆମର ପ୍ରତିଟି ସଂକଳ୍ପ ମୋ ଆଖି ଆଗରେ ନାଚି ଯାଉଛି । ସମୟବଦ୍ଧ ଯୋଜନା ମାଧ୍ୟମରେ ସେ ସବୁକୁ ସଫଳତାର ରୂପ ଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବରେ ମହିଳା, କୃଷକ, ଯୁବକ ଓ ଗରିବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ଆପଣଙ୍କ ପାଖରେ ଦୋହରାଉଛି ।

ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଘରେ ଘରେ ସ୍ୱଚ୍ଛ ଇନ୍ଧନ । ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ । ଥାନା ତଥା ସରକାରୀ ଅଫିସମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ଆମର ମୂଳ ଦାୟିତ୍ୱ । ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରିବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଖାଦ୍ୟ, ଆର୍ଥିକ ସହାୟତା ଓ ମାଗଣା ସରକାରୀ ସେବା ଆମ ଗରିବ କଲ୍ୟାଣ ବିଚାରର ମୂଳ ଆଧାର ।

ନାଗରିକମାନଙ୍କର ବ୍ୟକ୍ତିଗତ ଓ ପରିବାରର ଆବଶ୍ୟକତା ପୂରଣ ଆମର ପ୍ରାଥମିକତା । କିନ୍ତୁ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବାପାଇଁ ପୁଞ୍ଜି ଆକର୍ଷଣ ମାଧ୍ୟମରେ ଶିଳ୍ପାୟନକୁ ଆମେ ପ୍ରଥମ ବର୍ଷରେ ପ୍ରାଥମିକତା ଦେଇଛୁ । ମୋଦି ଗ୍ୟାରେଣ୍ଟି ସହ ଗୋଟିଏ ବର୍ଷରେ ୧୭ ଲକ୍ଷ କୋଟିର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସି ଅନେକ କ୍ରିୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି । କେବଳ ଖଣି ଆଧାରିତ ପ୍ରଗତି ନୁହେଁ, ବରଂ ଆଇଟି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ସେମି କଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ମୁହାଁ ।

ଓଡ଼ିଶାର ତହବିଲକୁ ଅଧିକ ଟଙ୍କା ଆସିବା ପାଇଁ ମୋଦିଜୀ ବାଟ ଖୋଲି ଦେଇଥିଲେ । ଖଣିଜ ସଂପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ୍ ଆକାର ବୃଦ୍ଧି ପଛରେ ଥିଲା ମୋଦି ସରକାରଙ୍କ ଖଣିଜ ନୀତି । ଖଣି ନିଲାମିର ଅର୍ଥ ଏବଂ ଡିଏମ୍‌ଏଫ୍ ପାଣ୍ଠି ଆମ ବଜେଟ୍‌କୁ ବଡ଼ କରିଛି । ଏହା ମୋଦିଜୀଙ୍କ ଯୋଗୁ ସମ୍ଭବପର ହୋଇପାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଆମ ବଜେଟ୍ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ୨୦ ବର୍ଷ ପୂର୍ବେ ପୁରା ରାଜ୍ୟ ବଜେଟ୍‌ର ଆକାର ଯାହା ଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ୍ ଆକାର ସେତିକି ହେଲାଣି ।

ମାତ୍ର ରାଜ୍ୟ ଧନୀ ଏବଂ ଲୋକେ ଗରିବ । ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ । ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରିବମାନଙ୍କୁ କିପରି ବିକାଶ କାମରେ ସାମିଲ କରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁଁ ।

ଆଜି ମୋଦିଜୀଙ୍କୁ ସ୍ୱାଗତ କରିବା ଅବସରରେ ମୋର ପ୍ରିୟ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମୁଁ ଆଶ୍ୱସ୍ତ କରିବାକୁ ଚାହୁଁଛି । ଆମ ସରକାରରେ ମନ୍ତ୍ରୀ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଆପଣଙ୍କ ସୁଖ-ଦୁଃଖର ସାଥି ହୋଇ ରହିବେ । ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସାଧାରଣ ଗରିବଙ୍କ ହିତରେ ରହିବ । ଓଡ଼ିଶା ଧନୀ ମାତ୍ର ଓଡ଼ିଆ ଗରିବ - ଏଥିରୁ ବାହାରି ପ୍ରତି ପରିବାର ପର୍ଯ୍ୟନ୍ତ ରୋଜଗାର ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ହେବ ।

**ଜୟ ଜଗନ୍ନାଥ !**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଜ୍ଞାନ ଇନ୍ଦ୍ରିୟ, କର୍ମ ଇନ୍ଦ୍ରିୟ ଓ ମନ ଇନ୍ଦ୍ରିୟର ଗୁଢ଼ତତ୍ତ୍ୱ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମଣିଷର ମନ ଠିକ୍ ଗୋଳିଆ ପାଣି ପରି । ଏହା ଯେତେବେଳେ ଗୋଳମାଳିଆ ଥାଏ, ତାହାକୁ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବା ଉଚିତ ନୁହଁ । ଏହି ପରିପ୍ରେକ୍ଷୀରେ ମନକୁ କିଛି ସମୟ ବିଶ୍ରାମ ଦେବା ଆବଶ୍ୟକ ଆଉ ଏହା କରିପାରିଲେ ଏହା ଆପେ ସ୍ଥିର ହେବ । ଏହାକୁ ଶାନ୍ତ କରିବା ପାଇଁ ଆଉ ଚେଷ୍ଟା କରିବାକୁ ପଡ଼ିବ ନାହିଁ । ମନ କେବଳ ଶାନ୍ତ ଥିବା ବେଳେ ହିଁ ଭଲ ଭାବେ ବିଚାର କରିହୁଏ ଏବଂ ଉଚିତ ନିଷ୍ପତ୍ତି ନେଇହୁଏ । ଏହି ମନକୁ ନେଇ ଗୋଟେ ସୁନ୍ଦର କଥା ଅଛି ଆଉ ଏହା ଗୌତମ ବୁଦ୍ଧଙ୍କ ଜୀବନ ସହ ସଂପର୍କିତ ଏକ ଘଟନା । ଦଳେ ଅନୁଗାମୀଙ୍କ ସହ ଥରେ ଗୌତମ ବୁଦ୍ଧ ଯାତ୍ରା କରୁଥିଲେ । ପଥରେ ପଡ଼ିଲା ପୁଷ୍କରିଣୀଟିଏ ଆଉ ପଥ-ପ୍ରାନ୍ତରେ ଥିବା ତରୁର ଛାୟା ବୁଦ୍ଧଙ୍କୁ ଆକର୍ଷିତ କଲା ।

ସେ କିଛି କ୍ଷଣ ସେଠାରେ ବିଶ୍ରାମ ନେବାକୁ ଇଚ୍ଛା କଲେ । ପୁଷ୍କରିଣୀରୁ ପାଣି ମୁନ୍ଦିଏ ଆଣିବା ପାଇଁ ଜଣେ ଶିଷ୍ୟଙ୍କୁ କହିଲେ । ଶିଷ୍ୟ ପାଣି ପାଇଁ ପହଞ୍ଚି ଦେଖିଲେ, କିଛି ଲୋକ ସେଠାରେ ସ୍ନାନରେ ବ୍ୟସ୍ତ । ପାଣିର ଅବସ୍ଥା ଦେଖି, ସେ ଖାଲି ହାତରେ ଫେରିଲେ ଏ ବିଷୟ ବୁଦ୍ଧଙ୍କୁ ଜଣାଇଲେ । ବୁଦ୍ଧ କହିଲେ- ବ୍ୟସ୍ତ ହେବାରେ କ'ଣ ଅଛି ? କିଛି ସମୟ ବିଶ୍ରାମ ନିଅ ତାପରେ ଯିବ । ଘଣ୍ଟାକ ପରେ ପୁନର୍ବାର ପାଣି ପାଇଁ ଶିଷ୍ୟଙ୍କୁ ପଠାଇଲେ । ଏଥର ଶିଷ୍ୟ ନିର୍ମଳ ଜଳ ସହ ଫେରିଲେ ଏବଂ ତାହା ପାନକରି, ବୁଦ୍ଧ ତୃଷ୍ଣା ମେଣ୍ଟାଇଲେ । କହିଲେ- ଦେଖିଲ, ଜଳ କିପରି ଆପେ ସ୍ୱଚ୍ଛ ହୋଇଗଲା ? ତୁମକୁ କିଛି କରିବାକୁ ପଡ଼ିଲା ନାହିଁ ! ଠିକ୍ ସେହି ପରି ଆନ୍ଦୋଳିତ ମନ ଆପେ ଶାନ୍ତ ହୋଇଥାଏ । ଏହାକୁ ଶାନ୍ତ କରିବା ପାଇଁ ଆଦୌ ବ୍ୟସ୍ତ ହେବା ଅନାବଶ୍ୟକ ।

ତେବେ ଆସନ୍ତୁ ଜାଣିବା ଏହି ମନ ଉପରେ କେତେକ ଗୁଢ଼ ତତ୍ତ୍ୱ କଥା । ମନୁଷ୍ୟର ପାଞ୍ଚଟି ଜ୍ଞାନ ଇନ୍ଦ୍ରିୟ ଏବଂ ପାଞ୍ଚଟି କର୍ମ ଇନ୍ଦ୍ରିୟ ରହିଛି । ମନ ଏକ ଇନ୍ଦ୍ରିୟ ହୋଇଥିବାରୁ ସର୍ବଦା ଇନ୍ଦ୍ରିୟମାନଙ୍କୁ ସମର୍ଥନ କରେ । ମନ ସଂଯମ ହେଲେ ଇନ୍ଦ୍ରିୟମାନେ ଶୀତଳ ହୋଇଯାଆନ୍ତି । ଶାସ୍ତ୍ରମାନଙ୍କରେ ଇନ୍ଦ୍ରିୟମାନଙ୍କର ରାଜା ହେଉଛି ମନ ଏବଂ ଚିତ୍ତବୃତ୍ତିଗୁଡିକ ହେଉଛନ୍ତି ସେମାନଙ୍କ ନେତା । ଦେଶର ରାଜା ଭଲ ବ୍ୟକ୍ତି ହୋଇଗଲେ ପ୍ରଜାମାନେ ସୁଖଶାନ୍ତିରେ ରହିବେ । ସେଥିପାଇଁ ମନୁଷ୍ୟ ମନକୁ ସଂଯମ କରିବା ନିହାତି ଦରକାର ହୋଇଥାଏ । ଯାହାଫଳରେ ସମଗ୍ର ଶରୀର ସୁସ୍ଥ ରହିଥାଏ । ମନର କାମ ହେଉଛି ତିନୋଟି ପର୍ଯ୍ୟାୟରେ ବିଭକ୍ତ । ତାହା ହେଲା ଇନ୍ଦ୍ରିୟ ଲାଳସା, କାମ ଉତ୍ତେଜନା ଓ ଧନ ସଞ୍ଚୟ ପାଇଁ ସର୍ବଦା ଲାଗିରହେ । ମନର ପ୍ରଥମ କାମ ହେଲା ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ଖାଇବା ପାଇଁ ମନ ସବୁବେଳେ ଆଗ୍ରହ ପ୍ରକାଶ କରେ । ବେଳେବେଳେ ଆବଶ୍ୟକ ଠାରୁ ଅଧିକ ଖାଇ ଶରୀରକୁ ରୋଗୀ କରି ଛଟ-ପଟ ହୁଏ । ମନର ଦ୍ୱିତୀୟ କାମ ହେଲା କାମସେବନ । ମନ କାମସେବନ ପାଇଁ ଇନ୍ଦ୍ର ଭୁବନ ତିଆରି କରେ । ମନୁଷ୍ୟ କାମୁକ ହୋଇଗଲେ ଶରୀର ଦୁର୍ବଳ ହୋଇ ରୋଗ ମାଡ଼ିବସେ । ସେଥିପାଇଁ ରାମକୃଷ୍ଣ ପରମହଂସ କହିଛନ୍ତି ଯୋଗମାର୍ଗରେ ଯାଉଥିବା ସାଧକମାନେ କାମିନୀ ଓ କାଞ୍ଚନ ଠାରୁ ଦୂରେଇ ରହିବା ଉଚିତ । ମନର ତୃତୀୟ କାମ ହେଉଛି ଅଧିକ ଧନ ସଞ୍ଚୟ କରି ବଡ଼ଲୋକିଆ ଦେଖାଇ ଗର୍ବ ଅହଂକାର କରିବା ।

ଆଜିର ପରିସ୍ଥିତିରେ ଅଧିକାଂଶ ଲୋକ ମନ ମୁତାବକ କାମକରି ଦୁଃଖ-କଷ୍ଟ ଭୋଗକରି ରୋଗରେ ପଡ଼ି ଛଟପଟ ହେଉଛନ୍ତି । ମନୁଷ୍ୟ ଶରୀରକୁ ସବୁକିଛି ମନେକରି ଆତ୍ମଜ୍ଞାନ ଭୁଲି ବିପଦରେ ପଡୁଛି । ସେଥିପାଇଁ ମନୁଷ୍ୟ ସାଧନା ମାର୍ଗରେ ଯାଇ ଇନ୍ଦ୍ରିୟ ସଂଯମ କରିବା ଉଚିତ । ଜଣେ ଉତ୍ତମ ବ୍ୟକ୍ତିର ପ୍ରଥମ କାମ ହେଲା ସରଳ, ସୁପାଚ୍ୟ, ସାତ୍ତ୍ୱିକ, ପୋଷଣଯୁକ୍ତ ନିରାମିଷ ଭୋଜନ କରିବା ଉଚିତ । କାରଣ ଅନ୍ନ ଅନୁସାରେ ମନର ଗଠନ ହୋଇଥାଏ । ମନକୁ ସଂଯମ କରିବା ପାଇଁ ଜପ-ଧ୍ୟାନ ଓ ଆସନ-ପ୍ରାଣାୟାମ କରିବାକୁ ପଡ଼େ । ମନ ଏକାଗ୍ର ହୋଇଗଲେ ମନୁଷ୍ୟକୁ ଶାନ୍ତି ମିଳିଥାଏ । ମନ ଅଶାନ୍ତ ରହିଲେ ନର୍କକୁଣ୍ଡରେ ପକାଇ ଛଟପଟ କରିବ । ସବୁକିଛି ହେଉଛି ମନର ଖେଳ । ଦ୍ୱିତୀୟ ଇନ୍ଦ୍ରିୟ ହେଲା ବ୍ରହ୍ମଚର୍ଯ୍ୟ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ପାଳନ ନ କଲେ ସାଧନା ମାର୍ଗରେ ଯାଇ ବିଫଳତା ଲାଭ କରିବ । ମନୁଷ୍ୟ ଯାହା ଭୋଜନ କରେ ଶରୀର ଭିତରେ ରସ, ରକ୍ତ ଓ ହାଡ଼ମାଂସ ତିଆରି ହୋଇ ଶେଷ ୪୦ ଦିନ ପରେ ଶୁକ୍ର ବା ବ୍ରହ୍ମଚର୍ଯ୍ୟ ତିଆରି ହୁଏ । ମନୁଷ୍ୟ ବ୍ରହ୍ମଚର୍ଯ୍ୟ ହେଲେ ମାନସିକ ଶାନ୍ତି ଏବଂ ଶାରୀରିକ ସୁଖ ଅନୁଭବ କରିବ । ମୁଖମଣ୍ଡଳ ତେଜିୟାନ ଦେଖାଯିବ । ଶରୀରରୁ ରୋଗ ଚାଲିଯିବ । ଆତ୍ମବଳ ବଢ଼ି ଯେଉଁ କାମରେ ହାତ ଦେବ ତାହାକୁ ସଫଳ ହେବ ।

ବର୍ତ୍ତମାନ ସମୟରେ ଧନ-ରତ୍ନ ବହୁତ ବଢ଼ିଯାଇଛି ଏବଂ ଅଧିକାଂଶ ଲୋକ ଭଲ ରୋଜଗାର ମଧ୍ୟ କରୁଛନ୍ତି କିନ୍ତୁ ସେମାନଙ୍କୁ ସନ୍ତୋଷ ମିଳୁନାହିଁ । କାରଣ ସେମାନେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ପାଗଳାମିର ଲକ୍ଷଣ ଦେଖାଉଛନ୍ତି । ନିଜକୁ ଅସହାୟ ମନେକରି ଜୀବନ କାଟୁଛନ୍ତି । ମନୁଷ୍ୟର ମସ୍ତିଷ୍କ ହେଉଛି ସବୁଠାରୁ ଶ୍ରେଷ୍ଠ । ଆଜି କେତେକ ଲୋକ ଅପରାଧ ମନୋବୃତ୍ତି ରଖି କାମୁକ ସ୍ୱଭାବର ହୋଇ ଭୟ ଓ ନିରାଶା ଜୀବନ ବିତାଉଛନ୍ତି । ସେଥିପାଇଁ ମନ ଓ ଶରୀରକୁ ପବିତ୍ର କରିବା ଉଚିତ । ସେଥିପାଇଁ କୁହାଯାଏ ମନୁଷ୍ୟର ବୁଦ୍ଧି, ବିବେକ ଓ ଜ୍ଞାନ ଆସିଗଲେ, ସେ ଆତ୍ମସନ୍ତୋଷ ଓ ଜନ ସମ୍ମାନ ଲାଭ କରେ । ଇନ୍ଦ୍ରିୟରୂପୀ ଅଶ୍ୱମାନଙ୍କୁ ଯେଉଁ ଜୀବ ନିଜର ଚଞ୍ଚଳ ମନର ଲଗାମରେ ବାନ୍ଧି ପାରେନା, ସେ ଜୀବର ଜୀବନ ବିକାରଗ୍ରସ୍ତ ହୋଇ ମାୟାରେ ଛନ୍ଦି ହୁଏ । ମାୟାର ପ୍ରଭାବ ଓ ନିଜ ବିକାରଗ୍ରସ୍ତ କର୍ମ ଦ୍ୱାରା ସେ ସଂସାରରେ ଦୁଃଖ ଓ ଅଶାନ୍ତି ଭୋଗ କରେ । ନିଜକୁ କର୍ତ୍ତା ବା ଭୋକ୍ତାର ଅହଂକାର ନେଇ, ନିଜର ହିଁ କ୍ଷତି ସାଧନ କରେ, ଏ ଜଗତରେ ହୁଏ ଘୃଣ୍ୟ, କାରଣ ସେ ହୋଇଯାଏ ସ୍ୱେଚ୍ଛାଚାରୀ, ଗର୍ବୀ, ଅହଙ୍କାରୀ, ବିନାଶ ପଥର ଯାତ୍ରୀ । ସେଥିପାଇଁ ନିଜକୁ ଭୋକ୍ତା ନ କରି ଭୋଗ୍ୟ କରି ଦେବା ଉଚିତ । ଏହା ହୋଇପାରିଲେ ମନରେ ବିରାଜମାନ ହେବ ଶାନ୍ତି, ନିର୍ଭୀକତା, ନିଃସ୍ୱାର୍ଥପରତା, ନିର୍ମଳ ଭାବ ଉତ୍ତମ ବିଚାରବୁଦ୍ଧି, ସର୍ବୋପରି ଧାର୍ମିକ ଚେତନା ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୯୯୩୮୯୦୬୦୭୦

## ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି...

ଜନତା ମୈଦାନରେ ବିଶାଳ ରୋଡ ଶୋ ହେବ। ପାଖା ପାଖି ଲକ୍ଷ ଜନସମାଗମ ହେବାର ଆଶା ରଖାଯାଇଛି। ବିମାନବନ୍ଦରରୁ ଜନତା ମୈଦାନ ଭିତରେ ୨୮ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ। ଜନତା ମୈଦାନରେ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ କାର୍ଡ ବାଣ୍ଟିବା ସହ ମୁଖ୍ୟମନ୍ତ୍ରୀ ଅନ୍ତୋଦୟରେ ଘର ବାଣ୍ଟିବେ। ଏତଦବ୍ୟତୀତ ଲକ୍ଷପତି ଦିଦିମାନେ ମଧ୍ୟ ସାକ୍ଷାତ କରିବେ। ପ୍ରଧାନମନ୍ତ୍ରୀ ଉଦଘାଟନ ଓ ଶିଳାନ୍ୟାସ କରିବା ପ୍ରକଳ୍ପ ମଧ୍ୟରେ ପାନୀୟ ଜଳ, ଜଳସେଚନ, କୃଷି ଭିତ୍ତିଭୂମି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ରାସ୍ତା ଓ ସେତୁ, ଜାତୀୟ ରାଜପଥ ରହିଛି। ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରଧାନମନ୍ତ୍ରୀ ପ୍ରକାଶ କରିବେ। ୨୦୪୭ ର ଐତିହାସିକ ବର୍ଷଗୁଡ଼ିକ ଉପରେ ଆଧାରିତ ଦୃଷ୍ଟିକୋଣ ଓ ମହତ୍ୱାକାଂକ୍ଷୀ ଓ ଭବିଷ୍ୟତ ନିମନ୍ତେ ରୋଡମ୍ୟାପର ରୂପରେଖ ପ୍ରସ୍ତୁତ କରିବେ। ବିଶିଷ୍ଟ ଓଡ଼ିଆମାନଙ୍କ ଅବଦାନକୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ନବପ୍ରଣୀତ ଐତିହ୍ୟ ଗ୍ରାମ୍ୟ ଯୋଜନା ପଦକ୍ଷେପ ଆରମ୍ଭ କରିବେ। ଏହା ସାଂସ୍କୃତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଐତିହ୍ୟକୁ ସମ୍ମାନିତ କରିବ। ସାର୍ବଜନିନ ସ୍ଥାନ ମାଧ୍ୟମରେ ମହାପୁରୁଷଙ୍କ ଜନ୍ମ ସ୍ଥାନକୁ ଜୀବନ୍ତ ସ୍ମାରକୀରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି। ରେଳବାଇ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ୧୩୩୭ କୋଟି ବ୍ୟୟରେ ନିର୍ମିତ ସୋନପୁର-ପୁରୁଣା କଟକ ନୂତନ ରେଳପଥର ଉଦଘାଟନ କରିବେ। ସୋନପୁର-ପୁରୁଣା କଟକ ଷ୍ଟେସନରେ ପ୍ରଥମଥର ଲାଗି ବୌଦ୍ଧ ଜିଲ୍ଲା ମୁଖ୍ୟାଳୟରେ ରେଳ ନେଟୱାର୍କ ପହଞ୍ଚିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ବଲପୁର-ସାରଳା ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଧାରଣାର ଶିଳାନ୍ୟାସ କରିବେ। ଓଡ଼ିଶାବାସୀଙ୍କ ପାଇଁ ନୂତନ ରେଳସେବାର ଶୁଭାରମ୍ଭ କରାଯିବ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ୧୩୩ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହେବା ସହ ୫୦୦ରୁ ଅଧିକ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ। ୨୦ ଅତିରିକ୍ତ ଡିସିପି, ଆଇଜି ଓ ଆଡିସନାଲ ଡିଜି ଅଫିସର ଦାୟିତ୍ୱରେ ଅଛନ୍ତି। ଏୟାର ପୋର୍ଟରୁ ଜନତା ମୈଦାନ ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥା, ଭିଡ ପରିଚାଳନା ଆତଙ୍କବାଦ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ବ୍ୟବସ୍ଥା ହୋଇଛି। ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିସମ ଓ ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି। ଟ୍ରାଫିକ୍ ମାର୍ଗଦର୍ଶିକା ମଧ୍ୟ ଜାରି କରାଯିବା ସହ ରୋକ ଲଗାଯାଇଛି। ଆସନ୍ତାକାଲି ଅପରାହ୍ନ ୩.୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ୪.୧୫ରେ ଜନତା ମୈଦାନରେ ପହଞ୍ଚି ଶିଳାନ୍ୟାସ ଏବଂ ଲୋକାର୍ପଣ ସହ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବେ।

### ତ୍ରୁଟିଶୂନ୍ୟ...

ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହବିଭାଗ ଏସସିଏସ୍ ସତ୍ୟବ୍ରତ ସାହୁ, ଡିଜିପି ୱାଇବି ଖୁରାନିଆ, ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଅନ୍ୟ ବରିଷ୍ଠ ମାନେ ଉପସ୍ଥିତ ଥିଲେ।

### ସତର୍କ...

ରାସ୍ତାକଡ ଦୋକାନ, ଢାବାର ଖାଦ୍ୟ ପରୀକ୍ଷା ଓ ଚଢ଼ାଉ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ମନ୍ତ୍ରୀ ଡକଟର ଶ୍ରୀ ମହାଲିଙ୍ଗ ରାଜ୍ୟର ୬ଟି ଜିଲ୍ଲାର ଡାଇରିଆ ମୁକାବିଲାର ସ୍ଥିତି ଓ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ପାନୀୟ ଜଳ ସ୍ରୋତଗୁଡ଼ିକର ବିଶୋଧନ, ତୃଣମୂଳସ୍ତରରୁ ଡାକ୍ତରଖାନା ମଧ୍ୟରେ ସମନ୍ୱୟ ରକ୍ଷା କରି ଚିକିତ୍ସା ସେବା ଯୋଗାଇବା, ପରିମଳ ବ୍ୟବସ୍ଥା, ଖାଦ୍ୟ ନିରାପତ୍ତା, ସଂକ୍ରମିତ ଜଳଉତ୍ସ ଚିହ୍ନଟ ଓ ବିଭାଗୀୟ ସମନ୍ୱୟ ବିଷୟରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହ ଡାଇରିଆ ଜନିତ ଜନସଚେତନତା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ସୂଚନା, ଶିକ୍ଷା, ସଞ୍ଚାର ମାଧ୍ୟମରେ ଫୁଟା ପାଣି ପିଇବା, ହାଲୋଜେନ ବଟିକା ପକାଇ ଅଧଘଣ୍ଟା ପରେ ପିଇବା ପାଣି ବ୍ୟବହାର, ଖାଦ୍ୟ ପ୍ରସ୍ତୁତି ଓ ଖାଇବା ପୂର୍ବରୁ ଏବଂ ଶୌଚ ହେବା ପରେ ସାବୁନରେ ଭଲଭାବେ ହାତ ଧୋଇବା, ଝାଡାବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆର୍ଏସ୍ ଦ୍ରବଣ ପିଇବା ଓ ବିଳମ୍ବ ନକରି ଡାକ୍ତରଖାନା ଯିବା ଆଦି ବିଷୟରେ ଲୋକଙ୍କୁ ତୃଣମୂଳସ୍ତରରୁ ଅବଗତ କରାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଗୁରୁବାର କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲାର ତିନୋଟି କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ମିଳିତ ବିଶେଷଜ୍ଞ ଦଳ ପହଞ୍ଚି ଡାଇରିଆ ମୁକାବିଲାର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଛନ୍ତି। ଯାଜପୁର ଜିଲ୍ଲା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକଟର ନୀଳକଣ୍ଠ ମିଶ୍ର, କେନ୍ଦ୍ରୀୟ ଟିମର ଡକଟର ଏନ ସୋମାଲକର ଓ ଭାରତୀୟ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ନିର୍ଦ୍ଦେଶକ ଡକଟର ଗୀତାଞ୍ଜାଳୀ ରହିଛନ୍ତି। କଟକ ଜିଲ୍ଲା ପାଇଁ କେନ୍ଦ୍ରୀୟ ଟିମର ଡକଟର ବି ଦ୍ୱିବେଦୀ ଓ ଡକଟର ଏସ ମହାନ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ(ଜନସ୍ୱାସ୍ଥ୍ୟ ) ସଦସ୍ୟ ଭାବରେ ରହିଛନ୍ତି। ଭଦ୍ରକ ଜିଲ୍ଲାରେ ଡକଟର ପି ଘୋଷ ଓ ଡକଟର ଜି ଚୌଧୁରୀ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶକ ଡକଟର ଶୁଭାଶିଷ ମହାନ୍ତି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଟିମ ମାନେ ସମ୍ପୃକ୍ତ ଜିଲ୍ଲାମାନଙ୍କରେ ଡାଇରିଆ ମୁକାବିଲା ଓ ନିରାକରଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଅନୁଧ୍ୟାନ କରିଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ଏହି ମିଳିତ ବିଶେଷଜ୍ଞ ଟିମଗୁଡିକ ସମ୍ପୃକ୍ତ ଜିଲ୍ଲାରେ ଗତକାଲି ଗଠନ ହୋଇଥିବା କୋର କମିଟି ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ କହିଥିଲେ, ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସ୍ଏଚ୍‌ଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯାନ ଆସନ୍ତା ୮ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ମହିଳା ଏସଏଚଜି ସଦସ୍ୟା ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବେ। ସେମାନେ ସଚେତନତା ସମ୍ବନ୍ଧୀୟ ଆଇଇସି ସାମଗ୍ରୀ ବଣ୍ଟନ କରିବେ ଏବଂ ଗ୍ରାମର ପ୍ରମୁଖ ସ୍ଥାନରେ ବୈଠକ ଆୟୋଜନ କରି ପରିମଳ ଓ ସ୍ୱଚ୍ଛତା ବାର୍ତ୍ତା ସହ ଡାଇରିଆ ବିଷୟରେ ଆବଶ୍ୟକୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ।

ରାଜ୍ୟରେ ସମସ୍ତ ପାନୀୟ ଜଳ ସ୍ରୋତକୁ ପରୀକ୍ଷା କରାଯାଉଛି। ଯେଉଁ ସ୍ରୋତରେ ବାରମ୍ବାର ସଂକ୍ରମଣ ରହୁଛି, ସେଭଳି କୂଅ ଓ ନଳକୂଅକୁ ସିଲ୍ କରି ଦିଆଯାଉଛି। ଗ୍ରାମାଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶା ଓ ଅଙ୍ଗନବାଡି ଦିଦିମାନେ ଜଳ ବିଶୋଧନ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଆଗାମୀ ରଥଯାତ୍ରାକୁ ଧ୍ୟାନରେ ରଖି ପୁରୀ ମ୍ୟୁନିସିପାଲିଟି ଅଞ୍ଚଳ ଏବଂ ଓ୍ୱାଟକୋ ଅଧିନସ୍ଥ ନିମାପଡ଼ା, ପିପିଲି ଓ କୋଣାର୍କ ପରି ନିକଟସ୍ଥ ପୌର ପରିଷଦଗୁଡ଼ିକରେ ହଇଜା ନିୟନ୍ତ୍ରଣ ନିମନ୍ତେ ଓ୍ୱାଟକୋ ନିର୍ଦ୍ଦେଶକଙ୍କୁ ପୁରୀଠାରେ ଅବସ୍ଥାପିତ କରାଯାଇଛି।

ଏଭଳି ପରିସ୍ଥିତିରେ ସମସ୍ତ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଲୋକଙ୍କ ସେବାରେ ସଦାସର୍ବଦା ସମର୍ପିତ ରହିବାକୁ କୁହାଯାଇଛି। ଆକ୍ରାନ୍ତ ଦିବ୍ୟାଙ୍ଗ, ଶିଶୁ, ମହିଳା ଓ ବରିଷ୍ଠ ନାଗରିକଙ୍କ ଚିକିତ୍ସା ପ୍ରତି ସ୍ୱତନ୍ତ୍ର ରୂପେ ଯନିବାନ ହେବାକୁ ପରାମର୍ଶ ଦିଆଯାଇଛି। ସରକାର ସବୁ ଦିଗରୁ ଏହି ପରିସ୍ଥିତିର ମୁକାବିଲା ଓ ଲୋକଙ୍କ ନିରାପଦ ସ୍ୱାସ୍ଥ୍ୟ ପ୍ରତି ସମର୍ପିତ ଥିବା ନେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ। ରାଜ୍ୟସାରା ଖାଦ୍ୟ ନିରାପତ୍ତା ଓ ଜଳ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

### ସୁରକ୍ଷିତ...

ପୂର୍ବାହ୍ନରେ ଉପ ମୁଖ୍ୟମନ୍ତ୍ରୀ ତଥା ରଥଯାତ୍ରା ଉଚ୍ଚ ସ୍ତରୀୟ ମନ୍ତ୍ରୀ କମିଟିର ଅଧ୍ୟକ୍ଷ ପ୍ରଭାତୀ ପରିଡା ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଷଦ ଭାବେ ଅବଗତ କରାଇଥିଲେ। ଏହା ପରେ ସମସ୍ତ ମନ୍ତ୍ରୀମାନଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥ ଖଳା ପରିଦର୍ଶନ କରି ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହ ଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥି ମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନିତୀ କାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନିତୀ ସମ୍ପର୍ଣ୍ଣ ପାଇଁ ସେବାୟତ ମାନଙ୍କ ସହ ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା ମହାପାତ୍ର ସ୍ୱଚ୍ଛତା, ଡ୍ରେନ ସଫା,ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ,୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ଉଚ୍ଚ ସ୍ତରୀୟ ମନ୍ତ୍ରୀ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ। ଅପରାହ୍ନରେ ସର୍କିଟ ହାଉସ ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥା କୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ର ଗୁଡିକ ସଠିକ ପରିଚାଳନା କରିବା, ଯାତ୍ରୀ ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା,ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରା ର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ବିଷଦ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ସେହିପରି ଅନ୍ୟାନ୍ୟ କାର୍ଯ୍ୟକୁ ପ୍ରଶାସନ ତ୍ୱରାନ୍ୱିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ମହାପ୍ରଭୁ ନିଜେ କରାନ୍ତି। ଆମେ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ରେ ଚଳିତ ରଥଯାତ୍ରା ଶୃଙ୍ଖଳିତ ହେବ ଓ ସମସ୍ତ ଶ୍ରଦ୍ଧାଳୁ ମାନେ ଅତିଥି ଦେବୋ ଭବର ପରମ୍ପରା ରେ ଏକ ସୁଖଦ ଅନୁଭୂତି ନେଇ ଘରକୁ ଫେରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି ସମୀକ୍ଷାରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ,କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

### ଦୁର୍ଘଟଣାଗ୍ରସ୍ତ...

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗସ୍ତ ହୋଇଥିଲା। ଦୁର୍ଘଟଣାର ୨୮ ଘଣ୍ଟା ପରେ ଏହି ବ୍ଲକବକ୍ସ ମିଳିଥିଲା। ଏଥିରେ ଥିବା ସିଭିଆର୍ ୨୫ ଘଣ୍ଟା ଯାଏ କକପିଟରେ ହୋଇଥିବା ବାର୍ତ୍ତାଲୋପ ଶବ୍ଦ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ହୋଇଥିବା ରେଡ଼ିଓ କଲ୍ ରେକର୍ଡ କରିଥାଏ। ଦୁଇଘଣ୍ଟା ପର୍ଯ୍ୟନ୍ତ ବାର୍ତ୍ତାଳାପ ରେକର୍ଡ କରିବାର ଦକ୍ଷତା ରହିଛି। ସେହିଭଳି ଏଫ୍‌ଡିଆରରେ ବାୟୁର ବେଗ, ଭର୍ଟିକାଲ୍ ଆକ୍ସିଲେରେସନ୍, ସର୍ଫେସ ମୁଭମେଣ୍ଟ ଆଦି ରେକର୍ଡ ହୋଇଥାଏ। ବେସାମରିକ ବିମାନ ମନ୍ତ୍ରଣାଳୟ ଅନୁଯାୟୀ ୧ଟା ୩୯ ମିନିଟରେ ବିମାନଟି ଜୁନ୍ ୧୨ରେ ଉଡାଣ ଭରିଥିଲା। ୬୦୦ଫୁଟ ଉପରକୁ ଯିବାପରେ ଇଞ୍ଜିନରୁ ଶକ୍ତି ନ ମିଳିବାରୁ ଏହା ଖସିବା ଆରମ୍ଭ କରିଥିଲା। ୩୬ ସେକେଣ୍ଡ ମଧ୍ୟରେ ଏଭଳି ଘଟଣା ଘଟିଯାଇଥିଲା। ଅହମ୍ମଦାବାଦ ଏଟିସି ପକ୍ଷରୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ରେଡିଓ ସାଇଲେନ୍ସ ରହିଥିଲା। ଏହାପରେ ବିମାନଟି ବିମାନବନ୍ଦର ନିକଟରେ ଥିବା ବିଜେ ମେଡିକାଲ କଲେଜ ହଷ୍ଟେଲରେ ମାଡ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ପୂର୍ବତନ...

ଦିଆଯାଉନଥିଲା। ତେବେ ଯାଞ୍ଚବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏହି ଖୋଳତାଡ ନ୍ୟୁନତମ ୩ ଦିନ ଲାଗି ରହିବ ବୋଲି ଆଶଙ୍କା କରାଯାଉଛି। ଅନ୍ୟପଟେ ନବ ଦାସଙ୍କ କୋଇଲା ଓ ପାର୍କିଂ କାରବାର ରହିଛି। କୋଟିକୋଟି ଟଙ୍କାର କାରବାର ହେଉଥିବା ବେଳେ ଅନେକ ବ୍ୟବସାୟିକ ସହଯୋଗୀ ଅଛନ୍ତି। ଏଭଳିସ୍ଥଳେ ସୁରଗଡରେ ସଞ୍ଜୟ ନନ୍ଦଙ୍କ ଘର ଓ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ମଧ୍ୟ ଚଢଉ କରାଯାଉଥିବା ସୂଚନା ମିଳିଛି।

ଚଳିତବର୍ଷ ନବ ଦାସଙ୍କ ଭାଇ ବ୍ରଜ ଦାସଙ୍କ ସମ୍ବଲପୁର ଘରେ ଆୟକର ବିଭାଗ ପକ୍ଷରୁ ପୂର୍ବରୁ ଚଢଉ କରାଯାଇଥିଲା। ଭୁବନେଶ୍ୱର ଓ ଛତିଶଗଡରେ ଟିମ୍ ଆସି ଚଢଉ କରିଥିଲେ। ତେବେ ଚଢଉ ବେଳେ ବ୍ରଜଙ୍କ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଏକାଧିକ ବିଳାସପୂର୍ଣ୍ଣ କାର ମିଳିଥିଲା। ଏହାର କିଛି ମାସ ପରେ ସ୍ୱର୍ଗତ ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଲି ଦାସ ଓ ଭାଇ ବିଶାଳ ଦାସଙ୍କ ପିଏ ଆଶିଷ ଦାସଙ୍କ ଘରେ ମଧ୍ୟ ଆୟକର ବିଭାଗ ଚଢଉ କରିଥିଲା। ଏଥିସହ ଆୟକର ବିଭାଗର ଅଧିକାରୀ ମାନେ ବିଶାଳ ଦାସଙ୍କୁ ଝାରସୁଗୁଡାର ଏକ ହୋଟେଲରେ ଦୀର୍ଘ ୪ଘଣ୍ଟା କାଳ ଜେରା କରିଥିଲେ। ୨୦୨୧ରୁ ୨୦୨୩ ମଧ୍ୟରେ କାଗଜପତ୍ରରେ ନାମକୁ ମାତ୍ର ୧୧ଟି କମ୍ପାନୀ ଖୋଲି କୋଟିକୋଟି ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗର ଆୟକର ବିଭାଗ ଚଢଉ ବେଳେ ଯାଞ୍ଚ କରୁଥିବା ଜଣାପଡିଛି। ତେବେ ଠକେଇର ଚେର ବହୁ ଲମ୍ବା ହୋଇଥିବାରୁ ଏହି ଚଢଉ ଜାରି ରହିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

## ଜିଲ୍ଲାର ୨୩ କନଷ୍ଟେବଲଙ୍କୁ ପଦୋନ୍ନତି

ଭଣ୍ଡାରିପୋଖରୀ, (ସବ୍ୟ) : ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ୨୩ କନେଷ୍ଟବଲଙ୍କୁ ସହକାରୀ ସବଇନିସପେକ୍ଟରଙ୍କ ପଦବୀକୁ ପଦୋନ୍ନତି ମିଳିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୧୬ ତାରିଖରେ ପ୍ରକାଶିତ ୮୧୭ ନଂ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଥାନା ଓ ଅନ୍ୟାନ୍ୟ ଦପ୍ତରରେ କାର୍ଯ୍ୟରତ କନେଷ୍ଟବଲଙ୍କୁ ଏତିପାଇଁ ଗୁରୁବାର ମେଡିକାଲ ପରୀକ୍ଷାର ସମ୍ମୁଖିନ ପାଇଁ ଆଦେଶ ହୋଇଛି। ପଦୋନ୍ନତି ପାଇଥିବା କନେଷ୍ଟବଲମାନେ ହେଲେ ତୁଷାରକାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭୁରଞ୍ଜନ ନାୟକ, ଶିବାନନ୍ଦ ନାୟକ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଶ୍ରଦ୍ଧାଞ୍ଜଳୀ ରାଉତ, ସ୍ମୃତିରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ପରିଡା, ନିଶିକାନ୍ତ ବାରିକ, ଅଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ମହାରଣା, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ତ୍ରୈଲୋଚନ ଭୋଇ, ମିତାସ୍ମୀତା ପରିଡା, ଚନ୍ଦନ କୁମାର ନାୟକ, ନିରାକାର ବିଶ୍ୱାଳ, ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ମଲ୍ଲିକ, ବଟକୃଷ୍ଣ ନାୟକ, ସୁରେଶ ଚନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ମଲ୍ଲିକ ଓ ରଞ୍ଜନ କୁମାର ସ୍ୱାଇଁ। ଏହି ପଦୋନ୍ନତି ପାଇଁ ଅନିଚ୍ଛୁକ କନେଷ୍ଟବଲମାନେ ମଙ୍ଗଳବାର ସୁଦ୍ଧା ବିଧିବଦ୍ଧ ଭାବେ ଜଣାଇବାକୁ ମଧ୍ୟ ବିଜ୍ଞପ୍ତିରେ କୁହାଯାଇଛି।

## ନିଟ୍‌ରେ ସଫଳତା ପାଇଲେ ଭୋଗରାଇର ୪ ଛାତ୍ରଛାତ୍ରୀ

ଭୋଗରାଇ, (ସବ୍ୟ) : ସର୍ବଭାରତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍‌ୟୁଜିରେ ବାଲେଶ୍ୱରଜିଲ୍ଲା ଭୋଗରାଇ ବ୍ଲକର ୪ ଛାତ୍ରୀଛାତ୍ର ସଫଳତା ହାସଲ କରିଥିବାର ସୂଚନା ମିଳିଛି। ଏହି ବ୍ଲକ ଗୋବିନ୍ଦପୁର ଗ୍ରାମର ସଙ୍ଗୀତା ବାରିକ ଓ ଅଶ୍ୱନୀ ବାରିକଙ୍କ କନ୍ୟା ମୋନାଲିସା ବାରିକ ୭୨୦ ମାର୍କରୁ ୫୬୨ ମାର୍କ ପାଇଥିବାବେଳେ, ଗୋପାଳପୁର ଗ୍ରାମର ନମିତାପାତ୍ର ଓ ଅଜୟ ପାତ୍ରଙ୍କ ପୁଅ ଅଭିନବ ପାତ୍ର ୫ ୫୪ ମାର୍କ , ଚଣ୍ଡୀପୁର ଗ୍ରାମର ସବିତା ସେନାପତି ଓ ଅଧୀର ସେନାପତିଙ୍କ ପୁଅ ମନୋଜ ସେନାପତି ୫୮୫ ମାର୍କ ଏବଂ ସୁନ୍ଦରଆଡି ଗ୍ରାମର ଅନ୍ନପୂର୍ଣ୍ଣା ଗିରି ଓ ଶଶାଙ୍କ ଶେଖର ଗିରିଙ୍କ ପୁଅ କହ୍ନାଇ ଚରଣ ଗିରି ୫୭୦ ମାର୍କ ରଖି ନିଟ ରେ କୃତିତ୍ୱ ହାସଲ କରିବା ସହିତ ଡାକ୍ତରୀ ପଢିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି କ୍ଷମେଧାବୀ ୪ ଛାତ୍ରୀଛାତ୍ରଙ୍କ ସଫଳତା ନିମନ୍ତେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସହିତ ବହୁ ଶିକ୍ଷାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

## ଭାରତରେ ୧୦୦ ନିୟୁତ ମଧୁମେହ ରୋଗୀ ଅଛନ୍ତି

ମୁମ୍ବାଇ: ନାଗା ସାଧୁମାନେ 'ନାଗା ଫେଟ୍ ଆଇ ଟେଷ୍ଟ' ମାଧ୍ୟମରେ ଭାରତ ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଛନ୍ତି। ଏହି ସାର୍ବଜନୀନ ସ୍ୱାସ୍ଥ୍ୟ ଉଦ୍ୟମକୁ କେନ୍ସ ଲାୟନ୍ସ ଇଂଟରନ୍ୟାସନାଲ ଫେଷ୍ଟିଭାଲ ଅଫ୍ କ୍ରିଏଟିଭିଟି୨୦୨୫ରେ ସ୍ୱାସ୍ଥ୍ୟ ଏବଂ ଓ୍ୱେଲନେସ ବର୍ଗରେ ସିଲଭର ଲାୟନ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅଭିଯାନଗୋଦରେଜ କଂଜ୍ୟୁମର ପ୍ରଡକଟସ ଲିମିଟେଡ୍ (ଜିସିପିଏଲ) ଏବଂ ଆଇବେଟେସ୍ ଫାଉଣ୍ଡେସନର ମିଳିତ ସହଯୋଗରେଆୟୋଜନ କରାଯାଇଥିଲା, ଯେଉଁଥିରେ ମଧୁମେହ ଏବଂ ପ୍ରତିରୋଧଯୋଗ୍ୟ ଅନ୍ଧତ୍ୱ ବିଷୟରେ ସଚେତନତା ସୃଷ୍ଟିକରାଯାଇଥିଲା। ଭାରତରେ ପ୍ରାୟ ୧୦୦ ନିୟୁତ ମଧୁମେହ ରୋଗୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୬୦%ରୁ ଅଧିକ ରୋଗୀ ଚିହ୍ନଟହୋଇନାହାଁନ୍ତି। ମଧୁମେହ ମଧ୍ୟ ପ୍ରତିରୋଧଯୋଗ୍ୟ ଅନ୍ଧତ୍ୱର ମୁଖ୍ୟ କାରଣ। ଜିସିପିଏଲର ନିଜସ୍ୱ କ୍ରିଏଟିଭ୍ ଷ୍ଟୁଡିଓଗୋଦରେଜ କ୍ରିଏଟିଭ୍ ଲ୍ୟାବ୍ ଦ୍ୱାରା ପରିକଳ୍ପନା କରାଯାଇଥିବା 'ନାଗା ଫେଟ ଆଇ ଟେଷ୍ଟ' ଏହି ସମସ୍ୟାକୁ ଏକସାହସିକ ଏବଂ ସାଂସ୍କୃତିକ ଆଧାର ଉପରେ ଅବସ୍ଥାପିତ କରିଛି। ନାଗା ସାଧୁଙ୍କ ଆଧ୍ୟାତ୍ମିକ ପ୍ରଭାବ ଏବଂ ଦୃଶ୍ୟମାନ୍ୟତାକୁ ଉପଯୋଗ କରି ସେମାନଙ୍କ ପିଠିରେ ବଡ଼ ବଡ଼ ଦେବନାଗରୀଲିପିରେ ହିନ୍ଦୀ ଭାଷାରେ ଲେଖା ଯାଇ ସେମାନଙ୍କୁ ଚକ୍ଷୁପରୀକ୍ଷା ଚାର୍ଟ ଭାବେ ବ୍ୟବହାର କରାଯାଇଥିଲା। ଯେଉଁମାନେ ସେହି ଭାଷା ପଢ଼ିବାରେ ସକ୍ଷମ ନ ଥିଲେ ସେମାନଙ୍କୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିରକୁ ନିଆଯାଉଥିଲା। ଉତ୍ତରପ୍ରଦେଶର ପ୍ରୟାଗରାଜରେ ଅନୁଷ୍ଠିତ ହୋଇଥିବା ମହାକୁମ୍ଭ ମେଳା ୨୦୨୫ର ତ୍ରିବେଣୀ ସଂଗମ ସ୍ଥଳରେ ଏହି କାର୍ଯ୍ୟକ୍ରମଆୟୋଜନ କରାଯାଇଥିଲା। ଗୋଦରେଜ କ୍ରିଏଟିଭ୍ ଲ୍ୟାବର ଗ୍ଲୋବାଲ୍ ହେଡ୍ ସ୍ୱାତୀ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, "ସବୁଠାରୁ ଜଟିଳ ମାନସିକସମସ୍ୟାର ସରଳ ସମାଧାନ ହୋଇପାରେ। ନାଗା ସାଧୁ ସମ୍ପ୍ରଦାୟ ଆମକୁ 'ହଁ' କହିବା ଆମର ପ୍ରଥମ ବିଜୟ ଥିଲା। ଏହିବିଜୟ ବର୍ତ୍ତମାନ ଆଇବେଟେସ୍ ଫାଉଣ୍ଡେସନ ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେଇଛି। ଆମର ଧାରଣା ବିଶ୍ୱର ସବୁଠାରୁବଡ଼ ଆଧ୍ୟାତ୍ମିକଉତ୍ସବକୁବିଶ୍ୱରସବୁଠାରୁ ବଡ଼ ସୃଜନଶୀଳ ଉତ୍ସବକୁ ଯାଇଛି" ଆଇବେଟେସ୍ ଫାଉଣ୍ଡେସନର ପ୍ରତିଷ୍ଠାତା ଡକ୍ଟର ନିଶାନ୍ତ କୁମାର କହିଛନ୍ତି ଯେ, "ମଧୁମେହ ଯୋଗୁଁ ହେଉଥିବା ପ୍ରତିରୋଧଯୋଗ୍ୟ ଅନ୍ଧତ୍ୱ ଦୂର କରିବା ମୋ ହୃଦୟର ଲକ୍ଷ୍ୟ। ମହା କୁମ୍ଭ ମେଳା ୨୦୨୫ରେ ନାଗା ଫେଟ୍ ଆଇ ଟେଷ୍ଟ ଅଭିଯାନ ୬୦ କୋଟି ଲୋକଙ୍କ ନିକଟରେ ପହଂଚିଥିଲାଏବଂ ୪ ଲକ୍ଷ ଲୋକଙ୍କ ଆଖିର ଯନି ନିଆଯାଇଥିଲା।

## ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର ପାଇବେ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ବାଲେଶ୍ୱର, (ସବ୍ୟ) : କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରା ଯାଉଥିବା ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର ୨୦୨୫ ପାଇଁ କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ଜନ୍ମ ୧୯୮୨)ପାଇବେ ବୋଲି ସ୍ମୃତି କମିଟି ପକ୍ଷରୁ ଆଜି ଏକ ପ୍ରେସ୍ ବିବୃତିରେ ଘୋଷଣା କରାଯାଇଛି। ବାଲେଶ୍ୱରର ବିଶିଷ୍ଟ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ନିମନ୍ତେ ଗଠିତ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ୨୦୧୭ରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ଅବସରରେ ପ୍ରତିବର୍ଷ ୪୫ ରୁ ୫୦ ବର୍ଷ ବୟସ ସୀମା ମଧ୍ୟରେ ଜଣେ ଓଡ଼ିଆ କବିଙ୍କୁ ଚୟନ କରାଯାଇ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ପାଇଁ ମନୋନୀତ ହୋଇଥିବା କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ୮ଟି କବିତା ପୁସ୍ତକ ଓ ଗୋଟିଏ ପତ୍ର ଉପନ୍ୟାସର ସ୍ରଷ୍ଟା ହୋଇଥିବା ବେଳେ ଓଡ଼ିଆ କବିତା କ୍ଷେତ୍ରରେ ସେ ବେଶ୍ ପରିଚିତ ଏବଂ ନିରବଚ୍ଛିନ୍ନ ଭାବେ କବିତା ସର୍ଜନାରେ ସକ୍ରିୟ ଅଛନ୍ତି। ସ୍ମୃତି କମିଟି ପକ୍ଷରୁ ଆଗାମୀ ଜୁଲାଇ ୫ ତାରିଖ ରବିବାର ସଂଧ୍ୟା ୬ ଘଟିକାରେ ଷ୍ଟେସନ କ୍ଲବ ସଭାଗୃହରେ ଆୟୋଜିତ ହେଉଥିବା ୯ମ ବାର୍ଷିକ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ବିଜୟୀ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ଅର୍ପଣ କରି ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଏବଂ ଉତ୍ପଳ ମହାନ୍ତି ଜଣାଇଛନ୍ତି। ଏହି ସ୍ମୃତି ଉତ୍ସବରେ ବିଶିଷ୍ଟ କବି ବିପିନ ନାୟକ ଏବଂ ସୁଖ୍ୟାତ କବି କେ.ଶ୍ୟାମବାବୁ ଦୋରା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅଧ୍ୟକ୍ଷତା କରିବେ ସଭାପତି ସୁବାସ ଚନ୍ଦ୍ର ପାତ୍ର।

**AFFIDAVIT**

I, RASMI RANJAN SAHOO, S/O Chaitanya Charan Sahoo, R/O Madhusudan Nagar, Near Shastrijee Club, Tulsipur, Cuttack, Odisha-753008, Declare By This Affidavit Sl.No.94, Dtd.- 18-Jun-2025, That Now Onwards I Shall Be Known As RASHMI RANJAN SAHOO For All Future Purposes.

**PARADIP PORT AUTHORITY**
**e-TENDER CALL NOTICE NO:- EM/PED-19/2025**
NO.EM/PED/TECH-41/2024/525 dt. 13.06.2025
Name of the work "Construction of RCC cable trench, supply and laying of HT Cable for Crude Oil Import Terminal of M/s Numaligarh Refinery Limited". Estimated cost: Rs.8,86,35,164.62/- excluding GST. Last date & time of submission of bid: dt.15/07/2025 Up to 18:00 hrs. Refer our website for details https://eprocure.gov.in/eprocure/app.
Sd/- Executive Engineer (E)
(Port Electrical Division-II)
PPA/PR/17/2025-2026 dtd.18.06.2025

**AFFIDAVIT**

I, BHAGWAN SINGH, S/O-GOLAP CHANDRA SINGH, PLOT NO-48, NETAJI SUVASH CHHAK, PARADEEP, JAGATSINGHPUR-754142, ODISHA DECLARE BY THIS AFFIDAVIT NO-14595,dt 18.06.2025 THAT MY PASSPORT MY FATHERS NAME PRINTED AS GOLAP CHANDRA SINGH AND MY MOTHERS NAME SWOMATI DEVI NOW I APPLY TO REISSUE PASSPORT AND I LIKE TO KEEP REMAIN MY FATHERS NAME AND MOTHERS NAME AS IT WAS PRINTED MY PASSPORT. THAT NOW ONWARDS I SHALL BE KNOWN AS BHAGWAN SINGH SON OF GOLAP CHANDRA SINGH AND MOTHERS NAME SWOMATI DEVI FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before The Executive Magistrate Cuttack, dated 12.06.2025 I, Sonali Prusty, d/o- Charan Malik, W/o-Prasanna Prusty, vill-Gokulpur, P.O/P.S-Tangi, Dist-Cuttack, Pin - 754022, Odisha declare that I have changed my name from Suneli Malik to Sonali Prusty. Hanceforth, I shall be known as Sonali prusty for all purpose.
Sonali Prusty

**AFFIDAVIT**

By virtue of an affidavit before the Executive Magistrate, Kujang. I, Mrutyunjay Pradhan, S/o-Jogendra Pradhan, resident of At- Badang, Po/P.S.-Kujang, Dist-Jagatsinghpur, Odisha declare by this affidavit that, as per Aadhar Card vide no.-662494592954 my actual name is Mrutyunjay Pradhan. In my FD account of Bank of Baroda, my nick name has been mentioned as Sumit Pradhan instead of Mrutyunjay Pradhan. Both Mrutyunjay Pradhan and Sumit Prdhan belongs to one and same person. Henceforth, I shall be known as Mrutyunjay Pradhan for all future purposes.

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA).
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
CAD-834
No. HHEP/Tech-W-202/2/3449 Date : 18.06.2025
e-TENDER CALL NOTICE NO. HHEP-35/2025
Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received online mode only for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender (Bidders exempted from payment of EMD will be able to participated in the tender by uploading documentary evidences towards eligibility for such exemptions).

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Availability of bids online | Last date and time of receipt of bid online | Date & time of opening of tender | Class of contract or |
|---|---|---|---|---|---|---|---|
| Renovation of testing lab and workers' shed at Burla Power House of HHEP, Burla | 11,75,411/- | Rs. 7080/- (Rs. 6000 /- + GST 18%) | 11800/- | 23.06.25 (11:00AM) to 07.07.25 upto 03.30PM | 07.07.25 upto 03.30PM | 07.07.25 at 04.00PM | 'D & C' |

- The bidders shall have to participate in online only in the portal https://tendersodisha.gov.in
- Further details can be seen from the e-procurement portal https://tendersodisha.gov.in / www.ohpcltd.com

Sd/-
Unit Head, HHEP, Burla
OIPR: 04007/11/0052/2526

**OFFICE OF THE MUNICIPAL COUNCIL : BALANGIR**
C-555
No. 2822 / BM/Dt, 16.06.2025
e Procurement Notice
BID IDENTIFICATION NUMBER - BL GRMPTY/04(01-16)/2025-26
Bid Documents consisting of work, Estimated cost, Cost of Tender paper, EMD, Time of completion Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

| | | | |
|---|---|---|---|
| 1 | Name of the Work | : | Civil Construction work as mentioned in DTCN |
| 2 | No. of works | : | 16(Sixteen) Nos. |
| 3 | Estimated Cost. | : | Rs.4,24,095/- to Rs.16,91,038/- |
| 4 | Period of Completion | : | 3(Three) Calendar Month |
| 5 | Date and Time of on line Bidding | : | from 11.00 AM of 19.06.2025 to 5.00 PM of 30.06.2025 |
| 6 | Online Bids shall be Open on | : | 01.07.2025 on 11.00 AM |
| 7 | Name & Address of the Officer Inviting Bid | : | Executive Officer, Balangir Municipality |

8 Further details can be seen from the website www.tendersorissa.gov. in
9 Further any addendum/ corrigendum/ clarification issued in connection with the tenders shall be uploaded in the above website and no news paper advertisement shall be given. Bidders are advised to visit the website regularly for obtaining all such details.

Sd/- Executive Officer
Balangir Municipality
OIPR: 13169/11/0062/2526

**Kotpad NAC**
C- 547
Government of Odisha
Main Road, Kotpad Dist. Koraput, Odisha.
E-mail- kotpadnac@gmail.com
Letter No.1173/2025 Date. 18.06.2025
QUOTATION CALL NOTICE
Sealed Quotation are invited to reach by Speed Post / Registered Post / Courier) by hand from interested Contractor/ agencies/ firms /companies for " Providing two nos. of TATA ACE on monthly hire basis and the TATA ACE will be engaged on the sanitation work of Kotpad NAC". The quotation will be dropped in the drop box kept in the office of the executive officer, Kotpad with supporting documents like copy of PAN card and GST certificate on or before 26.06.2025 and shall be opened on the same day at 05.00 PM in the presence of the bidder and the tender committee. The authority has reserved the right to cancel or modify or accept any or all quotation without assigning any reason thereof.
Sd/- Executive Officer,
Kotpad NAC
OIPR: 13182/11/0009/2526

**[GOVERNMENT OF ODISHA]**
**BLOCK DEVELOPMENT OFFICER, PANCHAYAT SAMITI, RAYAGADA.**
i-161
E-mail - ori-brayagada@nic.in Phone- 06856-223355
INVITATIONS FOR BIDS (I.F.B.)
e-Procurement Notice
IDENTIFICATION No. RGD 01/2025-26 Dt. 16.06.2025
1) The Block Development Officer, Panchayat Samiti, Rayagada Sadar, Dist.: Rayagada on behalf of Govt, of Odisha invites Percentage Rate bid in Single Cover System in ONLINE MODE for the construction of Civil works (Civil) as detailed in the Detailed Tender Call Notice (D.T.C.N) from the eligible class of contractors.
2) No. of works: - 01 (One) Nos.
3) Cost of Tender Paper: - Rs.6,000/- (Rupees Six Thousand)only
4) Class of contractor: - "D" & "C" Class
1) Date & Time of available in web site & receipt online: - 9:00 Hrs. of 23.06.2025 to 17:00 Hrs. of 07.07.2025
2) Date of opening of Technical Bid: 11:00 Hrs. of 08.07.2025
The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
5) Any corrigendum / Addendum will be displayed in the website https://tendersodisha.gov.in only
By order of BDO, Rayagada Sadar
Sd/- Block Development Officer,
Panchayat Samiti, Rayagada Sadar
OIPR: 19322/11/0006/2526

**Government of Odisha "e" procurement Notice**
O-307
OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
E-mail - eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/05/2025-26

1 Name of the work :- 1. Area lighting to Jagannath & Madanmohan Temple at Purunagarh under R.W.E.S. Angul
2. Area lighting to Maa Bayani Pitha at Patrapada under R.W.E.S. Angul
3. Area lighting to Maa Ramchandi Pitha at Kosala under R.W.E.S. Angul
2. Estimated Cost :- 1. Rs.5,68,881/- 2. Rs.21,81,587/- 3. Rs.11,57,145/-
3. Availability of bid document in the website. :- 11.30 Hours of 20.06.2025 to 17:00 Hours of 30.06.2025
4. Date of Opening of Tenders :- 11:30 Hours on dt. 01.07.2025

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.
Sd/- Executive Engineer
R.W Electrical Division
Sambalpur
OIPR: 34175/11/0018/2526

**GOVERNMENT OF ODISHA**
**DISTRICT PROJECT OFFICE, SAMAGRA SHIKSHA NABARANGPUR**
n-78
"e" Procurement Notice- DPC-SS-NAB - 02 OF 2025-26
BID IDENTIFICATION NO. DPC-SS-NAB - 02 OF 2025-26

| | | |
|---|---|---|
| 01 | Name of the Work | Repair and Maintenance Work at Haladi KGBV, Chandahandi Block for the year 2024-25 |
| 02 | Total No of Package | 1 No |
| 03 | Tender Cost(Approx) | Rs. 17.16 lakh as per DTCN |
| 04 | Bid Security | Rs.17160/- |
| 05 | Cost of Tender Paper(Online) | Rs. 6,000/- as per DTCN |
| 06 | Period of Completion | As per DTCN |
| 07 | Availability of Tender Online for bidding | From 23.06.2025 at 11.00AM to 14.07.2025 up to 5.30 PM |
| 08 | Date and Place of Opening | Dt. 15.07.2025 at 11.00 AM in the Conference Hall, DPO Samagra Shiksha, Nabarangpur. |
| 09 | Lottery date and Time | Dt. 19.07.2025 at 12.00 PM in the Conference Hall, DPO Samagra Shiksha, Nabarangpur. |
| 10 | Tender Inviting Authority | District Project Office, Samagra Shiksha, Nabarangpur. |

Sd/- District Project Co-Coordinator,
Samagra Shiksha, Nabarangpur
OIPR: 27160/11/0007/2526

## ନାଲ୍କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନିମନ୍ତେ ପ୍ରାକ୍-ପ୍ରସ୍ତୁତି

# ମାସବ୍ୟାପୀ ସ୍ୱାସ୍ଥ୍ୟ ଓ ଯୋଗ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ



ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ପକ୍ଷରୁ ଚଳିତ ବର୍ଷର ଅନ୍ତର୍ଜାତୀୟଯୋଗଦିବସ ପାଳନ ତଥା ଯୋଗ ର ପ୍ରଚାର ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟ, ନିରାମୟ ଓ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଓ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ବିଭିନ୍ନ କାର୍ଯ୍ୟକ୍ରମଆୟୋଜନ କରାଯାଉଛି।

ଆସନ୍ତା ଜୁନ ୨୧ ତାରିଖରେ କମ୍ପାନୀ ପକ୍ଷରୁ ବିଭିନ୍ନ ୟୁନିଟରେ ମେଗା ଯୋଗ କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଉଛି।ଏଥିସହ ଗତ ଏକ ମାସ ଧରି ପ୍ରାକ୍-ପ୍ରସ୍ତୁତି ରୂପେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟରେ 'ଯୋଗ ବୁଟ-କ୍ୟାମ୍ପ','ୱାଇ-ବ୍ରେକ ଆଟ ୱାର୍କପ୍ଲେସ' ଏବଂ 'ଯୋଗାଭ୍ୟାସ' ଅଧିବେସନର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ କମ୍ପାନୀର କର୍ମଚାରୀ, ପରିବାର ବର୍ଗ, ଠିକା କର୍ମଚାରୀ, ବିଦ୍ୟାଳୟ ତଥା ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି।

"ଜନ ଭାଗୀଦାରୀ" କୁ ପ୍ରୋତ୍ସାହିତ କରିବା ନିମନ୍ତେ,ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ, କୋରାପୁଟ ତଥା ସ୍ମେଲଟରଏବଂପାୱାର୍କମ୍ପ୍ଲେକ୍ସ, ଅନୁଗୋଳ ର ପରିପାର୍ଶ୍ୱିକ ଗ୍ରାମମାନଙ୍କରେ ମଧ୍ୟ ଯୋଗାଭ୍ୟାସ ଅଧିବେସନ ମାନ ଆୟୋଜନ କରାଯାଉଛି। କମ୍ପାନୀରେ କାର୍ଯ୍ୟରତ ମହିଳା ତଥା ସ୍କୁଲ ଛାତ୍ରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଅଧିବେସନର ଆୟୋଜନ କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଲାଗି ଦୁଇସ୍ତରୀୟ ବ୍ୟାରିକେଡ

ଭୁବନେଶ୍ୱର(ସବ୍ୟୁ): ଆସନ୍ତାକାଲି(ଶୁକ୍ରବାର) ଅର୍ଥାତ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜନତା ମଇଦାନ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବହୁ ଜନସମାଗମ ହେବା ନେଇ ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ଅନ୍ୟ ବିଶିଷ୍ଟ ଅତିଥିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ତରଫରୁ ଏହି ମାର୍ଗରେ ଦୁଇ ସ୍ତରୀୟ ବ୍ୟାରିକେଡିଂର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ରାସ୍ତାରେ ଏକ ସ୍ଥାୟୀ ବାରିକେଡିଂ ବ୍ୟବସ୍ଥା ଥିବାବେଳେ କମିଶନରେଟ ପୋଲିସର ଅନୁରୋଧକ୍ରମେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମାର୍ଗରେ ଅତିରିକ୍ତ ବ୍ୟାରିକେଡିଂର ବ୍ୟବସ୍ଥା କରାଯାଇଛି।

# କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬: ଓଡ଼ିଶାରେ ଶୀର୍ଷରେ କିଟ୍

ଭୁବନେଶ୍ୱର, (ସବ୍ୟୁ): କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ ଆଜି ପ୍ରକାଶ ପାଇଥିବାବେଳେ ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଦକ୍ଷିଣ ଏସିଆରେ ୫୫ତମ ସ୍ଥାନ ହାସଲ କରିଛି। ସମଗ୍ର ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୯ମ ସ୍ଥାନରେ ରହିଛି। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂରେ ଅଂଶଗ୍ରହଣ କରି ଓଡ଼ିଶାର ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଭାରତରେ ସମ୍ମାନଜନକ ସ୍ଥାନରେ ରହିଛି। ଏହି ସଫଳତା କିଟ୍‌ର ଉଚ୍ଚଶିକ୍ଷାରେ ଉତ୍କର୍ଷତା ପ୍ରତି ଉତ୍ସର୍ଗକୁ ପ୍ରତିପାଦିତ କରୁଛି। କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ



୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ।

ଏହି ରାଙ୍କିଙ୍ଗ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। କିଟ୍ ବିଶ୍ୱବିଦ୍ୟାଳୟ ମାତ୍ର ୨୧ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି । ଏହି ସଫଳତା ପାଇଁ ଶ୍ରୀ ସାମନ୍ତ କିଟ୍ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଓ କିସ୍‌ର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି।

# ଆଜି ଭୁବନେଶ୍ୱରରେ ହାପ୍ ଡେ ଅଫିସ

ଭୁବନେଶ୍ୱର(ସବ୍ୟୁ): ଆସନ୍ତାକାଲି(ଶୁକ୍ରବାର) ଭୁବନେଶ୍ୱରରେ ହାପ୍ ଡେଦ ଅଫିସ୍ । ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସମସ୍ତ ସରକାରୀ ଅଫିସ୍ ବନ୍ଦ ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛ । ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ମଧ୍ୟ ଛୁଟି ରହିବ । ସହରରେ ଅତ୍ୟଧିକ ଭିଡ଼ ଓ ଟ୍ରାଫିକ୍ ସମସ୍ୟା ଆଶଙ୍କା କରି ଏହି ନିଷ୍ପତ୍ତି ନିଆଯାଇଛ ।

ଏହାପୂର୍ବରୁ ଶୁକ୍ରବାର ଅର୍ଥାତ ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଭୁବନେଶ୍ୱର ଓ କଟକରେ ସମସ୍ତ ସ୍କୁଲ ଛୁଟି କରିବାକୁ ନିଷ୍ପତ୍ତି ହୋଇଥିଲା । ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା, କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଥିଲା । ଉଲ୍ଲେଖଯୋଗ୍ୟ, ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଛନ୍ତି । ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।

## ଓଡ଼ିଶାରେ ନାରୀ ନିର୍ଯାତନା ନେଇ

# ଏଆଇସିସି. ଗଠନ କଲା ତଥ୍ୟ ଅନୁଧାନ କମିଟି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣା, କେନ୍ଦୁଝରର ହରିଚନ୍ଦନପୁରରେ ଦୁଷ୍କର୍ମ ଓ ହତ୍ୟା, ମହିଳାମାନଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର ଏବଂ ଗତ କିଛିବର୍ଷ ମଧ୍ୟରେ ହଜାର ହଜାର ମହିଳା ଓ ଶିଶୁ ନିଖୋଜ ହେବା ଭଳି ଚିନ୍ତାଜନକ ଘଟଣାକୁ ଗୁରୁତର ସହ ନେଇ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରି ତାଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ୫ ଜଣଙ୍କୁ ନେଇ ଗଠିତ ଉକ୍ତ କମିଟି ରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଦିପା ଦାସମୁନସୀ, ଆବାହକ ରହିଥିବାବେଳେ, ସାଂସଦ ଶ୍ରୀମତୀ ରଞ୍ଜିତ ରଞ୍ଜନ, ସାଂସଦ ଶ୍ରୀମତୀ ପ୍ରଣିତୀ ସିନ୍ଦେ,ସାଂସଦ ଶ୍ରୀମତୀ ଏସ ଯୋଥିମନି ଓ ପୂର୍ବତନ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଶୋଭା ଓଜା ରହିଛନ୍ତି । ଉକ୍ତ କମିଟି ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ଜିଲ୍ଲା ଗସ୍ତକରିବା ସହ ପରିସ୍ଥିତି ଅନୁଧ୍ୟାନ କରିବ ଏବଂ ସବିଶେଷ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ଏଆଇସିସି ସାଧାରଣ ସଂପାଦକ (ସଂଗଠକ) କେସି ବେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ଡାଇରିଆ ସ୍ଥିତି ନେଇ ହାଇକୋର୍ଟଙ୍କ ଉଦବେଗ

# ପରିମଳ ସ୍ୱଚ୍ଛ ରଖିବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ):ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାଇରିଆ ସ୍ଥିତି ନେଇ ହାଇକୋର୍ଟଙ୍କ ଉଦବେଗ ପ୍ରକାଶ କରିଛନ୍ତି। ଏଥି ସହ କଟକ ସହରର ପରିମଳ ବ୍ୟବସ୍ଥା ସ୍ୱଚ୍ଛ ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସହରକୁ ସଂକ୍ରମଣ ମୁକ୍ତ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମସି କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ବିଶୁଦ୍ଧ ପାନୀୟଜଳ କିପରି ସହରବାସି ପାଇବେ ସେଥିପ୍ରତି ସଜାଗ ରହିବେ ୱାଟକୋ କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କେତେଦୂର କାର୍ଯ୍ୟକାରି କରାଗଲା ସେ ସଂକ୍ରାନ୍ତରେ ସତ୍ୟପାଠ ଲୋଡିଛନ୍ତି ଅଦାଲତ। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଭି ନରସିଂହ ଙ୍କୁ ନେଇ ଗଠିତ ଖଣ୍ଡପୀଠ କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ସମୟର କଟକ ଜିଲ୍ଲା ସମେତ ଅନ୍ୟ ଜିଲା ମାନଙ୍କରେ ଡାଇରିଆ ରୋଗ ବଢିବାରେ ଲାଗିଛି। ଯାହାର କାରଣ ଦୂଷିତ ଜଳ, ଅସ୍ୱାସ୍ଥ୍ୟକର ପରିବେଶ ।ତେଣୁ କଟକ ସହର ବିଶୁଦ୍ଧ ଜଳ ଯୋଗାଣ କରିବା ଉପରେ ୱାଟକୋଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ ତାରିଖରେ ମମାଲର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ।

## ନାରୀଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ

# ଲଢ଼େଇ କରିବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ଓଡ଼ିଶାରେ ପ୍ରଚାର କରନ୍ତି ଏବଂ ଅଧା ଜନସଂଖ୍ୟାକୁ ସୁରକ୍ଷାର ମିଛ ପ୍ରତିଶ୍ରୁତି ଦେଇ ସେମାନଙ୍କ ଠାରୁ ଭୋଟ ପାଆନ୍ତି । କିନ୍ତୁ ଯଦି ଓଡ଼ିଶାର ୧୧ ମାସର ରିପୋର୍ଟ କାର୍ଡକୁ ଦେଖନ୍ତି, ତେବେ ଆପଣ ଏହା ଦେଖିବେ ଯେ ପ୍ରତିଦିନ ସେଠାରେ ୧୫ଟି ଦୁଷ୍କର୍ମ ମାମଲା ରିପୋର୍ଟ ହେଉଛି ।୧୦ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪,୫୦୦ ଝିଅ ନ୍ୟାୟ ପାଇଁ ନିବେଦନ କରିଛନ୍ତି । ୧୧ ମାସରେ ରାଜ୍ୟର ୨୮,୦୦୦ ମହିଳା ଏବଂ ଝିଅ ଦୁଷ୍କର୍ମର ଶିକାର ହେଉଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିବା ସହିତ ଅପରାଧିମାନେ ଏତେ ସାହସ କେଉଁଠାରୁ ପାଆନ୍ତି ବୋଲି ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ।

ସେହିପରି ବିଧାୟିକା ସୋଫିଆ ଫିର୍ଦ୍ଦୋଶ କହିଛନ୍ତି ଭଦ୍ରକ ହସ୍ପିଟାଲରେ ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯାତନା ଏବଂ ଦୁଷ୍କର୍ମ ବିଷୟରେ କହିଛନ୍ତି ଏବଂ ନ୍ୟାୟ ମାଗୁଛନ୍ତି । ବାଲେଶ୍ୱରରେ




ଜଣେ ନାବାଳିକା ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା କରାଯାଇଥିଲା । ରିପୋର୍ଟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ପ୍ରତିଦିନ ୭ ଜଣ ମହିଳାଙ୍କୁ କାମନାର ଶିକାର କରାଯାଉଛି । ଓଡ଼ିଶାର ୩୬,୦୦୦ ମହିଳା ଏବଂ ୮,୪୦୦ ଝିଅ ନିଖୋଜ ଅଛନ୍ତି । ଏପରି ପରିସ୍ଥିତିରେ ପ୍ରଶ୍ନ ହେଉଛି ଯେ ସରକାର ଏପର୍ଯ୍ୟନ୍ତ କେତେ ମହିଳା ଏବଂ ଝିଅଙ୍କୁ ଫେରାଇ ଆଣିପାରିଛନ୍ତି ।ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ୧୧ ମାସ ମଧ୍ୟରେ ୨୮,୦୦୦ ମହିଳାଙ୍କୁ ଅପରାଧୀର ଶିକାର କରାଯାଇଛି । ଏପରି ପରିସ୍ଥିତିରେ ଏହି ମହିଳାମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳିଛି ବୋଲି ଶ୍ରୀମତୀ ଫିର୍ଦ୍ଦୋଶ ପ୍ରଶ୍ନ କରିଛନ୍ତି । ଶ୍ରୀମତୀ ଫିର୍ଦ୍ଦୋଶ ଗୋପାଳପୁର ଗଣବଳାକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ଏକ ମହିଳାକୁ ଦୁଷ୍କର୍ମ କରି ହତ୍ୟା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ଏପରି ପରିସ୍ଥିତିରେ ମଧ୍ୟ, କ୍ୟାବିନେଟରେ ଗୋଟିଏ ମଧ୍ୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇନାହିଁ । ମହିଳା ସଶକ୍ତିକରଣ ଓଡ଼ିଶାର ପରିଚୟ । ଏଠାରେ "ରଜ ପର୍ବ" ମହିଳାମାନଙ୍କର ପ୍ରଜନନ ଏବଂ ଶକ୍ତିକୁ ଉତ୍ସର୍ଗୀକୃତ କରି ପାଳନ କରାଯାଏ । କିନ୍ତୁ ଦୁଃଖର ବିଷୟ ରଜ ପର୍ବ ସମୟରେ ଆମ ରାଜ୍ୟରେ ୩ଟି ଗଣଦୁଷ୍କର୍ମ ଘଟଣା ଘଟିଛି । ଗୋପାଳପୁରରେ ଯେତେବେଳେ ଜଣେ ଝିଅ ବନ୍ଧୁଙ୍କ ସହିତ ରଜ ପର୍ବ ଦିନ ବେଳାଭୂମିକୁ ଯାଏ, ସେଠାରେ ୧୦ ଜଣ ଲୋକ ତାଙ୍କୁ ଗଣଦୁଷ୍କର୍ମ କରନ୍ତି । ବିଧାନସଭା ଘେରାଉ ପରେ, କଂଗ୍ରେସ ନେତାମାନଙ୍କୁ ବିଧାନସଭାରୁ ନିଲମ୍ବିତ କରାଯିବା ସହ ଅଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ନେତୃବୃନ୍ଦଙ୍କ ନାମରେ ପୋଲିସ କେସ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ବାହିନୀପତି କ୍ଷୋଭ ପ୍ରକାଶ କରିଛନ୍ତି ।

## ବେଦାନ୍ତ ଆଲୁମିନିୟମ ଭାରତର ୫ଜି ଏବଂ ଭିତ୍ତିଭୂମି ମଧ୍ୟରେ

# ଆଲୁମିନିୟମ ତାର ରଡ୍ ପାଇଁ ବଢୁଥିବା ଚାହିଦା ପୂରଣ କରିବାକୁ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହାର ୟୁନିଟ୍, ଭାରତ ଆଲୁମିନିୟମ କମ୍ପାନୀ (ବାଲକୋ) ଏହାର ଚଳିତ ମୋଟ ୧ ମେଟ୍ରିକ୍ ଟନ୍ ପ୍ରତିବର୍ଷ (ଏମଟିପିଏ) ସମ୍ପ୍ରସାରଣର ଅଂଶ ଭାବରେ ତାର ରଡ୍ ଉତ୍ପାଦନ କ୍ଷମତାକୁ ବିସ୍ତାର କରୁଛି। ଡିଜିଟାଲ୍ ଏବଂ ଶିଳ୍ପ ଭିତ୍ତିଭୂମିରେ ଭାରତର ଦ୍ରୁତ ଅଭିବୃଦ୍ଧି ଦ୍ୱାରା ସୃଷ୍ଟି ହୋଇଥିବା ଚାହିଦା ପୂରଣ କରିବା ପାଇଁ କମ୍ପାନୀ ଉଚ୍ଚ-ଗୁଣବତା ଆଲୁମିନିୟମ ତାର ରଡ୍ ପାଇଁ ଏକ ବିଶାଳ ସମ୍ଭାବନା ଦେଖୁଛି। ଦେଶ ଏହାର ୫ଜି ନେଟୱାର୍କ, ଗ୍ରାମୀଣ ବ୍ରଡବ୍ୟାଣ୍ଡ, ସ୍ମାର୍ଟ ସିଟି ଏବଂ କ୍ଲାଉଡ୍ ଭିତ୍ତିଭୂମିକୁ ଆକ୍ରମଣାତ୍ମକ ଭାବରେ ବୃଦ୍ଧି କରୁଥିବାରୁ, ଏହାର ଉଚ୍ଚ ପରିବାହୀତା, କ୍ଷୟ ପ୍ରତିରୋଧ, ଏବଂ ହାଲୁକା ଶକ୍ତି ଯୋଗୁଁ ଆଲୁମିନିୟମ ପସନ୍ଦର ସାମଗ୍ରୀ ଭାବରେ ଉଭା ହୋଇଛି।

ବାଲକୋର ବିଆଇଏସ-ପ୍ରମାଣିତ ଆଲୁମିନିୟମ ତାର ରଡ୍ ସିମଲେସ୍ ସିଗନାଲ୍ ଟ୍ରାନ୍ସମିସନ୍ ଏବଂ ନିର୍ଭରଯୋଗ୍ୟ ନେଟୱାର୍କ କାର୍ଯ୍ୟଦକ୍ଷତାକୁ ସକ୍ଷମ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କେବଳ ଆର୍ଥିକବର୍ଷ୨୫ ରେ, ବାଲକୋ ୨,୦୦,୦୦୦ ଏମଟିପିଏ ରୁ ଅଧିକ ଆଲୁମିନିୟମ ତାର ରଡ୍ ଉତ୍ପାଦନ କରିଥିଲା, ଯାହାର ୧୦୦% ଉତ୍ପାଦନ ବର୍ଦ୍ଧିତ ଘରୋଇ ଚାହିଦା ପୂରଣ କରୁଥିଲା, ବିଶେଷକରି ଗୁଜରାଟ, ମହାରାଷ୍ଟ୍ର ଏବଂ ରାଜସ୍ଥାନ ଭଳି ରାଜ୍ୟରେ। ଏହାର ପୋର୍ଟଫୋଲିଓରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ପାଇଁ ପ୍ରସ୍ତୁତ ଉଚ୍ଚ-କାର୍ଯ୍ୟକ୍ଷମତା ଗ୍ରେଡ୍ ଅନ୍ତର୍ଭୁକ୍ତ, କଣ୍ଡକ୍ଟର ଏବଂ କେବୁଲ୍ ସିଥ୍ ଠାରୁ ଟାୱାର ଗ୍ରାଉଣ୍ଡିଂ ଏବଂ ଅପ୍ଟିକାଲ୍ ଫାଇବର କେବୁଲିଂ ପର୍ଯ୍ୟନ୍ତ ବ୍ୟବହାର କରାଯାଇଥାଏ।

କମ୍ପାନୀ ଭାରତର ପ୍ରଥମ କମ୍ପାନୀ ଥିଲା ଯାହାକୁ ଆଲୟ ତାର ରଡ୍ ପାଇଁ ବିଆଇଏସ ୫୪୮୪ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା, ଯାହା ଗୁଣବତା ଏବଂ ନବସୃଜନରେ ଏକ ନେତା ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥିଲା। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି: "ଭାରତ ପାଇଁ ଏକ ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ୍ ମେରୁଦଣ୍ଡ ଗଠନ ପାଇଁ ଆଲୁମିନିୟମ ତାର ରଡ୍ ଅପରିହାର୍ଯ୍ୟ। ବେଦାନ୍ତରେ, ଆମେ ଟେଲିକମ୍ ଏବଂ ବିଦ୍ୟୁତ୍ କ୍ଷେତ୍ରର ବିକଶିତ ଆବଶ୍ୟକତା ପୂରଣ କରୁଥିବା ଉଚ୍ଚ-ପ୍ରଦର୍ଶିତ ଗ୍ରେଡ୍ ର ଏକ ବିଆଇଏସ-ପ୍ରମାଣିତ ପୋର୍ଟଫୋଲିଓ ପ୍ରଦାନ କରିବାକୁ ଗର୍ବିତ। ବାଲକୋରେ କ୍ଷମତା ବିସ୍ତାର ସହିତ, ଆମେ ଆମର ସ୍ଥାୟୀତ୍ୱ ପ୍ରତିବଦ୍ଧତା ପ୍ରଦାନ କରିବା ସହିତ ଉନ୍ନତ ପରିବାହୀ ସାମଗ୍ରୀ ପାଇଁ ଭାରତର ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ପ୍ରସ୍ତୁତ।

# ପାତ୍ରପଡ଼ାର ରଜ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, (ସବ୍ୟୁ): ନିକଟସ୍ଥ ପାତ୍ରପଡ଼ାରେ ଚଳିତବର୍ଷ ରଜ ମହୋତ୍ସବ-୨୦୨୫କୁ ବଡ଼ ଧୁମ୍‌ଧାମ୍‌ରେ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ରଜ ମହୋତ୍ସବ ଗତ ୧୩ ତାରିଖ ସଜବାଜରୁ ଆରମ୍ଭ ହୋଇ ଗତକାଲି ୧୭ ତାରିଖରେ ବସୁମତୀ ସ୍ନାନରେ ସରିଛି । ପହିଲି ରଜ ଦିନ ସକାଳ ୧୧ଟାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁରେଶ କୁମାର ରାଉତରାୟ, ମେୟର ସୁଲୋଚନା ଦାସ, ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରିଥିଲେ । ସକାଳେ ରଜ ମହୋତ୍ସବକୁ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ଦୋଳି ଓ ରଜ ପିଠାକୁ ମଧ୍ୟ ଆରମ୍ଭ କରିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ଉଚ୍ଚକୋଟୀର ଡ୍ୟାନ୍ସ ହେବା ସଙ୍ଗେ ସଙ୍ଗେ ନିମନ୍ତ୍ରୀତ ଅତିଥିମାନେ ଯୋଗଦେଇଥିଲେ । ଏଥିରେ ଏକାମ୍ର ବିଧାୟକ ବାବୁ ସିଂ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ମନ୍ମଥ ରାଉତରାୟ, ମେୟର ସୁଲୋଚନା ଦାସ, ସଂଗ୍ରାମ କେଶରୀ ପାଇକରାୟ, ଦୁଃଶାସନ ସ୍ୱାଇଁ ଏବଂ ଯୁବ ଉଦ୍ୟୋଗୀ ସମ୍ବିତ ସାହୁ ଉଦ୍‌ଯାପନୀ ଦିବସରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ି ଯୋଗଦେଇଥିଲେ । ୬୫ନଂ ୱାର୍ଡର କର୍ପୋରେଟର ତଥା ରଜ କମିଟିର ଉପଦେଷ୍ଟା ରଶ୍ମୀରଞ୍ଜନ ପାଟ୍ଟଶାଣୀ ଯୋଗ ଦେଇଥିଲେ । ବିଭିନ୍ନ ପ୍ରକାର ଦୋଳି ସାଙ୍ଗକୁ ମୀନାବଜାର ଓ ବିଭିନ୍ନ ପ୍ରକାରର ଦୋକାନ ପସରା ଖୋଲି ବେପାର କରିବା ଦେଖାଯାଇଥିଲା । ପାତ୍ରପଡ଼ା ଓ ଭଗବାନପୁର । ସନ୍ଧ୍ୟାରେ ଲକି, ମେଘା ଓ ତିତିଲି ପିଲାମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସଙ୍ଗେ ସଙ୍ଗେ ଆମ ଗାଁର ଆରାଧ ବାହିନୀ ଦ୍ୱାରା ଉତ୍ସବଟି ସୁରୁଖୁରୁରେ ସମାପନ ହୋଇଥିଲା । ଏଥିରେ ମହାରାଜା କ୍ରିକେଟ ଆସୋସିଏଶନର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ବରିଷ୍ଠ ସଭ୍ୟ ଦୁଃଶାସନ ରଥ,



ସମେତ ଆଖପାଖର ବହୁ ଲୋକଙ୍କ ସମାଗମ ମଧ୍ୟ ହୋଇଥିଲା । ଏହି ଉତ୍ସବରେ ମହାରାଜା କ୍ରିକେଟ୍ ଆସୋସିଏଶନ ଓ ପାତ୍ରପଡ଼ା-ଭଗବାନପୁର ଯୁବବାହିନୀର ସମସ୍ତ ସଭ୍ୟଙ୍କ ସହଯୋଗରେ ଏ ଉତ୍ସବଟି ସମାପନ ହୋଇଥିଲା ରବୀନ୍ଦ୍ର ସାହୁ, ହୃଦୟ ବଲ୍ଲଭ ପାଟ୍ଟଶାଣୀ, ଅତୀଶ କୁମାର ମାର୍ଥା, ଡମ୍ବରୁଧର ରାଉତରାୟ ପ୍ରମୁଖ ଯୋଗ ଦେଇଥିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସତ୍ୟନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।

## କ୍ଷେତରେ ମେଣ୍ଢା ପଶିବାରୁ ମରଣାନ୍ତକ ଆକ୍ରମଣ

ନିମାପଡା, (ସବ୍ୟୁ): ମେଣ୍ଢା ଚରାଉଥିବା ବେଳେ ଜଣଙ୍କ କ୍ଷେତକୁ ଗୋଟିଏ ମେଣ୍ଢାଟି ପଶିଯିବାରୁ କ୍ଷେତ ମାଲିକଙ୍କ ପୁଅ ଏବଂ ପନୀ ମିଶି ମେଣ୍ଢା ଚରାଳୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଚାରିଛକ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଚାରିଛକ ଥାନା ସୁଧବାରିମୂଳ ଗ୍ରାମର ଗୌରାଙ୍ଗ ଚରଣ ଦାସ ଗତ କାଲି ଅପରାହ୍ନରେ କ୍ଷେତକୁ ମେଣ୍ଢା ଚରାଇବାକୁ ନେଇଥିଲେ। ଗୋଟିଏ ମେଣ୍ଢା ଭୁଲବଶତଃ ପ୍ରଫୁଲ୍ଲ ଦାସଙ୍କ ବିଲକୁ ପଶିଯାଇଥିଲା। କ୍ଷେତରେ ମେଣ୍ଢା ପଶିଥିବା ଦେଖି ପ୍ରଫୁଲଙ୍କ ପନୀ ଓ ପୁଅ ମିଶି ଗୌରାଙ୍ଗଙ୍କୁ ଗାଳିଗୁଲଜ କରିବା ସହିତ ଠେଙ୍ଗାରେ ମାଡ ମାରିବାରୁ ଗୌରାଙ୍ଗଙ୍କ ମୁଣ୍ଡ ଫାଟିଯିବା ସହିତ ଶରୀରରେ ଆଘାତ ଲାଗିଛି। ଏସଂପର୍କରେ ଗୌରାଙ୍ଗ ଚାରିଛକ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ଉଦ୍ୟମ କ୍ୟାରିଅର କ୍ଲାସେସ୍, ଭୁବନେଶ୍ୱରର ଐତିହାସିକ ନିଟ୍ ଫଳାଫଳ

ଭୁବନେଶ୍ୱର (ସବ୍ୟୁ): ଉଦ୍ୟମ କ୍ୟାରିଅର କ୍ଲାସେସ ପ୍ରାଇଭେଟ ଲିମିଟେଡ୍, ଭୁବନେଶ୍ୱର, ଜାଗମରା ଶାଖାର ନିଟ୍ ଫଳାଫଳ ଏକ ଐତିହାସିକ ରେକର୍ଡ କରିଛି । ଏହି ଅନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇଥାଏ । ସୀମିତ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏହି ଅନୁଷ୍ଠାନ ଶିକ୍ଷାଦାନ ପାଇଁ ଆଡ଼ମିସନ ନେଇଥାଏ ଏବଂ ସେଇ ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ଫଳାଫଳ ପାଇଁ ଅନୁଷ୍ଠାନ ଚେଷ୍ଟା କରିଥାଏ । ଚଳିତ ବର୍ଷ ୩୧ ଜଣ କୃତି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୦ ଜଣ ସରକାରୀ ମେଡିକାଲ କଲେଜରେ ପାଠ ପଢିବା ପାଇଁ ନିଶ୍ଚୟ ଯୋଗ୍ୟ ହେବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି । ଅନ୍ୟ କୃତି ଛାତ୍ରଛାତ୍ରୀମାନେ ବିଡ଼ିଏସ, ହୋମିଓପାଥିକ୍, କିମ୍ବା ଆୟୁର୍ବେଦିକ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ



ଯୋଗ୍ୟ ହେବେ । ଅମିତ ବଳିୟାରସିଂହ ୯୯୩ ରାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି, ଦିଶିତା ଦାସ ୭୪୮ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସରକାରୀ ମେଡିକାଲ କଲେଜ ରେ ଏହି ଛାତ୍ରଛାତ୍ରୀ ମାନେ ଆଡ଼ମିସନ ପାଇଁ ନିଶ୍ଚିତ ଭାବେ ମନୋନୀତ ହେବେ । ତେବେ ରାଜଧାନୀରେ ଶିକ୍ଷା ପ୍ରଦାନ ପାଇଁ ଅନେକ ଗୁଡିଏ ଅନୁଷ୍ଠାନ ଗଢ଼ି ଉଠିଥିବା ବେଳେ ଏହି ଉଦ୍ୟମ କ୍ୟାରିଅର କ୍ଲାସେସ୍ ର ଗୁଣାତ୍ମକ ଶିକ୍ଷା ଦାନ ପାଇଁ ଆଜି ଅନେକ ଛାତ୍ରଛାତ୍ରୀ ସଫଳତା ର ସହ ନିଟ୍ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇ ନିଜକୁ ଗର୍ବିତ ମନେ କରୁଛନ୍ତି । ପ୍ରଶିକ୍ଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଛାତ୍ରଛାତ୍ରୀ ମାନେ ଏହି ସଫଳତା ହାସଲ କରିବା ପାଇଁ ସୁଯୋଗ ପାଇପାରୁଛନ୍ତି ।

# ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାନ ବାହନ ଯାଞ୍ଚ କଡାକଡି

ପୁରୀ (ସବ୍ୟୁ): ଆଗାମୀ ରଥ ଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସହରରେ ଯାନ ବାହନ ଯାଞ୍ଚକୁ କଡାକଡି କରାଯାଇଛି। ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓଏସଡି ରବିନ କୁମାର ପଟ୍ଟନାୟକଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀଙ୍କ ନେତୃତ୍ୱରେ ଗତ କାଲି ରାତିରେ ସହରର ବିଭିନ୍ନ ସ୍ଥାନରେ ବିନା ଡ୍ରାଇଭିଂ ଲେଇସେନ୍ସ, ବିନା ରେଜିଷ୍ଟ୍ରେସନରେ ଓ ନିୟମ ଉଲଙ୍ଘନ କରି ଅଟୋ ରିକ୍ସା ଚଳାଉଥିବା ଅଭିଯୋଗରେ ଜରିମାନା କଟା ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିୟମ ଉଲଙ୍ଘନ କରିଥିବା ଅଭିଯୋଗରେ ଅଟୋ ରିକ୍ସା ମାଲିକଙ୍କ ଠାରୁ ୨ ଲକ୍ଷ ୫ ହଜାର ଟଙ୍କା ଜରିମାନା କଟା ଯାଇଛି। ନିୟମ ଉଲଙ୍ଘନ ଅଭିଯୋଗରେ ପରିବହନ ବିଭାଗ ଦୁଇ ଗୋଟି ଅଟୋ ଜବତ କରିଛି।

# ଇସ୍ରାଏଲର ପରବର୍ତ୍ତୀ ଟାର୍ଗେଟ୍ ପାକିସ୍ତାନ


ତେଲ ଆଭିଭ : ଇରାନ ଉପରେ ଇସ୍ରାଏଲର ଆକ୍ରମଣ ପରେ ପାକିସ୍ତାନରେ ଭୟର ବାତାବରଣ ସୃଷ୍ଟି ହୋଇଛିଛ କାରଣ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଦେଇଥିବା ଏକ ବୟାନ ଯେଉଁଥିରେ ସେ କହିଥିଲେ ଯେ ଇରାନ ପରି ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମକୁ ବି ବିପଦ ଭାବେ ଦେଖୁଛି ଇସ୍ରାଏଲ । ଏବେ ଜଣେ ଇସ୍ରାଏଲୀ ବିଶେଷଜ୍ଞଙ୍କ ଦାବି ଇସଲାମାବାଦର ନିଦ ହଜାଇ ଦେଇଛି । ଇସ୍ରାଏଲୀ ଲେଖକ ଏବଂ ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ମୈର ମାସରି ଦାବି କରିଛନ୍ତି ଯେ ଇରାନ ପରେ ଇସ୍ରାଏଲର ନଜର ଏବେ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ଉପରେ ରହିଛି । ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ଶୀର୍ଷରେ ଅଛି । ଦିନରାତି ଉଭୟ ପାର୍ଶ୍ୱରୁ କ୍ଷେପଣାସ୍ତ୍ର ବର୍ଷା ହେଉଛି ।ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ପୁରୁଣା ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ସେ ଇରାନ ପରେ ପାକିସ୍ତାନ ଉପରେ ଆକ୍ରମଣ କରିବା



ବିଷୟରେ କହୁଥିବା ଶୁଣାଯାଉଛି ।ଏହି ଭିଡିଓ ଏବଂ ମାସରିଙ୍କ ବୟାନ ପରେ ପାକିସ୍ତାନରେ ସୋସିଆଲ ମିଡିଆରେ ବିତର୍କ ତୀବ୍ର ହୋଇଛି । ଲୋକମାନେ ପ୍ରଶ୍ନ ପଚାରୁଛନ୍ତି ଯେ ଇସ୍ରାଏଲ ପ୍ରକୃତରେ ଏବେ ପାକିସ୍ତାନର ପରମାଣୁ ଘାଟିକୁ ଟାର୍ଗେଟ କରିପାରିବ କି? ଏହା କେବଳ ମାନସିକ ଚାପ ନା କୌଣସି ପ୍ରକୃତ ପ୍ରସ୍ତୁତି ଚାଲିଛି? ପାକିସ୍ତାନର ସାମରିକ ମହଲରେ ମଧ୍ୟ ହଇଚଇ ସୃଷ୍ଟି ହୋଇଛି ।

# 'ଆୟାତୋଲ୍ଲା ଖୋମିନିଙ୍କୁ ଛାଡ଼ିବୁନି'

ତେଲ ଆଭିଭ୍ : ଇସ୍ରାଏଲ ଖୋଲାଖୋଲି ଭାବରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖେମିନିଙ୍କୁ ଧମକ ଦେଇଛି । ଇସ୍ରାଏଲ ଏହି ଆକ୍ରମଣକୁ ଯୁଦ୍ଧ ଅପରାଧ ବୋଲି କହିଛି । ଖୋମିନି ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ । ତାଙ୍କୁ ଛଡ଼ାଯିବ ନାହିଁ ବୋଲି ଇସ୍ରାଏଲ କହିଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କୋଟଜ୍ ଏହି ଆକ୍ରମଣ ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, କାପୁରୁଷ ଇରାନୀ ଏକ ଏକଛତ୍ରବାଦୀ ବଙ୍କରରେ ଲୁଚି ରହିଛନ୍ତି ଏବଂ ଆମର ହସ୍ପିଟାଲ ଏବଂ ଆବାସିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରିଛନ୍ତି । ଏହା ସବୁଠାରୁ ଖରାପ ପ୍ରକାରର ଯୁଦ୍ଧ ଅପରାଧ । ଏଥିପାଇଁ ଖୋମେନିଙ୍କୁ ଦଣ୍ଡ ଭୋଗିବାକୁ ପଡିବ । ସେ ଏହି ଅପରାଧ ପାଇଁ ସମ୍ପୂର୍ଣ୍ଣ ଦାୟୀ । କାଟ୍ଜ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତେହେରାନରେ ଆକ୍ରମଣକୁ ଆହୁରି ତୀବ୍ର କରିବାକୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି ।



# ଇଣ୍ଡିଗୋ ଉପରେ ପଡିଛି ଶନିଦଶା

ନୂଆଦିଲ୍ଲୀ: ଏୟାର ଇଣ୍ଡିଆ ପରେ ଏବେ ଇଣ୍ଡିଗୋ ଉପରେ ପଡିଛି କି ଶନିଦଶା ? ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆକୁ ନେଇ ଅଘଟଣର ଖବର ଆସୁଥିବା ବେଳେ ଏବେ ପୁଣି ଇଣ୍ଡିଗୋ ଏୟାରଲାଇନ୍ସକୁ ନେଇ ଆସିବାରେ ଲାଗିଛି ଅଘଟଣର ଖବର । ଇଣ୍ଡିଗୋ ହେଉ କି ଏୟାର ଇଣ୍ଡିଆ- ଗୋଟେ ପ୍ରକାର କହିବାକୁ ଗଲେ ବିମାନ ସେବାର ବେଳା ଖରାପ ଚାଲିଛି । କାରଣ କେତେବେଳେ ଦୁର୍ଘଟଣା ତ କେତେବେଳେ ବୋମା ଧମକ ତ ଆଉ କେତେବେଳେ ଯାନ୍ତ୍ରିକ ତ୍ରୁଟି ପାଇଁ ବିମାନର ଜରୁରୀ ଅବତରଣ ହେଉଛି । ଦିଲ୍ଲୀ ବିମାନ ବନ୍ଦରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ- ୬ଇ ୨୦୦୬ । ଦିଲ୍ଲୀରୁ ଲେହ ପାଇଁ ଉଡାଣ ଭରିଥିଲା ଏହି ବିମାନ । ତେବେ ଉଡାଣ ଭରିବାର କିଛି ସମୟ ମଧ୍ୟରେ ବିମାନରେ ଦେଖାଦେଇଥିଲା ଯାନ୍ତ୍ରିକ ତ୍ରୁଟି । ଯାହା ଫଳରେ ବିମାନକୁ ଫେରାଇ ଅଣା ଯାଇଥିଲା । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିମାନକୁ ଦିଲ୍ଲୀ ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଥିଲା । ବିମାନରେ ମୋଟ ୧୮୦ ଯାତ୍ରୀ ଥିଲେ ଛ ଅବତରଣ ପରେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ।



ଗତ ମଙ୍ଗଳବାର ଦିନ ନାଗପୁରରେ ମଧ୍ୟ ଇଣ୍ଡିଗୋର ବିମାନ ଜରୁରୀ ଅବତରଣ କରିଥିଲା । ବିମାନକୁ ବୋମା ଧମକ ମିଳିବା ପରେ ଇଣ୍ଡିଗୋ ବିମାନ ଜରୁରୀ ଅବତରଣ କରିଥିଲା । କୋଚିରୁ ଦିଲ୍ଲୀ ଯାଉଥିବା ବେଳେ ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ବୋମା ଧମକ ମିଳିଥିଲା । ଇଣ୍ଡିଗୋ ବିମାନ ୬ଇ-୨୭୦୬ ଦିଲ୍ଲୀ ଅଭିମୁଖେ ଉଡାଣ ଭରି ସାରିଥିବା ବେଳେ ବୋମା ଧମକ ମିଳିଥିଲା ଆଉ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ନାଗପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରିଥିଲ ।

# କମୁଛି କରୋନା



ନୂଆଦିଲ୍ଲୀ:ଗୁରୁବାର ଦିନ ଭାରତରେ ସକ୍ରିୟ କୋଭିଡ୍-୧୯ ମାମଲା ସଂଖ୍ୟା ୫,୯୭୬କୁ ହ୍ରାସ ପାଇଛି , ଯାହା ପୂର୍ବ ଦିନ ୬,୪୮୩ ଥିଲା । ଏହା ଲଗାତାର ତୃତୀୟ ଦିନ ପାଇଁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ତିନି ଜଣଙ୍କ ମୃତ୍ୟୁ ରିପୋର୍ଟ ହୋଇଛି ।ତିନି ଜଣଙ୍କ ମୃତ୍ୟୁ ମଧ୍ୟରୁ ଦୁଇଜଣ ଦିଲ୍ଲୀର ଏବଂ ଜଣେ କେରଳର । ସମସ୍ତ ମୃତକ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଥିବା ବୟସ୍କ ବ୍ୟକ୍ତି ଥିଲେ ।ଉଲ୍ଲେଖଯୋଗ୍ୟ, ତେବେ ଏଥର କରୋନା ବେଶି ସଂଘାତିକ ନୁହେଁ ଓ ଚିନ୍ତାର ବିଷୟ ନୁହେଁ, କିନ୍ତୁ ସତର୍କତା ଆବଶ୍ୟକତା ରହିଛି ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

# ଇରାନର କ୍ଷେପଣାସ୍ତ୍ର ମାଡ଼ : ଇସ୍ରାଏଲ୍‌ର ୩୦ ଆହତ

ନୂଆଦିଲ୍ଲୀ: ଇସ୍ରାଏଲ୍- ଇରାନ ମଧ୍ୟରେ ବିବାଦ ଥମିବାର ନାଁ ଧରୁନାହିଁ । ଇସ୍ରାଏଲ ଏବଂ ଇରାନ ଲଗାତାର ସପ୍ତମ ଦିନ ପାଇଁ ପରସ୍ପର ଉପରେ ଅନେକ କ୍ଷେପଣାସ୍ତ୍ର ନିକ୍ଷେପ କରିଚାଲିଛନ୍ତି । ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲର ପ୍ରାୟ ୩୦ ଜଣ ଆହତ ହୋଇଛନ୍ତି ବୋଲି ସୂଚନା ରହିଛି । କେବଳ ସେତିକି ନୁହେଁ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲର ଅନେକ ପରମାଣୁ ସ୍ଥଳ୍, ହସ୍ପିଟାଲ୍ ଆଦି କ୍ଷତିଗ୍ରସ୍ତ ହୋଇଛି ।ସେଠାରୁ ଧୂଆଁ ବାହାରିବାର ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ ଏକ ଲାଇଭ୍ କାର୍ଯ୍ୟକ୍ରମକୁ ସାମ୍ବାଧନ କଲା ବେଳେ ଇରାନର ସର୍ବୋଚ୍ଚ ନେତା



ଆୟାତୋଲ୍ଲା ଖାମେନି ଘୋଷଣା କରିଛନ୍ତି ଯେ ଦେଶ ଏକତାରେ ରହିଛି ଏବଂ ବାହ୍ୟ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ । ଇରାନକୁ ଆତ୍ମସମର୍ପଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ । ଯାହାର ଜବାବରେ, ଖୋମେନି ଏପରି ଏକ କଠୋର ଚେତାବନୀ ଦେଇଛନ୍ତି । ସେ ଚେତାବନୀ ଦେଇ କହିଛନ୍ତି କି ଯେକୌଣସି ଆମେରିକୀୟ ସାମରିକ ଆକ୍ରମଣ ଗମ୍ଭୀର ଅପୂରଣୀୟ ପରିଣାମ ଆଣିବ ।

# କଂଗ୍ରେସ ସହ ମତଭେଦ ଅଛି : ଥରୁର

ନୂଆଦିଲ୍ଲୀ: କଂଗ୍ରେସ ନେତା ଶଶି ଥରୁର ପୁଣି ଥରେ ଖବରରେ ଅଛନ୍ତିଛ 'ବିଜେପିର ସୁପର ପ୍ରବକ୍ତା' ବୋଲି କୁହାଯିବାର ମାତ୍ର କିଛି ସପ୍ତାହ ପରେ, ଗୁରୁବାର ସେ ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି ଯେ ତାଙ୍କର କିଛି ପ୍ରସଙ୍ଗରେ କଂଗ୍ରେସ ଦଳର ନୀତି ଏବଂ ନେତୃତ୍ୱ ସହିତ ମତଭେଦ ଅଛି । ଶଶି ଥରୁର କହିଛନ୍ତି, 'ମୁଁ ଗତ ୧୬ ବର୍ଷ ଧରି କଂଗ୍ରେସରେ କାମ କରୁଛି । ମୋର ଦଳ ସହିତ କିଛି ମତଭେଦ ଅଛି, ଏବଂ ମୁଁ ଦଳ ଭିତରେ ଏହା ଉପରେ ଆଲୋଚନା କରିବି. ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କେବଳ ସାଂସଦଙ୍କ ପ୍ରତିନିଧିମଣ୍ଡଳ ସହିତ ଜଡିତ ବିଷୟ ଉପରେ ଥିଲା ।ଯେତେବେଳେ ଦେଶ ପାଇଁ କୌଣସି ସମସ୍ୟା ଉପୁଜେ, ଦେଶ ସହିତ ଠିଆ ହେବା ଆମର ଦାୟିତ୍ୱ । ଏଠାରେ ପ୍ରଶ୍ନ ଉଠୁଛି ମତଭେଦ ସତ୍ତ୍ୱେ ସେ ନିଜେ କଂଗ୍ରେସ ଛାଡିବା ପରିବର୍ତ୍ତେ ଦଳଠାରୁ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି ଅପେକ୍ଷା କରୁଛନ୍ତି? ରାଜନୈତିକ ବିଶ୍ଳେଷକଙ୍କ ମତରେ ସେ ନିଜେ ଦଳ ଛାଡ଼ିବା ପରିବର୍ତ୍ତେ ଚାହୁଁଥାଇପାରନ୍ତି ଯେ ଦଳ ତାଙ୍କୁ ଅନୁଶାସନମୂଳକ କାରଣ ଦର୍ଶାଇ ବିଦା କରୁ । ଏପରି ହେଲେ ତାଙ୍କ ଭାବମୂର୍ତ୍ତି କାଏମ ରହିବ ।



# ଭାରତ- କ୍ରୋଏସିଆ ମିଳିତ ଘୋଷଣାନାମା

# ପ୍ରତିରକ୍ଷା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗ

ନୂଆଦିଲ୍ଲୀ : ଗଣତନ୍ତ୍ର, ଆଇନର ଶାସନ, ବହୁଳତାବାଦ ଏବଂ ସମାନତା ଭଳି ସହଭାଗୀ ମୂଲ୍ୟବୋଧ ଦ୍ୱାରା ଭାରତ ଏବଂ କ୍ରୋଏସିଆ ଏକଜୁଟ ହୋଇଛନ୍ତି । ଏହା ଖୁସିର କଥା ଯେ ଗତ ବର୍ଷ, ଭାରତର ଲୋକମାନେ ମୋତେ ଦାୟିତ୍ୱ ପ୍ରଦାନ କରିଥିଲେ-ଏବଂ କ୍ରୋଏସିଆର ଲୋକମାନେ କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ୍ ପ୍ଲେନକୋଭିକଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ । ଏହି ନୂତନ ସାର୍ବଜନୀନ ଜନାଦେଶ ସହିତ, ଆମେ ଏହି କାର୍ଯ୍ୟକାଳରେ ଆମର ଦ୍ୱିପାକ୍ଷିକ ସମ୍ପର୍କର ଗତିକୁ ତିନିଗୁଣ କରିବାକୁ ପ୍ରତିଶ୍ରୁତିବଦ୍ଧ ।ପ୍ରତିରକ୍ଷା କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗ ପାଇଁ ଏକ 'ପ୍ରତିରକ୍ଷା ସହଯୋଗ ଯୋଜନା' ପ୍ରସ୍ତୁତ କରାଯିବ, ଯେଉଁଥିରେ ପ୍ରଶିକ୍ଷଣ, ପ୍ରତିରକ୍ଷା ବିନିମୟ ଏବଂ ପ୍ରତିରକ୍ଷା ଉଦ୍ୟୋଗରେ ସହଯୋଗ ଉପରେ ଗୁରୁତ୍ୱ ଦିଆଯିବ । ଅନେକ କ୍ଷେତ୍ର ଚିହ୍ନଟ କରାଯାଇଛି ଯେଉଁଠାରେ ଆମର ଅର୍ଥବ୍ୟବସ୍ଥା ପରସ୍ପରର ପରିପୂରକ ଏବଂ ଏହାକୁ ସକ୍ରିୟ ଭାବେ ଅନୁସରଣ କରାଯିବ ।ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳା ସୃଷ୍ଟି ପାଇଁ ଆମେ ଅନେକ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛୁଛ ଆମେ ଔଷଧ, କୃଷି, ସୂଚନା ପ୍ରଯୁକ୍ତି, ସ୍ୱଚ୍ଛ ପ୍ରଯୁକ୍ତି, ଡିଜିଟାଲ ପ୍ରଯୁକ୍ତି, ଅକ୍ଷୟ ଶକ୍ତି ଏବଂ ସେମିକଣ୍ଡକଟର ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହନ ଦେବୁ ।ଜାହାଜ ନିର୍ମାଣ ଏବଂ ସାଇବର ସୁରକ୍ଷା କ୍ଷେତ୍ରରେ ଆମେ ସହଯୋଗକୁ ସୁଦୃଢ଼ କରିବୁ । ଭାରତର ସାଗରମାଳା ପ୍ରକଳ୍ପ ଅଧୀନରେ କ୍ରୋଏସିଆ କମ୍ପାନୀଗୁଡ଼ିକ ବନ୍ଦର ଆଧୁନିକୀକରଣ, ଉପକୂଳ-ଜୋନ୍ ବିକାଶ ଏବଂ ମଲଟି-ମଡେଲ ସଂଯୋଗ ପଦକ୍ଷେପରେ ଅଂଶଗ୍ରହଣ କରିବାର ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି । ଆମେ ଆମର ଶିକ୍ଷାନୁଷ୍ଠାନ ଏବଂ ଗବେଷଣା କେନ୍ଦ୍ରଗୁଡ଼ିକ ମଧ୍ୟରେ ମିଳିତ ଗବେଷଣା ଏବଂ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦେଇଛୁ । ଏହାବ୍ୟତୀତ, କ୍ରୋଏସିଆ ସହିତ ନିଜର ମହାକାଶ ବିଶେଷଜ୍ଞତା ଏବଂ ଅଭିଜ୍ଞତା ବାଣ୍ଟିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ । ଆମର ଶହ ଶହ ବର୍ଷ ପୁରୁଣା ସାଂସ୍କୃତିକ ସମ୍ପର୍କ ଆମର ପାରସ୍ପରିକ ସ୍ନେହ ଏବଂ ସଦ୍ଭାବନାର ମୂଳଦୁଆ ଗଠନ କରେଛ ଅଷ୍ଟାଦଶ ଶତାବ୍ଦୀରେ, ଇଭାନ ଫିଲିପ ଭେଜଦିନୟୁରୋପରେ ସଂସ୍କୃତ ବ୍ୟାକରଣ



ପ୍ରକାଶ କରିଥିବା ପ୍ରଥମ ବ୍ୟକ୍ତି ଥିଲେ । ଗତ ୫୦ ବର୍ଷ ଧରି ଜାଗ୍ରେବ୍ ବିଶ୍ୱବିଦ୍ୟାଳୟରେ ଇଣ୍ଡୋଲୋଜି ବିଭାଗ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛି । ଆଜି ଆମେ ଆମର ସାଂସ୍କୃତିକ ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ସଂକଳ୍ପ ନେଇଛୁଛ ଜାଗ୍ରେବ୍ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଚେୟାର ପାଇଁ ବୁଝାମଣାର ଅବଧି ୨୦୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ଏବଂ ଆଗାମୀ ପାଞ୍ଚ ବର୍ଷ ପାଇଁ ଏକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି । ଲୋକମାନଙ୍କ ଗତିବିଧିକୁ ସୁଗମ କରିବା ପାଇଁ, ମୋବିଲିଟି ରାଜିନାମାକୁ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରାଯିବଛ ଭାରତର କୁଶଳୀ ଆଇଟି ଶ୍ରମଶକ୍ତିରୁ କ୍ରୋଏସିଆ କମ୍ପାନୀମାନେ ଲାଭବାନ ହୋଇପାରିବେଛ ଆମେ ଦୁଇ ଦେଶ ମଧ୍ୟରେ ପର୍ଯ୍ୟଟନ ବୃଦ୍ଧି କରିବାର ଉପାୟ ଉପରେ ମଧ୍ୟ ଆଲୋଚନା କରିଥିଲୁ ।ଏଠାରେ ଯୋଗର ଲୋକପ୍ରିୟତା ମୁଁ ସ୍ପଷ୍ଟ ଭାବେ ଅନୁଭବ କରିଛି । ଜୁନ୍ ୨୧ ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବା ସହିତ, ମୋର ବିଶ୍ୱାସ ଯେ, ସର୍ବଦା ପରି, କ୍ରୋଏସିଆର ଲୋକମାନେ ଏହି ଅବସରକୁ ବହୁତ ଉତ୍ସାହର ସହିତ ପାଳନ କରିବେ । ଆମେ ସହମତ ଯେ ଆତଙ୍କବାଦ ମାନବତାର ଶତ୍ରୁ, ଏବଂ ଗଣତାନ୍ତ୍ରିକ ଶକ୍ତିରେ ବିଶ୍ୱାସ କରୁଥିବା ପ୍ରତ୍ୟେକଙ୍କୁ ବିରୋଧ କରେ । ଏପ୍ରିଲ ୨୨ ରେ ଭାରତରେ ଆତଙ୍କବାଦୀ ଆକ୍ରମଣ ପରେ ଏକତା ପ୍ରକାଶ କରିଥିବାରୁ ଆମେ ପ୍ରଧାନମନ୍ତ୍ରୀ ଏବଂ କ୍ରୋଏସିଆ ସରକାରଙ୍କ ନିକଟରେ ଗଭୀର କୃତଜ୍ଞ ।

# ଆସିଲା ଏଚଆଇଭି ପ୍ରତିଷେଧକ ଟୀକା

ନ୍ୟୁୟର୍କ: ଏଚଆଇଭି ଏକ ବିପଦପୂର୍ଣ୍ଣ ଭାଇରସ । ଆଜି ପର୍ଯ୍ୟନ୍ତ ଏଚଆଇଭି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବରେ ଆରୋଗ୍ୟ କରିବା ପାଇଁ କୌଣସି ଔଷଧ କିମ୍ବା ଟୀକା ତିଆରି ହୋଇନାହିଁ । ତେବେ ଆଶ୍ୱସ୍ତିର କଥା ହେଉଛି ଚିକିତ୍ସା ବିଜ୍ଞାନ ଏହି ଭାଇରସକୁ ରୋକିବାରେ ଏକ ବଡ଼ ସଫଳତା ହାସଲ କରିଛି । ଆମେରିକାର ଔଷଧ ନିୟାମକୟୁଏସଏଫଡିଏ ଲେନାକାପାଭିରକୁ ପ୍ରି-ଏକ୍ସପୋଜର ପ୍ରୋଫାଇଲାକ୍ସିସ୍ ଭାବରେ ଅନୁମୋଦନ କରିଛ । ଏହା ପ୍ରଥମ ଟୀକା ଯାହା ପ୍ରତି ଛଅ ମାସରେ କେବଳ ଦୁଇଟି ଡୋଜ୍ ନେଇ ଏଚଆଇଭି ସଂକ୍ରମଣକୁ ରୋକିପାରିବ । ଉଲ୍ଲେଖଯୋଗ୍ୟ ଯେ ଏହି ଟୀକା ଏଚଆଇଭିର ଉପଚାର ନୁହେଁ । ଏହାକୁ କେବଳ ନେବା ଦ୍ୱାରା ଏଚଆଇଭି ସଂକ୍ରମଣକୁ ରୋକାଯାଇପାରିବ । ଏହି ଟୀକା ସେହି ଲୋକମାନଙ୍କ ମଧ୍ୟରେ ସଂକ୍ରମଣର ପ୍ରସାରକୁ ରୋକିବ ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନାହାଁନ୍ତି । ଉଲ୍ଲେଖଯୋଗ୍ୟ ଯେ ଏହି ଟୀକା ଏଚଆଇଭିର ଉପଚାର ନୁହେଁ । ଏହାକୁ କେବଳ ନେବା ଦ୍ୱାରା ଏଚଆଇଭି ସଂକ୍ରମଣକୁ ରୋକାଯାଇପାରିବ । ଏହି ଟୀକା ସେହି ଲୋକମାନଙ୍କ ମଧ୍ୟରେ ସଂକ୍ରମଣର ପ୍ରସାରକୁ ରୋକିବ ଯେଉଁମାନେ ଏପର୍ଯ୍ୟନ୍ତ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ନାହାଁନ୍ତି ।ଆମେରିକାର ବାୟୋ ଫାର୍ମା ଏକ ପ୍ରତିରୋଧକ ଔଷଧ ଭାବରେ ଲେନାକାପାଭିର ପ୍ରସ୍ତୁତ କରିଛି । ଏହି ଟୀକାର ପ୍ରଭାବ ଉପରେ ତିନିଟି ଗବେଷଣା କରାଯାଇଥିଲା । ତିନୋଟି ପ୍ରମୁଖ ପରୀକ୍ଷଣର ଫଳାଫଳରୁ ଜଣାପଡିଛି ଯେ ଏହି ଇଞ୍ଜେକ୍ସନ ନେବା ପରେ, ମହିଳାଙ୍କଠାରେ ଶୂନ୍ୟ (୧୦୦%) ସଂକ୍ରମଣ ହୋଇଥିଲା, ଏବଂ ପୁରୁଷମାନଙ୍କଠାରେ କେବଳ ୦.୧% ସଂକ୍ରମଣ ଦେଖାଯାଇଥିଲା । ଏହି ଗବେଷଣା ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶିତ ହୋଇଥିଲା ।




# ସୋନମର ବାପାମାଆ ଓ ଭାଇଙ୍କୁ ଜେରା

ସିଲଂ: ମେଘାଳୟର ରାଜା ରଘୁବଂଶୀ ହତ୍ୟା ମାମଲାକୁ ନେଇ ପ୍ରତିଦିନ ନୂଆ ଏବଂ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଛି । ଏହି ମାମଲାରେ କ୍ରାଇମ ସିନ୍ ରିକ୍ରିଏସନ୍ ହତ୍ୟା ମାମଲାର ସତ୍ୟକୁ ଉନ୍ମୋଚନ କରିଛି । ସୋନମଙ୍କୁ ନେଇ ସିଲଂ ପୁଲିସ୍ ଗୋଟାଏ ପରେ ଗୋଟାଏ ରାଜ୍ ଉପରୁ ପରଦା ହଟାଇବାରେ ଲାଗିଛି । ସୋନମଙ୍କ ପରିବାର ଲୋକଙ୍କ ସହ କଥା ହେବକୁ ପୁଲିସ୍ ତାଙ୍କ ଘରେ ପହଞ୍ଚିଛି । ପୁଲିସ୍ ସେଠାରେ ପହଞ୍ଚି ଏକ ବନ୍ଧ ଘରେ ସୋନମଙ୍କ ମାଆ, ବାପା ଓ ଭାଇ ଗୋବିନ୍ଦଙ୍କୁ ଜେରା କରିଛି । ଜାଣିବାକୁ ମିଳିଛି ଯେ ପୁଲିସ୍ ସେଠାରେ ଏକ ସୁଟେPସ୍ର ଯାଞ୍ଚ କରିଛିଛ ସିଲଂ ପୁଲିସ୍ ଇନ୍ଦୋର୍ରେ



ହିଁ ସେହି କଳା ବ୍ୟାଗ୍ର ଯାଞ୍ଚ କରିଛି । ଯାହାକୁ ଧରି ସୋନମ ହତ୍ୟାକାଣ୍ଡ ପରେ ସୋନମ ଇନ୍ଦୋର ଫେରି ଆସିଥିଲେ । ତେବେ ସେହି କଳା ବ୍ୟାଗ୍ ଭିତରୁ ପୁଲିସ୍କୁ ସେପରି କେଣସି ସୁରାଗ୍ ପାଇପାରିନାହିଁଛ ମେଘାଳୟ ପୁଲିସ ଏହି ହତ୍ୟାକାଣ୍ଡକୁ 'ଅପରେସନ୍ ହନିମୁନ୍' ନାମରେ ନାମିତ ତଦନ୍ତରୁ ଜଣାପଡିଛି ଯେ ରାଜା ରଘୁବଂଶୀଙ୍କ ପନୀ ସୋନମ୍ ରଘୁବଂଶୀ ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ, ଯିଏ ତାଙ୍କ ପ୍ରେମିକ ରାଜ କୁଶଓ୍ୱାହା ଏବଂ ତିନି ଜଣ କଣ୍ଟ୍ରାକଟ କିଲର୍ ବିଶାଳ ସିଂହ ଚୌହାନ, ଆନନ୍ଦ କୁର୍ମି ଏବଂ ଆକାଶ ରାଜପୁତଙ୍କ ସହିତ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିଲେ ।ଏହି ହତ୍ୟାକାଣ୍ଡ ୨୦୨୫ ମଇ ୨୩ ତାରିଖରେ ସିଲଂର ସୋହରା ଅଞ୍ଚଳରେ ଥିବା ଜଳପ୍ରପାତ ନିକଟରେ ଘଟିଥିଲାଛ କ୍ରାଇମ ସିନ୍ ରିକ୍ରିଏସନ୍ ଅନୁସାରେ, ବିଶାଳ ରାଜାଙ୍କ ମୁଣ୍ଡକୁ ପଛରୁ ପ୍ରଥମେ ଘାତକ ଆକ୍ରମଣ କରିଥିଲେ, ଯାହା ପରେ ରାଜା ରକ୍ତରେ ଜୁଡୁବୁଡୁ ହୋଇ ତଳେ ପଡ଼ି ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଥିଲେଛ ଘଟଣାସ୍ଥଳରୁ ଉଠିବାକୁ ଚେଷ୍ଟା କରିଥିଲେ । ଚାରିଆଡକୁ ଅନାଇଥିଲେ । ବଞ୍ଚିବା ପାଇଁ ରାହା ଖୋଜିଥିଲେ । ଏହି ସମୟରେ ସ୍ତ୍ରୀ ସୋନମ୍ ବି ଘଟଣାସ୍ଥଳରେ ଉପସ୍ଥିତ ଥିଲେ, କିନ୍ତୁ ସ୍ୱାମୀଙ୍କ ଉପରେ ପ୍ରଥମ ଆକ୍ରମଣ ପରେ ସେ ପଛକୁ ହଟିଯାଇଥିଲେ । ଏହା ପରେ, ଆନନ୍ଦ ଏବଂ ଆକାଶ ରାଜାଙ୍କ ଉପରେ ଆଉ ଦୁଇଥର ଆକ୍ରମଣ କରିଥିଲେ । ଯାହା ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲାଛ ତିନିଜଣ ଅଭିଯୁକ୍ତ ମିଶି ରାଜାଙ୍କ ମୃତଦେହକୁ ଘଟଣାସ୍ଥଳରୁ କିଛିଦୂରରେ ଥିବା ଏକ ନାଳରେ ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ ।

## ଟେଷ୍ଟ ଡେବ୍ୟୁରେ ଭାରତୀୟ ଅଧିନାୟକଙ୍କ ସଫଳତା

ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ମାତ୍ର ୨୫ ବର୍ଷ ବୟସରେ ଶୁଭମନ ଗିଲ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ମଙ୍ଗ ଧରିଛନ୍ତି । ସେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଏହି ଗୁରୁଦାୟିତ୍ୱ ବହନ କରିବାକୁ ଯାଉଛନ୍ତି । ଅଧିନାୟକ ହେବା ଅଲଗା ଚାପ । ଗିଲ ମଧ ଏହି ଶୃଙ୍ଖଳା ଆରମ୍ଭରୁ ଚାପରେ ରହିବେ । ତେବେ ଭାରତ ବହୁ ଅଧିନାୟକ ଅଛନ୍ତି, ଯେଉଁମାନେ ଡେବ୍ୟୁ ମ୍ୟାଚରେ ପ୍ରଭାବିତ କରିଛନ୍ତି । ସେମାନଙ୍କ ସମ୍ପର୍କରେ ।

ଯଶପ୍ରୀତ ବୁମରା: ଦୀର୍ଘ ସମୟ ବ୍ୟବଧାନ ପରେ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଭାରତୀୟ ଟେଷ୍ଟ ଦଳର ମଙ୍ଗ ଧରିଥିଲେ । ଇଂଲଣ୍ଡ ବିପକ୍ଷରେ ସେ ଦଳର ନେତୃତ୍ୱ ନେଇଥିଲେ । ଏହି ମ୍ୟାଚରେ ଇଂଲଣ୍ଡ ୩୭୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୭ ଓ୍ୱିକେଟରେ ବିଜୟ ଲାଭ କରିଥିଲା ।

ରୋହିତ ଶର୍ମା: ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକ ଡେବ୍ୟୁ ଧମାକାଦାର ଥିଲା । ମୋହାଲିରେ ଶ୍ରୀଲଙ୍କା ବିପକ୍ଷ(୨୦୨୨)ମ୍ୟାଚରେ ସେ ଦଳର ନେତୃତ୍ୱ ନେଇଥିଲେ । ସେ ମାତ୍ର ୨୯ ରନ୍ କରିଥିଲେ । କିନ୍ତୁ ଭାରତ ଇନିଂସ୍ ଓ ୨୨୨ରନ୍ ବ୍ୟବଧାନରେ ବିଜୟ ହାସଲ କରିଥିଲା ।

ଆଜିଙ୍କ୍ୟ ରାହାଣେ: ଅଷ୍ଟ୍ରେଲିଆ ବିପକ୍ଷ ଧର୍ମଶାଳା ଟେଷ୍ଟ(୨୦୧୭)ରେ ଆଜିଙ୍କ୍ୟ ରାହାଣେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ । ଅଧିନାୟକ ଭାବେ ଏହା ରାହାଣେଙ୍କ ଡେବ୍ୟୁ ଟେଷ୍ଟ ଥିଲା । ଏହି ମ୍ୟାଚରେ ଭାରତ ୮ ଓ୍ୱିକେଟରେ ଅଷ୍ଟ୍ରେଲିଆକୁ ଧରାଶାୟୀ କରିବା ସହ ରାହାଣେ ସ୍ୱତନ୍ତ୍ର ଅନୁଭୂତି ସାଉଁଟିଥିଲେ । ଏହି ମ୍ୟାଚରେ ରାହାଣେ ଦୁଇଟି ଇନିଂସରେ ୪୬ ଓ ୩୮ ରନ୍ କରିଥିଲେ ।

ବିରାଟ କୋହଲି(୨୦୧୪): ବିରାଟ କୋହଲିଙ୍କ ଟେଷ୍ଟ ଅଧିନାୟକ ଭାବେ ଡେବ୍ୟୁ ସ୍ମରଣୀୟ । ସେ ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ୍ ଟେଷ୍ଟର ଦୁଇଟି ଇନିଂସରେ ଶତକ (୧୧୫ ଓ ୧୪୧ରନ୍) ହାସଲ କରିଥିଲେ । କିନ୍ତୁ ଭାରତ ୪୮ ରନ୍ ବ୍ୟବଧାନରେ ହାରିଥିଲା ।

ଏମଏସ୍ ଧୋନି(୨୦୦୮): ୨୦୦୮ରେ କାନପୁରରେ ଦ.ଆଫ୍ରିକା ବିପକ୍ଷରେ ଧୋନି ଅଧିନାୟକ ଭାବେ ଡେବ୍ୟୁ କରିଥିଲେ । ଏହି ମ୍ୟାଚରେ ଭାରତ ବିଜୟ ଲାଭ କରିଥିଲା । ସେ ଗୋଟିଏ ଇନିଂସରେ କେବଳ ୩୨ରନ୍ କରିଥିଲେ । ଚତୁର୍ଥ ଇନିଂସ୍ ଭାରତ ଏକ ଛୋଟିଆ ଟାର୍ଗେଟ୍‌କୁ ସହଜରେ ହାସଲ କରିନେଇଥିଲା । ଅନିଲ କୁମ୍ବଲେ(୨୦୦୭): ଦିଲ୍ଲୀରେ ଅନିଲ କୁମ୍ବଲେ ୨୦୦୭ରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ଦଳର ନେତୃତ୍ୱ ନେଇଥିଲେ । ଏହି ମ୍ୟାଚରେ କୁମ୍ବଲେ ୭ ଓ୍ୱିକେଟ ଦଖଲ କରିଥିଲେ । ତେଣୁ ଭାରତ ଏହି ମ୍ୟାଚରେ ପାକିସ୍ତାନକୁ ୬ ଓ୍ୱିକେଟରେ ହରାଇ ସ୍ମରଣୀୟ ବିଜୟ ହାସଲ କରିଥିଲା ।

ବୀରେନ୍ଦ୍ର ସେହ୍ୱାଗ(୨୦୦୫): ଅହମ୍ମଦାବାଦ(୨୦୦୫)ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ଖେଳିଥିଲା ଭାରତ । ବୀରେନ୍ଦ୍ର ସେହ୍ୱାଗ ଦଳର ନେତୃତ୍ୱ ନେଇଥିଲେ । ସେ ଦୁଇଟି ଇନିଂସରେ ଯଥା ୨୦ ଓ ଶୂନ୍ୟ କରିଥିଲେ । ତଥାପି ଭାରତ ଏହି ମ୍ୟାଚରେ ୨୫୯ରନ୍ ବ୍ୟବଧାନରେ ବିଜୟ ଲାଭକରିଥିଲା । ରାହୁଲ ଦ୍ରାବିଡ୍(୨୦୦୩): ନ୍ୟୁଜିଲାଣ୍ଡ ବିପକ୍ଷ ମୋହାଲି ଟେଷ୍ଟ(୨୦୦୩)ରେ ରାହୁଲ ଦ୍ରାବିଡ ଅଧିନାୟକ ଭାବେ ଟେଷ୍ଟ ଡେବ୍ୟୁ କରିଥିଲେ । ଏହି ମ୍ୟାଚ ଡ୍ର ରହିଥିଲା ।

ସୌରଭ ଗାଙ୍ଗୁଲି(୨୦୦୦): ଢ଼ାକାରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ଗାଙ୍ଗୁଲୀ ଅଧିନାୟକ ଭାବେ ଡେବ୍ୟୁ କରିଥିଲେ । ସେ ପ୍ରଥମ ଇନିଂସରେ ୮୪ରନ୍ ସଂଗ୍ରହ କରିଥିଲେ । ଏହି ମ୍ୟାଚରେ ଭାରତ ଜମାଣିଆ ବିଜୟ ହାସଲ କରିଥିଲା ।

ଏବେ ଶୁଭମନ ଗିଲଙ୍କ ପାଳି । ସେ ଅଧିନାୟକ ଭାବେ ଡେବ୍ୟୁ ମ୍ୟାଚ କିଭଳି ଦଳର ନେତୃତ୍ୱ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିବ ।

# ଆଜିଠୁ ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ



ନୂଆଦିଲ୍ଲୀ, ୧୯।୬(ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି । ଏହି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରୁ ଭାରତ ଓ ଇଂଲଣ୍ଡ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ର ଆରମ୍ଭ କରିବାକୁ ଯାଉଛନ୍ତି । ବେଶ୍ କିଛି ମାସ ହେବ ଏହି ଶୃଙ୍ଖଳାକୁ ନେଇ ଆଲୋଚନା ସମାଲୋଚନା ତଥା ଚ୍ୟାଲେଞ୍ଜ୍ ଉପରେ ତର୍ଜମା ଚାଲିଛି । କାରଣ ଭାରତୀୟ ଦଳରେ ୩ ଅଭିଜ୍ଞ ଖେଳାଳି ନାହାଁନ୍ତି । ରୋହିତ ଶର୍ମା ଓ ବିରାଟ କୋହଲି ଆଇପିଏଲ୍ ସମୟରେ ଟେଷ୍ଟ ଓ୍ୱିକେଟରୁ ଅବସର ଘୋଷଣା କରିଥିଲେ । ଗତ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଅଭିଜ୍ଞ ସ୍ପିନ୍‌ର ରବିଚନ୍ଦ୍ର ଅଶ୍ୱିନ୍ ଅବସର ନେଇଥିଲେ । ତେଣୁ ଏହି ୩ ପୁରୁଖା ଖେଳାଳିଙ୍କ ବିନା ଯୁବ ଭାରତୀୟ ଦଳ ପାଇଁ ଇଂଲଣ୍ଡ ଗସ୍ତ ସମ୍ପୂର୍ଣ୍ଣ ଭାବେ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ରହିବ । ଦଳର ଅଭିଜ୍ଞ ରବିନ୍ଦ୍ର ଜାଡେଜାଙ୍କ ସହ ଯଶପ୍ରୀତ ବୁମରା ଅଛନ୍ତି । ତେଣୁ ବୋଲିଂ ବର୍ଗ ଅପେକ୍ଷା ଭାରତ ପାଇଁ ବ୍ୟାଟିଂ ମଙ୍ଗ କିଏ ଧରିବ ସେ ନେଇ ଅନିଶ୍ଚିତତା ଜାରି ରହିଛି । ନବାଗତ ଅଧିନାୟକ ଭାବେ ଶୁଭମନ୍ ଗିଲ୍ ଦଳର ନେତୃତ୍ୱ ନେବେ । ତାଙ୍କ ପାଇଁ ଏହି ଶୃଙ୍ଖଳା ଅଗ୍ନୀପରୀକ୍ଷା ଭଳି ହେବ ।

ଶୃଙ୍ଖଳା ଆରମ୍ଭ ପୂର୍ବରୁ ଭାରତ ପାଇଁ ନିରାଶଜନକ ଖବର ଆସିଛି । ଦୀର୍ଘ ୮ ବର୍ଷ ତଳେ ଦଳକୁ ଫେରିଥିବା କରୁଣ ନାଏର ଅଭ୍ୟାସ ସମୟରେ ଆହତ ହୋଇଛନ୍ତି । ପ୍ରସିଦ୍ଧ କ୍ରୀଷ୍ଣାଙ୍କ ବଲ ତାଙ୍କ ପେଟରେ ବାଜିଥିଲା । କିଛି ସମୟରେ ସେ ବ୍ୟାଟିଂ ଜାରି ରଖିଥିଲେ ହେଁ ଅସୁସ୍ଥ ଅନୁଭବ କରିଥିଲେ । ଏହା ପରେ ସେ ଅଭ୍ୟାସ ବନ୍ଦ କରି ଫିଜିଓଙ୍କ ସହ କଥା ହୋଇଥିଲେ । କରୁଣ ନାଏରଙ୍କ ଏହି ଆଘାତ କେତେ ଗୁରୁତର ତାହା ଜଣା ପଡିନାହିଁ ।

ଇଂଲଣ୍ଡ ଗସ୍ତରେ ଏହି ବ୍ୟାଟ୍‌ର ଦମ୍‌ଦାର ଫର୍ମରେ ଅଛନ୍ତି । ଅଭ୍ୟାସ ମ୍ୟାଚ୍‌ରେ ୨୫୯ ରନ୍ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । କରୁଣ ନାଏର ଭାରତ ପାଇଁ ୨୦୧୭ ରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ୮ ବର୍ଷ ପରେ ସେ ଜାତୀୟ ଦଳକୁ ଫେରିଛନ୍ତି । ଚୂଡାନ୍ତ ଏକାଦଶରେ ସେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି । ହେଲେ ମ୍ୟାଚ୍ ପୂର୍ବରୁ ଏହି ଆଘାତ ସମସ୍ୟା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି । ଯଦି ନାଏର ଫିଟ୍ ନହୁଅନ୍ତି ତେବେ ଚୂଡାନ୍ତ ଏକାଦଶରେ ତାଙ୍କ ସ୍ଥାନ ଅନ୍ୟ କୌଣସି ଖେଳାଳିଙ୍କୁ ଦିଆଯାଇପାରେ । ଏହିଭଳି ପରିସ୍ଥିତିରେ ଅଭିମନ୍ୟୁ ଇଶ୍ୱରନ୍‌ଙ୍କ ଉପରେ ଅଧିକ ଭରସା ଦେଖାଇବ ।

ଇଶ୍ୱରନ୍ ଦୀର୍ଘ ସମୟ ଧରି ଭାରତୀୟ ଏ ଦଳ ଓ ଘରୋଇ କ୍ରିକେଟ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଆସିଛନ୍ତି । ତେବେ ମ୍ୟାଚ୍ ଦିନ ଟସ୍ ପୂର୍ବରୁ ହିଁ ଚିତ୍ର ସ୍ପଷ୍ଟ ହୋଇଯିବ । ଅନ୍ୟପଟେ ଇଂଲଣ୍ଡ ପ୍ରଥମ ଟେଷ୍ଟ ମୁକାବିଲା ପାଇଁ ଦଳ ଘୋଷଣା କରିସାରିଛି ।

ଏହି ଶୃଙ୍ଖଳାରେ ବ୍ୟାଟ୍‌ର ଓ ବୋଲରଙ୍କ ବ୍ୟତିତ୍ ଅଲରାଉଣ୍ଡରଙ୍କ ଭୂମିକା ମଧ ନିର୍ଣ୍ଣାୟକ ସାବ୍ୟସ୍ତ ହେବ । ଭାରତ ପାଖରେ ଅଭିଜ୍ଞ ଓ ଦକ୍ଷ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଅଛନ୍ତି । ସେ ଇଂଲଣ୍ଡରେ ୭୦ ଓ୍ୱିକେଟ୍ ନେବା



ସହ ଦୁଇଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ମାରିଛନ୍ତି । ସେ ଇଂଲଣ୍ଡ ମାଟିରେ ୧୦୩୧ ରନ୍ କରିଛନ୍ତି । ଇଂଲଣ୍ଡ ପାଇଁ ଅଧିନାୟକ ବେନ୍ ଷ୍ଟୋକ୍ ସବୁଠୁ ବଡ ଅସ୍ତ୍ର ହେବ । ବେନ୍ ଷ୍ଟୋକ୍‌ଙ୍କ ପ୍ରଦର୍ଶନ ମଧ ଉଚ୍ଚ କୋଟିର ରହିଛି । ଯଶପ୍ରୀତ ବୁମରା, ପ୍ରସିଦ୍ଧ କ୍ରୀଷ୍ଣା ଓ ମହମ୍ମଦ ସିରାଜ ଭାରତୀୟ ବୋଲିଂଙ୍କୁ ସୁଦୃଢ କରିବେ । ଶେଷ ମୁହୂର୍ତ୍ତରେ ଯଦି ହର୍ସିତ୍ ରାଣାଙ୍କୁ ସାମିଲ କରାଯାଏ ତେବେ ଭାରତ ମଧ ଆଉ ଏକ ମାଷ୍ଟର ଷ୍ଟ୍ରୋକ୍ ଖେଳିବ । ବ୍ୟାଟିଂ ଅର୍ଡରରେ କରୁଣ ନାଏରଙ୍କ ବ୍ୟତୀତ ଯଶସ୍ୱୀ ଜୟସ୍ୱାଲ୍ ଶୁଭମନ୍ ଗିଲ୍ ଓ ଉପଅଧିନାୟକ ରିଷଭ ପନ୍ତଙ୍କ ସଫଳତା ଉପରେ ମ୍ୟାଚ୍‌ର ଫଳାଫଳ ନିର୍ଭର କରିବ ।

ଘରୋଇ ସମସ୍ୟା ପାଇଁ ସ୍ୱଦେଶ ଫେରିଆସିଥିବା କୋଚ୍ ଗୌତମ ଗମ୍ଭୀର ପୁଣି ଦଳ ସହ ଯୋଗ ଦେଇଥିବାରୁ ଖେଳାଳିଙ୍କ ମନୋବଳ ବଢିଛି । ଗମ୍ଭୀରଙ୍କ ମା ସୀମା ଗମ୍ଭୀରଙ୍କ ହୃଦଘାତ ପରେ ସେ ସ୍ୱଦେଶ ଫେରିବାକୁ ବାଧ ହୋଇଥିଲେ । ବୁଧବାର ପୁଣି ଦଳ ସହ ଯୋଗ ଦେଇ ଗମ୍ଭୀର ଖେଳାଳିଙ୍କ ଅଭ୍ୟାସ ଅଧିବେଶନର ତଦାରଖ କରିଥିଲେ । ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ ପ୍ରଶିକ୍ଷକ ସୀତାଂଶୁ କୋଟାକ, ରିୟାନ୍ ଟେନ୍ ଡୋଏଶେଟ୍, ମର୍ଣ୍ଣ ମୋରକେଲ୍ ଭାରତୀୟ ଖେଳାଳିଙ୍କ ଅଭ୍ୟାସ ତଦାରଖ କରିଥିଲେ । ଏହାଛଡା ଭାରତୀୟ ଏ ଦଳର ପ୍ରଶିକ୍ଷକ ହୃଷିକେଶ କାନିଟ୍‌କର ଓ ଜାତୀୟ କ୍ରିକେଟ୍ ଏକାଡେମୀର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଇଂଲଣ୍ଡରେ ଅଛନ୍ତି ।

ସମ୍ଭାବ୍ୟ ଭାରତୀୟ ଦଳ : ଶୁଭମନ୍ ଗିଲ୍, ରିଷଭ ପନ୍ତ, ଆକାଶ ଦିପ୍, ଅର୍ଶଦୀପ୍ ସିଂ, ଯଶପ୍ରୀତ ବୁମରା, ଅଭିମନ୍ୟୁ ଇଶ୍ୱରନ୍, ହର୍ସିତ ରାଣା, ରବିନ୍ଦ୍ର ଜାଡେଜା, ଯଶସ୍ୱି ଜୟସ୍ୱାଲ୍, ଧ୍ରୁବ୍ ଜୁରେଲ୍, କୁଲଦିପ୍ ଯାଦବ, ମହମ୍ମଦ ସିରାଜ, କରୁଣ ନାଏର, ନିତୀଶ କୁମାର ରେଡ୍ଡି, ପ୍ରସିଦ୍ଧ କ୍ରୀଷ୍ଣା, ଲୋକେଶ ରାହୁଲ, ସାଇ ସୁଦର୍ଶନ, ସାର୍ଦୁଲ୍ ଠାକୁର ଓ୍ୱାସିଂଙ୍ଗଟନ୍ ସୁନ୍ଦର ।

ସମ୍ଭାବ୍ୟ ଇଂଲଣ୍ଡ ଏକାଦଶ : ଜ୍ୟାକ୍ କ୍ରାଓଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ବେଲ୍ ଷ୍ଟୋକ୍ସ, ଜାମି ସ୍ମିଥ୍, କ୍ରିସ୍ ଓକ୍ସ, ବ୍ରେଡନ୍ କାରସେ, ଜୋସ୍ ଟଙ୍ଗଓ୍ୱି ଓ ଶୋଏବ୍ ବସିର୍ ।

**ଆଜିର ମ୍ୟାଚ୍**

**ସ୍ଥାନ- ଲିଡସ୍**

**ସମୟ- ଅପରାହ୍ନ ୩.୩୦**

**ପ୍ରସାରଣ- ଷ୍ଟାର୍**

---

### ରଗ୍‌ବୀ ପ୍ରିମିୟର ଲିଗ୍

## ଚେନ୍ନାଇ ବୁଲ୍ସ ସହ ଡ୍ର ରଖିଲା କଳିଙ୍ଗ



ମୁମ୍ବାଇ, ୧୯।୬ (ଏଜେନ୍ସି) : ମୁମ୍ବାଇର ସାହାଜି କ୍ରୀଡା କମ୍ପ୍ଲେକ୍ସରେ ଜାରି ରହିଥିବା ରଗ୍‌ବୀ ପ୍ରିମିୟର୍ ଲିଗ୍‌ର ଏକ ରୋମାଞ୍ଚକର ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ସହ ୨୬-୨୬ରେ ମ୍ୟାଚ୍ ଡ୍ର ରଖିଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ ।

ଚଳିତ ପ୍ରିମିୟର ଲିଗ୍‌ର ଅଷ୍ଟମ ମ୍ୟାଚ୍‌ରେ ଏହି ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିଥିଲା । ସିଜନ୍‌ର ପ୍ରଥମ ତିନୋଟି ମ୍ୟାଚ୍ ଜିତିଥିବା ଚେନ୍ନାଇ ବୁଲ୍ସ ଆରମ୍ଭରୁ ଗତିଶୀଳତା ସହ ଆରମ୍ଭ କରିଥିଲେ । କିନ୍ତୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ମଧ ଅନୁରୂପ ପ୍ରଦର୍ଶନ ଦେଖାଇଥିଲା । ଏହି ମ୍ୟାଚ୍‌ର ଫଳାଫଳ କଳିଙ୍ଗ ଟିମ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ହଞ୍ଜ୍ ଭେଞ୍ଚର୍ସ ସମର୍ଥିତ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଆରପିଏଲ୍ ମଞ୍ଚରେ ଓଡିଶାର ପ୍ରତିନିଧିତ୍ୱ କରୁଛି । ମ୍ୟାଚ୍ ଆରମ୍ଭରୁ ତୀବ୍ର ଲଢେଇ ହୋଇଥିଲା । ଖେଳ ଏପରି ଥିଲା ଯେ, ଫଳାଫଳ କେଉଁ ଦଳ ସପକ୍ଷରେ ଯିବ ତାହା ଶେଷ ଯାଏ ସ୍ଥିର ହୋଇପାରିନଥିଲା । ଏହି ଡ୍ର କଳିଙ୍ଗକୁ ପ୍ଲେ ଅଫ୍ ଯୋଗ୍ୟତା ହାସଲ କରିବାକୁ ସୁଯୋଗ ଆଣି ଦେଇଛି । ଲିଗ୍ ଅନ୍ୟ ପକ୍ଷମାନଙ୍କୁ ଏକ ଦୃଢ ବାର୍ତ୍ତା ଦେଇଛି । ଟିମ୍‌ର ସନ୍ତୁଳିତ ପ୍ରଦର୍ଶନ, କଡା ରକ୍ଷଣାତ୍ମକ ସଂରଞ୍ଚନା ଏବଂ ସ୍କୋର କରିବାର ଏକ ନିଷ୍ଠ ଐକିକତା ସେମାନଙ୍କୁ ଆଗାମୀ ମ୍ୟାଚ୍‌ଗୁଡିକରେ ଏକ ଦଳ କରି ଗଢି ତୋଳିଛି । ଏହି ଫଳାଫଳକୁ ନେଇ କଳିଙ୍ଗ ଟାଇଗର୍ସ ଅଧିନାୟକ ହରି ମ୍ୟାକନ୍‌ଲିଟ୍

## ୧ ବିଲିଅନ ଦର୍ଶକ ଦେଖିଲେ ଆଇପିଏଲ୍



ନୂଆଦିଲ୍ଲୀ,୧୯।୬(ଏଜେନ୍ସି): ଆଇପିଏଲ ୧୮ତମ ଟାଇଟଲ ହାସଲ କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଟୁର୍ଣ୍ଣାମେଣ୍ଟରେ ନୂଆ ଚାମ୍ପିଅନ ମିଳିଲା । ଆଇପିଏଲ ୨୦୨୫ ଭ୍ୟୁଅରସିପ ମାମଲାରେ ଗତ ସମସ୍ତ ରେକର୍ଡ ଭାଙ୍ଗିଛି ଏଥର ଫାଇନାଲ ମ୍ୟାଚ । ଚଳିତବର୍ଷ ଆଇପିଏଲ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୫ ଓ୍ୱିକେଟରେ ପଞ୍ଜାବ କିଙ୍ଗସକୁ ହରାଇ ଜିତିଥିଲା ଟ୍ରଫି ।

ଅଫିସିଆଲ ବ୍ରଡକାଷ୍ଟର ଜିଓଷ୍ଟାର ମୁତାବକ, ଆଇପିଏଲ ୨୦୨୫ ଟିଭି ଏବଂ ଡିଜିଟାଲ ପ୍ଲାଟଫର୍ମରେ ମୋଟ ୮୪୦ ବିଲିଅନ ମିନିଟରୁ ଅଧିକ ଦେଖାଯାଇଛି । ଏକ ବିଲିଅନରୁ ଅଧିକ ଲୋକ ଟୁର୍ଣ୍ଣାମେଣ୍ଟକୁ ଦେଖିଛନ୍ତି । ଆଇପିଏଲ ଆରମ୍ଭ ମ୍ୟାଚରେ ଭ୍ୟୁଅରସିପ ଅଧିକ ରହିଥିଲା । ଜିଓ ହଟଷ୍ଟାରରେ ପ୍ରଥମ ୩ଟି ମ୍ୟାଚ ପୂର୍ବ ବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ ରହିଥିଲା । ଯାହାକୁ ମୋଟ ୧୩୭ କୋଟି ଲୋକ ଦେଖିଥିଲେ ।

ଆଇପିଏଲ ୨୦୨୫ ଫାଇନାଲ ମ୍ୟାଚ ଟି୨୦ ଇତିହାସରେ ସବୁଠାରୁ ଅଧିକ ଦେଖାଯାଇଥିବା ମ୍ୟାଚ ହୋଇଥିଲା । ଏହି ମ୍ୟାଚକୁ ଅଲଗା ଅଲଗା ପ୍ଲାଟଫର୍ମରେ ୩୧.୭ ବିଲିଅନ ମିନିଟ ଓ୍ୱାଚଟାଇମ ମିଳିଥିଲା, ଯାହା ଏପର୍ଯ୍ୟନ୍ତ ରେକର୍ଡ । ଟିଭିରେ ଏହି ଟାଇଟଲକୁ ୧୬୯ ମିଲିଅନ ଲୋକ ଦେଖିଛନ୍ତି । ଡିଜିଟାଲ ପ୍ଲାଟଫର୍ମରେ ୮୯୨ ମିଲିଅନ ଭିଡିଓ ଭ୍ୟୁ ଏବଂ ୫୫ ମିଲିଅନ ଦର୍ଶକ ଦେଖିଛନ୍ତି । ଷ୍ଟାର ସ୍ପୋର୍ଟ୍ସରେ ୪୫୬ ବିଲିଅନ ମିନିଟ ଲାଇଭ କଭରେଜ ଦେଇଥିଲା, ଯାହା ଟୁର୍ଣ୍ଣାମେଣ୍ଟର ପାଇଁ ସବୁଠାରୁ ଅଧିକ ।

### ଜାତୀୟ ଜୁନିୟର କରାଟେ ରୋହନଙ୍କୁ ବ୍ରୋଞ୍ଜ

ବାଲୁଁଗା,୧୯।୬(ସବ୍ୟୁ): ଗତ ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନ୍ ଠାରେ ଚାଲିଥିବା ୪ର୍ଥ (କିଓ) ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ବାଲୁଁଗା ଉତ୍କଳ କରାଟେ ସ୍କୁଲର କରାଟେକା ରୋହନ ସ୍ୱାଇଁ ୧୩ ବର୍ଷ ୬୫ କେଜି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହା ଥିଲା ତାଙ୍କର ପ୍ରଥମ ଜାତୀୟ ପ୍ରତିଯୋଗିତା । କୋଚ୍ ଦୀପକ କୁମାର ସାମନ୍ତରା କହିଛନ୍ତି, ଏବେଠାରୁ ଆହୁରି ନୂତନ ପ୍ରକାରର ପ୍ରଣାଳୀରେ ଟ୍ରେନିଂ କରାଇ ଆସନ୍ତା ଦିନ ମାନଙ୍କରେ ହେବାକୁ ଥିବା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ । ରୋହନଙ୍କ ଏହି ସଫଳତା ପାଇଁ ରାଜ୍ୟ କରାଟେ ସଂଘ ଅଧକ୍ଷ ହାନସି ଡ.ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, ପରିବାର ବର୍ଗ, ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ଅଞ୍ଚଳର କ୍ରୀଡ଼ାପ୍ରେମୀ ଓ ଜିଲ୍ଲା କରାଟେ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଯୋଗ୍ୟ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାରୁ ୫ ଜଣ ପ୍ରତିଯୋଗୀ ଓଡ଼ିଶା ରାଜ୍ୟରୁ ପ୍ରତିନିଧି କରିଥିଲେ ।

### ଗାଲେ ଟେଷ୍ଟ

# ଶ୍ରୀଲଙ୍କାର ଲଢୁଆ ଜବାବ

ଗାଲେ, ୧୯।୬(ଏଜେନ୍ସି) : ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ରୋମାଞ୍ଚ ଜାରି ରହିଛି । ଉଭୟ ଦଳର ବ୍ୟାଟର ଖୁବ୍ ଚମକାର ପ୍ରଦର୍ଶନ ଦେଖାଇଛନ୍ତି । ବାଂଲାଦେଶ ପ୍ରଥମ ପାଳିରେ ୪୯୫ ରନ୍ କରି ଅଲ୍‌ଆଉଟ୍ ହୋଇଥିବାବେଳେ ଶ୍ରୀଲଙ୍କା ପ୍ରଥମ ଇନିଂସ୍ ବ୍ୟାଟିଙ୍ଗ୍ ଆରମ୍ଭ କରି ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୯୩ ଓଭରରେ ୪ ଓ୍ୱିକେଟ୍‌ରେ ହରାଇ ୩୬୮ ରନ୍ କରିଛି । ଓପନ୍‌ର ପାଥୁମନିଶାଙ୍କ ୧୮୭ ରନ୍‌ର ଜମାଣିଆ ଇନିଂସ୍ ଖେଳିଥିଲେ ।

ତୃତୀୟ ଦିନ ବାଂଲାଦେଶ ଅସମାପ୍ତ ପ୍ରଥମ ଇନିଂସ୍ ୪୮୪/୯ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଦଳୀୟ ସ୍କୋରରେ ଆଉ ୧୧ ରନ୍ ଯୋଡିବା ପରେ ନାହିଦ୍ ରାଣା ଶେଷ ଓ୍ୱିକେଟ୍ ଭାବେ ପାଭିଲିୟନ୍ ଖେଳିଥିଲେ । ହସନ୍ ମହମ୍ମୁଦ୍ ୭ ରନ୍ କରି ଅପରାଜିତ ଥିଲେ । ପୂର୍ବରୁ ଅଧିନାୟକ ନାଜମୁଲ୍ ହୁସେନ୍ ସାଣ୍ଟୋ ୧୪୮, ମୁସଫିକର୍ ରହିମ୍ ୧୬୩ ରନ୍, ଲିଟନ୍ ଦାସ ୯୦ରନ୍ କରିଥିଲେ । ତେରୁ ତୃତୀୟ ଦିନ ପ୍ରଥମ ଅଧିବେଶନରେ ବାଂଲାଦେଶ ୧୫୩.୪ ଓଭରରେ ୪୯୫ ରନ୍‌ରେ ଅଲଆଉଟ୍ ହୋଇଥିଲା । ଶ୍ରୀଲଙ୍କାର ଅସିଥ୍ ଫର୍ଣ୍ଣାଣ୍ଡୋ ୪ ଟି, ମିଲନ୍ ରତ୍ନାୟକେ ଓ ଫାରିନ୍ଦୁ ରତ୍ନାୟକେ ୩ ଲେଖାଏଁ ଓ୍ୱିକେଟ୍ ହାସଲ କରିଥିଲେ ।

ବାଂଲାଦେଶ ଇନିଂସ୍ ଶେଷ ହେବା ପରେ ପ୍ରଥମ ପାଳି ବ୍ୟାଟିଙ୍ଗ୍ ଆରମ୍ଭ କରିଥିଲା ଘରୋଇ ଶ୍ରୀଲଙ୍କା । ଓପନ୍‌ର ପାଥୁମ ନିଶାଙ୍କ ସହ ଲାହିରୁ ଉଡାରା ପାଳି ଆରମ୍ଭ କରିଥିଲେ । ପ୍ରଥମ ଓ୍ୱିକେଟ୍ ୪୭ ରନ୍ ପାର୍ଟନର ସିପ୍ ହୋଇଥିଲା । ବ୍ୟାଟିଙ୍ଗ୍ ଫ୍ରେଣ୍ଡଲି ଓ୍ୱିକେଟ୍‌ରେ ପାଥୁମ ଜମାଣିଆ ଖେଳିଥିବା ବେଳେ ଲାହିରୁ ଉଡାରା ପ୍ରଥମ ଓ୍ୱିକେଟ୍ ଭାବେ ପାଭିଲିୟମ୍ ଫେରିଥିଲେ । ଲାହିରୁ ୩୪ ବଲ୍ ସମ୍ମୁଖୀନ ହୋଇ ୨୯ ରନ୍ କରିଥିଲେ । ପ୍ରଥମ ଓ୍ୱିକେଟ୍ ଝଡିବା ପରେ ପଡିଆକୁ ଆସିଥିଲେ ଦିନେସ ସାଣ୍ଡିମଲ୍ । ଦ୍ୱିତୀୟ ଓ୍ୱିକେଟ୍ ପାଇଁ ନିଶାଙ୍କ ଓ ଚାଣ୍ଡିମନ୍‌ଙ୍କ ମଧ୍ୟରେ ୧୫୭ ରନ୍‌ର ପାର୍ଟନର ସିପ୍ ହୋଇଥିଲା । ଚାଣ୍ଡିମନ୍ ୫୪ ରନ୍‌ର ଅର୍ଦ୍ଧ ଶତକୀୟ ଇନିଂସ୍ ଖେଳିଥିଲେ । ସେ ପାଭିଲିୟନ୍ ଫେରିବା ବେଳକୁ ଶ୍ରୀଲଙ୍କାର ଦଳୀୟ ସ୍କୋର ୫୧.୫ ଓଭରରେ ୨୦୪/୨ରେ ପହଞ୍ଚିଥିଲା । ୪ ନମ୍ବର ସ୍ଥାନରେ ବ୍ୟାଟିଙ୍ଗ୍ କରିବାକୁ ଆଞ୍ଜେଲୋ ମାଥ୍ୟୁସ୍ ଆସିଥିଲେ । ସେ ୬୯ ବଲ୍‌ର ସମ୍ମୁଖୀନ ହୋଇ ଗୋଟିଏ ଛକା ଓ ୩ ଟି ଚଉକା ସହାୟତାରେ ୩୯ ରନ୍ କରିଥିଲେ । ମୋମିନୁଲ୍ ହକ୍ ଏହି ସେଟ୍ ବ୍ୟାଟର ଆଞ୍ଜେଲ୍ ମାଥ୍ୟୁସ୍‌ଙ୍କୁ ଆଉଟ୍ କରିବାରୁ ରନ୍ ସଂଗ୍ରହରେ ସାମାନ୍ୟ ଅଙ୍କୁଶ ଲାଗିଥିଲା । କିନ୍ତୁ ପାଥୁମ୍ ନିଶାଙ୍କ ବ୍ୟାଟ୍ ଥମି ନଥିଲା । ସେ ୮୮ ବଲ୍‌ରୁ ଅର୍ଦ୍ଧ ଶତକ, ୧୩୬ ବଲ୍‌ରୁ ଶତକ ପୂରଣ କରିଥିଲେ । ସେ ୨୦୧ ବଲ୍‌ରୁ ୧୫୦ ରନ୍ ପୂରଣ କରିଥିଲେ । ନିଶାଙ୍କ ୨୫୬ ବଲ୍ ସମ୍ମୁଖୀନ ହୋଇ ୨୩ ଟି ଚଉକା ଓ ଗୋଟିଏ ଛକା ସହାୟତାରେ ୧୮୭ ରନ୍ କରି ମହମ୍ମୁଦଙ୍କ ଶିକାର ହୋଇଥିଲେ । ନିଶାଙ୍କ ଆଉଟ୍ ହେବା ବେଳକୁ ଶ୍ରୀଲଙ୍କା ୮୫.୩ ଓଭରରେ ୩୩୧ ରନ୍ ସଂଗ୍ରହ କରିଥିଲା । ଏହା ପରେ କାମିନ୍ଦୁ ମେଣ୍ଡିସ୍ ୫୬ ବଲରୁ ୩୭ ଓ ଅଧିନାୟକ ଧନଞ୍ଜୟ ଡିସିଲଭା ୨୬ ବଲରୁ ୧୭ ରନ୍ କରି ଅପରାଜିତ ଅଛନ୍ତି । ତେଣୁ ଶ୍ରୀଲଙ୍କା ୯୩ ଓଭରରେ ୪ ଓ୍ୱିକେଟ୍ ହରାଇ ୩୬୮ ରନ୍ କରିଛି । ଏବେବି ଘରୋଇ ଦଳ ବାଂଲାଦେଶ ଇନିଂସ୍‌ଠାରୁ ୧୨୭ ରନ୍‌ଠାରୁ ପଛରେ ଅଛି । ବାଂଲାଦେଶର ହାସନ୍ ମହମ୍ମୁଦ୍, ତାଇଜୁଲ୍ ଇସଲାମ୍, ନଇମ ହାସନ୍ ଓ ମୋମିନୁଲ୍ ହକ୍ ଗୋଟିଏ କରି ଓ୍ୱିକେଟ୍ ସଫଳତା ହାସଲ କରିଥିଲେ । ମ୍ୟାଚ୍‌ର ଆଉ ଦୁଇଦିନ ବାକି ଥିବାରୁ ଘରୋଇ ଦଳ ଫଳାଫଳ ଆଶାରେ ସଂଘର୍ଷ କରିବ ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିଲେ ଉକ୍ତ ବାର୍କୋଡ୍ ଉପଯୋଗ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି